

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008

# ସମ୍ବାଦ କଳିକା
The Sambad Kalika

E-mail : sambadkalikanews@gmail.com

ମୂଲ୍ୟ : ୨.୦୦ ଟଙ୍କା
୮ ପୃଷ୍ଠା
8 Pages, ₹ 2.00

● ବର୍ଷ-୩୧ ● ସଂଖ୍ୟା-୨୧୩ ● ୩୦ ଅଗଷ୍ଟ ୨୦୨୪, ଶୁକ୍ରବାର ● ଭୁବନେଶ୍ୱର ● Vol -31 ● Issue-213 ● 30th August 2024, Friday ● Bhubaneswar
Licensed to post without pre-payment of postage No- BN-60/22-24

## ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ଉଚ୍ଚଶିକ୍ଷା ବିଭାଗ ଖର୍ଚ୍ଚ ଦାବି ପାରିତ

# ୨୪ ବର୍ଷର ଶାସନ ବନାମ ୭୯ ଦିନ କାମର ହିସାବ ଦେଲେ ଦୁଇ ମନ୍ତ୍ରୀ

ଭୁବନେଶ୍ୱର, ୨୯।୮
ନ୍ୟୁଜ୍ ବ୍ୟୁରୋ

୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଗୁରୁବାର ବିଧାନସଭାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସର୍ବମୋଟ ୨୬୩୯୧ କୋଟି ୦୮ ଲକ୍ଷ ୭୮ ହଜାର ଟଙ୍କା ଏବଂ ଉଚ୍ଚଶିକ୍ଷା ବିଭାଗର ମୋଟ ୩୪୭୭ କୋଟି ୮୨ ଲକ୍ଷ ୫୮ ହଜାର ଟଙ୍କାର ଖର୍ଚ୍ଚ ଦାବି ଉପରେ ସରଗରମ ଆଲୋଚନା ଏବଂ ସଂପୃକ୍ତ ବିଭାଗୀୟ ମନ୍ତ୍ରୀ ଯଥାକ୍ରମେ ନିତ୍ୟାନନ୍ଦ ଗଣ୍ଡ ଓ ସୂର୍ଯ୍ୟବଂଶୀ ସୂରଜଙ୍କ ଉତ୍ତର ପରେ ପାରିତ ହୋଇଛି। ଏହି ଖର୍ଚ୍ଚ ଦାବି ଆଲୋଚନାରେ ଉଭୟ ବିରୋଧୀ ଓ ଶାସକ ଦଳର ମୋଟ ୧୬ଜଣ ବିଧାୟକ ଭାଗ ନେଇଥିଲେ। ମନ୍ତ୍ରୀଙ୍କ ଉତ୍ତର ବେଳେ ବିରୋଧୀ ଦଳ ଉଭୟ ବିଜେଡ଼ି ଓ କଂଗ୍ରେସ ବିଧାୟକମାନେ ଅସନ୍ତୋଷ



ପ୍ରକାଶ କରି କକ୍ଷତ୍ୟାଗ କରିଥିଲେ।

ବିଗତ ୨୪ ବର୍ଷର ସରକାରଙ୍କ ଶାସନ କାଳରେ ରାଜ୍ୟରେ ଶିକ୍ଷା ବ୍ୟବସ୍ଥାର ସ୍ଥିତି, ଶିକ୍ଷାନୁଷ୍ଠାନଗୁଡିକର ଭିତ୍ତିଭୂମି ବିକାଶ, ଶିକ୍ଷାର ବିକାଶ, ଶିକ୍ଷକ ନିଯୁକ୍ତି କ୍ଷେତ୍ରରେ ଗ୍ରହଣ କରାଯାଇଥିବା କାର୍ଯ୍ୟକ୍ରମ ଏବଂ ତାର ଫଳାଫଳ ବନାମ ଏବର ମୋହନ ମାଝୀ ସରକାରଙ୍କ ୭୯ ଦିନ ଶାସନ କାଳରେ ନିଆଯାଇଥିବା କାର୍ଯ୍ୟକ୍ରମ ଉପରେ ଦୁଇ ବିଭାଗର ମନ୍ତ୍ରୀ ଗୃହରେ ହିସାବ ରଖିଥିଲେ। ବିରୋଧୀ ଦଳ ପକ୍ଷରୁ କରାଯାଇଥିବା ସମସ୍ତ ଅଭିଯୋଗ ଉପରେ ମନ୍ତ୍ରୀମାନେ ଜବାବ ମଧ୍ୟ ଦେଇଥିଲେ।

ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ବିଗତ ୨୪ ବର୍ଷରେ ରାଜ୍ୟର ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟୟ ସ୍ଥିତିରେ ପହଞ୍ଚିଛି। ମହାବିଦ୍ୟାଳୟମାନଙ୍କରେ ଶିକ୍ଷାର୍ଥୀଙ୍କୁ ଦିଗ୍‌ଦର୍ଶନ ଦେବା ପାଇଁ ଯେଉଁ ସବୁ ସଭାର ଆୟୋଜନ କରାଯାଇଥିଲା ସେଥିରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ହେଲେ ସେଥିରୁ ଶିକ୍ଷାର୍ଥୀ କୌଣସି ପ୍ରକାରେ ଲାଭ ପାଇନାହାନ୍ତି। ବରଂ ଅନେକ ସ୍ଥାନରେ ବିଶୃଙ୍ଖଳା ଓ ଗଣ୍ଡଗୋଳ ସୃଷ୍ଟି ଏପରିକି ବ୍ୟାରିକେଡ୍ ଓ ସଭାମଞ୍ଚରେ ମଧ ଭଙ୍ଗାରୁଜା ଭଳି ଘଟଣା ଘଟିଥିଲା। ଉଚ୍ଚଶିକ୍ଷାମନ୍ତ୍ରୀ କହିଥିଲେ ୨୪ବର୍ଷ ଶାସନରେ ପୂର୍ବ ସରକାର ଯାହା କରିପାରିନଥିଲେ ୭୯ ଦିନର ମୋହନ ମାଝୀ ସରକାର ତାହା କରିପାରିଛନ୍ତି। ଅନେକ ନୂଆ ଯୋଜନା ଆରମ୍ଭ କରାଯାଇଛି। ମାଲକାନଗିରି, କୋରାପୁଟ, ରାୟଗଡା, ଗଜପତି ଆଦି ଆଦିବାସୀ ଅଧ୍ୟୁଷିତ (ପୃଷ୍ଠା ୭ରେ)

# ଲଘୁଚାପ କ୍ଷେତ୍ର ସୃଷ୍ଟି: ୩ ଜିଲ୍ଲାକୁ ରେଡ ୱାର୍ଣ୍ଣିଂ, ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨୯।୮
ନ୍ୟୁଜ୍ ବ୍ୟୁରୋ

ବଙ୍ଗୋପ ସାଗରରେ ସୃଷ୍ଟି ହୋଇଛି ଏକ ଲଘୁଚାପ କ୍ଷେତ୍ର। କେନ୍ଦ୍ରୀୟ ଓ ସଂଲଗ୍ନ ଉତ୍ତର ବଙ୍ଗୋପ ସାଗରରେ ଏହି ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ପାଣିପାଗ ବିଭାଗର ସୂଚନା ଅନୁସାରେ ଏହା ପଶ୍ଚିମ-ଉତ୍ତର-ପଶ୍ଚିମକୁ ମୁହାଁଇ ଶୁକ୍ରବାର ସୁଦ୍ଧା ପଶ୍ଚିମ-କେନ୍ଦ୍ରୀୟ ଓ ସଂଲଗ୍ନ ଉତ୍ତର-ପଶ୍ଚିମ ବଙ୍ଗୋପ ସାଗରରେ ସୁଦୃଶ୍ୟ ଲଘୁଚାପର ରୂପ ନେବ। ତା'ପରେ ଏହା ଉତ୍ତର ଆନ୍ଧ୍ର ଓ ସଂଲଗ୍ନ ଦକ୍ଷିଣ ଓଡ଼ିଶା ଉପକୂଳକୁ ଗତି କଲା ବେଳେ ଆଗାମୀ ଦୁଇ ଦିନରେ ପଶ୍ଚିମ-କେନ୍ଦ୍ରୀୟ ଓ ସଂଲଗ୍ନ ଉତ୍ତର-ପଶ୍ଚିମ ବଙ୍ଗୋପ ସାଗରରେ ଅବପାତର ରୂପ ନେବାର ସମ୍ଭାବନା ରହିଛି।

ଏହାର ପ୍ରଭାବରେ ୨ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ଓ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବା ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

ଶୁକ୍ରବାର ସକାଳ ସାଢ଼େ ୮ଟାରୁ ୩୧ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ମାଲକାନଗିରି, କୋରାପୁଟ, ଗଜପତି ଜିଲ୍ଲାର କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା



ହୋଇପାରେ । ଏହି ସମୟରେ ବିଜୁଳି, ଘଡ଼ଘଡ଼ି ମାରିବାର ମଧ୍ୟ ସମ୍ଭାବନା ରହିଛି। ସେଥିପାଇଁ ତିନି ଜିଲ୍ଲାକୁ ରେଡ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ସମୟ ମଧ୍ୟରେ ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା ଓ ଗଞ୍ଜାମ ଜିଲ୍ଲାର କିଛି ସ୍ଥାନରେ ବିଜୁଳି, ଘଡ଼ଘଡ଼ି ମାରିବା ସହିତ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ତେଣୁ ଏହି ଜିଲ୍ଲାଗୁଡ଼ିକୁ ମଧ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ନୂଆପଡ଼ା, ବଲାଙ୍ଗୀର, ବରଗଡ଼, ସୋନପୁର, ବୌଦ୍ଧ, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା, ପୁରୀ, କଟକ ଓ ଜଗତସିଂହପୁର ଜିଲ୍ଲାର କିଛି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି

୩୧ ତାରିଖ ସକାଳ ସାଢ଼େ ୮ଟାରୁ ୧ ତାରିଖ ସକାଳ ସାଢେ ୮ଟା ପର୍ଯ୍ୟନ୍ତ ମାଲକାନଗିରି, ନବରଙ୍ଗପୁର ଓ କୋରାପୁଟ ଜିଲ୍ଲାର କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ସେଥିପାଇଁ ଏହି ଜିଲ୍ଲାଗୁଡ଼ିକୁ ଅରେଞ୍ଜ ୱାର୍ଣ୍ଣିଂ ଦିଆଯାଇଛି। ନୂଆପଡ଼ା, କଳାହାଣ୍ଡି, ରାୟଗଡ଼ା, ଗଜପତି ଓ ବଲାଙ୍ଗୀର ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । (ପୃଷ୍ଠା ୭ରେ)

## ସେପ୍ଟେମ୍ବର ୯ ତାରିଖକୁ ଛୁଟି ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୯।୮
ନ୍ୟୁଜ୍ ବ୍ୟୁରୋ

ନୂଆଁଖାଇ ଉପଲକ୍ଷେ ସେପ୍ଟେମ୍ବର ୯ ତାରିଖକୁ ଛୁଟି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେପ୍ଟେମ୍ବର ୮ ତାରିଖରେ ନୂଆଁଖାଇ ପର୍ବ ପଡୁଛି । ତେବେ ସେହିଦିନ ରବିବାର ପଡୁଛି । ରବିବାର ଛୁଟି ଦିବସ ହୋଇଥିବାରୁ ୯ ତାରିଖ ଅର୍ଥାତ ସୋମବାରକୁ ଛୁଟି ଘୋଷଣା କରାଯାଇଛି। ସେହିଦିନ ରାଜ୍ୟର ସବୁ ସରକାରୀ କାର୍ଯ୍ୟାଳୟ, ମାଜିଷ୍ଟ୍ରେରିଆଲ କୋର୍ଟ ଓ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିବ।

ନୂଆଁଖାଇ ପାଇଁ ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି । ବିଭିନ୍ନ ଜିଲ୍ଲାରେ ନବାନ୍ନ ଲାଗି ପାଇଁ ଲଗ୍ନ ଧାର୍ଯ୍ୟ ହୋଇସାରିଛି। ସମ୍ବଲପୁରରେ ମା' ସମଲେଇଙ୍କଠାରେ ୮ ତାରିଖ ପୂର୍ବାହ୍ନ ୯ଟା ୧୨ରୁ ୯ଟା ୨୭ ମିନିଟ ମଧ୍ୟରେ ନବାନ୍ନ ଲାଗି ନେଇ ଶୁଭଲଗ୍ନ ସ୍ଥିର ହୋଇଛି । ଏହି ସମୟରେ ଲୋକେ ନିଜ ନିଜ ଇଷ୍ଟ ଦେବାଦେବୀଙ୍କ ନିକଟରେ ନବାନ୍ନ ଲାଗି କରି ନୂଆ ଖାଇ ପାରିବେ।

ସୁବର୍ଣ୍ଣପୁରରେ ପୂର୍ବାହ୍ନ ୯ଟା ୨୩ରୁ ୯ଟା ୩୭ ମିନିଟ ମଧ୍ୟରେ ଅଧିଷ୍ଠାତ୍ରୀ ଦେବୀ ସୁରେଶ୍ୱରୀଙ୍କ ପାଖରେ ନବାନ୍ନ ଲାଗି ହେବ। ଏହି ସମୟରେ ସୁବର୍ଣ୍ଣପୁର ଗଡଜାତ ଅଞ୍ଚଳ ତଥା ବୌଦ୍ଧ ଜିଲ୍ଲାର କଣ୍ଟାମାଳ-ପଞ୍ଚରା (ପୃଷ୍ଠା ୭ରେ)

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

# ସୀମାନ୍ତରେ ଏନକାଉଣ୍ଟର, ୩ ମହିଳା ନକ୍ସଲ ମୃତ

ମାଲକାନଗିରି, ୨୯।୮
ନ୍ୟୁଜ୍ ବ୍ୟୁରୋ

ସୀମାନ୍ତ ଛତିଶଗଡର କାଙ୍କେର ଏବଂ ନାରାୟଣପୁର ଜିଲ୍ଲା ସୀମାର ଆବୁଝମାଡ ଜଙ୍ଗଲରେ ପୁଲିସ-ନକ୍ସଲ ମଧ୍ୟରେ ଗୁଳିବିନିମୟ ଘଟିଛି । ଏହି ଗୁଳିବିନିମୟରେ ୩ ଜଣ ନକ୍ସଲ ମୃତ୍ୟୁବରଣ କରିଥିବା ଜଣାପଡିଛି । ଆବୁଝମାଡ ଜଙ୍ଗଲ ହେଉଛି ନକ୍ସଲଙ୍କର ଗଡ। ତେବେ ଏହି ଗଡକୁ ଧ୍ୱଂସ କରିବା ପାଇଁ ସୁରକ୍ଷାକର୍ମୀ ଏବେ ରାତି ଦିନ ଏକ କରି ଜଙ୍ଗଲରେ କୁମ୍ବିଂ କରୁଛନ୍ତି।

ଗତ କିଛି ଦିନ ତଳେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ରାୟପୁର ଗସ୍ତ କରି ଆସନ୍ତା ୨୦୨୬ ମାର୍ଚ୍ଚ ସୁଦ୍ଧା ଛତିଶଗଡରୁ ନକ୍ସଲ ସଂପୂର୍ଣ୍ଣ ନିପାତ କରାଯିବା ନେଇ ଘୋଷଣା କରିଛନ୍ତି । ତେବେ ଏହାକୁ ଆଖି ଆଗରେ ରଖି ସୁରକ୍ଷାକର୍ମୀ ଜଂଗଲରେ କୁମ୍ବିଂକୁ ଜୋରଦାର କରିଛନ୍ତି। ଗତ ୮ ମାସ ମଧ୍ୟରେ ଏହି ଅଞ୍ଚଳରେ ୩୨ଟି ନୂଆ କ୍ୟାମ୍ପ ଖୋଲିଛି।

କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ରାୟପୁର



ଗସ୍ତ କରି ଆସନ୍ତା ୨୦୨୬ ମାର୍ଚ୍ଚ ସୁଦ୍ଧା ଛତିଶଗଡରୁ ନକ୍ସଲ ସଂପୂର୍ଣ୍ଣ ନିପାତ କରାଯିବା ନେଇ ଘୋଷଣା କରିଛନ୍ତି । ତେବେ ଏହାକୁ ଆଖି ଆଗରେ ରଖି ସୁରକ୍ଷାକର୍ମୀ ଜଙ୍ଗଲରେ କୁମ୍ବିଂକୁ ଜୋରଦାର କରିଛନ୍ତି।

ଆଗାମୀ ଦିନରେ ପୁଣି ୨୯ଟି କ୍ୟାମ୍ପ ଖୋଲାଯାଇ ଆବୁଝମାଡର ପୁରା ଜଙ୍ଗଲକୁ ଘେରାଯିବ ବୋଲି କୁହାଯାଇଛି। ନକ୍ସଲ ଆତ୍ମସମର୍ପଣ ନକଲେ ସମସ୍ତେ ମୃତ୍ୟୁବରଣ କରିବେ ବୋଲି ପୁଲିସ କହିଛି । ଘଟଣାସ୍ଥଳରେ ବିପୁଳ ମାତ୍ରାରେ ମାଓ ସାମଗ୍ରୀ ଓ ବିସ୍ଫୋରକ ପୁଲିସ ଜବତ କରିଛି। ଯବାନ ଏବେ ବି ଜଙ୍ଗଲରେ ରହିଥିବାରୁ ସଠିକ ରିପୋର୍ଟ ପହଞ୍ଚି ପାରିନାହିଁ । ଯବାନ ପହଞ୍ଚିବା ପରେ ପୁଲିସ ସାମ୍ବାଦିକ ସମ୍ମିଳନୀରେ ସମସ୍ତ ବିବରଣୀ ପ୍ରଦାନ କରିବ ବୋଲି କହିଛି।

# ଜନସଂଖ୍ୟା ବୃଦ୍ଧି ହାରଠାରୁ ଅଧିକ ଶିକ୍ଷାର୍ଥୀଙ୍କ ଆତ୍ମହତ୍ୟା ହାର

ନୂଆଦିଲ୍ଲୀ, ୨୯।୮

ଦେଶରେ ଦିନକୁ ଦିନ ବଢୁଛି ଶିକ୍ଷାର୍ଥୀଙ୍କ ଆତ୍ମହତ୍ୟା ହାର । ଯାହା ବେଶ ଚିନ୍ତାଜନକ। ଜନସଂଖ୍ୟା ବୃଦ୍ଧି ହାର ଓ ଚାଷୀ ଏବଂ ଅନ୍ୟ ଆତ୍ମହତ୍ୟା ହାର ଠାରୁ ମଧ ଛାତ୍ରଛାତ୍ରୀଙ୍କ ବାର୍ଷିକ ଆତ୍ମହତ୍ୟା ହାର ବଢିଛି। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ ତଥା ଏନସିଆରବି ରିପୋର୍ଟରୁ ଏଭଳି କିଛି ତଥ୍ୟ ସାମ୍ନାକୁ ଆସିଛି।

ରିପୋର୍ଟରୁ ମିଳିଥିବା ତଥ୍ୟ ଅନୁସାରେ ଦେଶରେ ବାର୍ଷିକ ଆତ୍ମହତ୍ୟା ମାମଲା ୨ ପ୍ରତିଶତ ବଢିଥିବା ବେଳେ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ମାମଲା ୪ ପ୍ରତିଶତ ବୃଦ୍ଧି ପାଇଛି। ଛାତ୍ରଙ୍କ ତୁଳନାରେ ଛାତ୍ରୀମାନେ ଅଧିକ ଆତ୍ମହତ୍ୟା କରୁଛନ୍ତି । ୨୦୨୨ରେ ମୋଟ ଆତ୍ମହତ୍ୟା ମାମଲା ମଧ୍ୟରେ ୫୩ ପ୍ରତିଶତ ଛାତ୍ର ଥିଲେ। ତେବେ ୨୦୨୧-୨୦୨୨ ମଧ୍ୟରେ ଛାତ୍ରଙ୍କ ଆତ୍ମହତ୍ୟା ମାମଲା ୬% କମିଥିବା ବେଳେ ଛାତ୍ରୀଙ୍କ ଆତ୍ମହତ୍ୟା ମାମଲା ୭% ବଢିଛି, ଯାହା ବେଶ



ଉଦ୍‌ବେଗଜନକ।

ଶିକ୍ଷାର୍ଥୀଙ୍କ ଆତ୍ମହତ୍ୟା ଘଟଣା ଉଭୟ ଜନସଂଖ୍ୟା ବୃଦ୍ଧି ହାର ଏବଂ ସମଗ୍ର ଆତ୍ମହତ୍ୟା ହାରକୁ ଅତିକ୍ରମ କରୁଛି। ଗତ ଦଶନ୍ଧିରେ, ୦-୨୪ ବର୍ଷ ବୟସର ଜନସଂଖ୍ୟା ୫୮.୨ କୋଟିରୁ ୫୮.୧ କୋଟିକୁ ହ୍ରାସ ପାଇଥିବାବେଳେ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ସଂଖ୍ୟା ୬,୬୫୪ ରୁ ୧୩,୦୪୪କୁ ବୃଦ୍ଧି ପାଇଛି।

ରିପୋର୍ଟ ଅନୁଯାୟୀ ମହାରାଷ୍ଟ୍ର, ତାମିଲନାଡୁ ଓ ମଧ୍ୟପ୍ରଦେଶରେ ସବୁଠୁ ଅଧିକ ଛାତ୍ରଛାତ୍ରୀ ଆତ୍ମହତ୍ୟା ଘଟଣା ଘଟିଛି। ଏହି ତିନି ରାଜ୍ୟରେ ଶିକ୍ଷାର୍ଥୀ ଆତ୍ମହତ୍ୟା ମାମଲା ସର୍ବାଧିକ ରହିଛି, ଯାହା (ପୃଷ୍ଠା ୭ରେ)

# ମୁଲତବୀ ଆଲୋଚନା ଗ୍ରହଣ ନହେବା ପ୍ରତିବାଦରେ ବିରୋଧୀ ଦଳର ହଟ୍ଟଗୋଳ

ଭୁବନେଶ୍ୱର, ୨୯।୮
ନ୍ୟୁଜ୍ ବ୍ୟୁରୋ

ରାଜ୍ୟର ବିଭିନ୍ନ ବ୍ଲକ ମାନଙ୍କରେ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଠପ୍ ହୋଇଯାଇଥିବା ଏବଂ ଏଥିପାଇଁ ସରକାର ଅଲିଖିତ-ଅଘୋଷିତ ଆଦେଶ ଦେଇଥିବା ନେଇ ଗୁରୁବାର ବିଧାନସଭାରେ ଅଭିଯୋଗ ଉଠିଥିଲା। ଏ ସମ୍ପର୍କରେ ବିରୋଧୀ ଦଳ ତରଫରୁ ଦିଆଯାଇଥିବା ମୁଲତବୀ ପ୍ରସ୍ତାବ ନୋଟିସ୍‌କୁ ଗ୍ରହଣ କରି ଗୃହରେ ଆଲୋଚନା ହେଉ ବୋଲି ବିଜେଡ଼ି ବିଧାୟକମାନେ ଦାବି କରିଥିଲେ। ପ୍ରଶ୍ନୋତ୍ତର କାଳ ଶେଷ ପରେ ଶୂନ୍ୟକାଳ ଆରମ୍ଭରେ ବିରୋଧୀ ଦଳ ବିଧାୟକ ଡ. ଅରୁଣ କୁମାର ସାହୁ ପ୍ରଥମେ ଏହି ପ୍ରସଙ୍ଗ ଉଠାଇ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଏହା ଉପରେ ଆଲୋଚନା ଦାବି କରିଥିଲେ। ବିଜେଡ଼ି ବିଧାୟକ ଗଣେଶ୍ୱର ବେହେରା ମଧ ଏହି ପ୍ରସଙ୍ଗରେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଦାବିକୁ ସମର୍ଥନ ଜଣାଇ ବିଜେଡ଼ି ବିଧାୟକମାନେ ସଙ୍ଗେ ସଙ୍ଗେ ଗୃହର ମଧ୍ୟଭାଗକୁ ଆସି ବାଚସ୍ପତିଙ୍କ ପୋଡ଼ିୟମ ସମ୍ମୁଖରେ ଏକଜୁଟ ହୋଇ ନାରାବାଜି ଆରମ୍ଭ କରିଥିଲେ। ବାଚସ୍ପତି ସୁରମା ପାଢୀ ବିରୋଧୀ ବିଧାୟକମାନଙ୍କୁ ନିଜ ଆସନକୁ ଫେରିଯିବାକୁ ମଧ ବାରମ୍ବାର (ପୃଷ୍ଠା ୭ରେ)

# ଭାରତକୁ ମିଳିଲା ଦ୍ୱିତୀୟ ପରମାଣୁ ବୁଡ଼ାଜାହାଜ ଆଇଏନଏସ ଅରିଘାତ

ନୂଆଦିଲ୍ଲୀ, ୨୯।୮

ଭାରତ ବିଶାଖାପାଟଣାରେ ନିଜର ଦ୍ୱିତୀୟ ପରମାଣୁ ବୁଡ଼ାଜାହାଜ ଆଇଏନଏସ ଅରିଘାତକୁ ନୌସେନାରେ ସାମିଲ କରିଛି। ଅରିହନ୍ତ ଶ୍ରେଣୀର ଏହି ବୁଡ଼ାଜାହାଜ ଭାରତର ଆଣବିକ ଶକ୍ତିକୁ ସୁଦୃଢ଼ କରିବା ସହ ପରମାଣୁ ପ୍ରତିରୋଧ ଶକ୍ତି ବୃଦ୍ଧି କରିବ। ଆଇଏନଏସ ଅରିଘାତ ରଣନୈତିକ ସନ୍ତୁଳନ ଓ ଶାନ୍ତି ପ୍ରତିଷ୍ଠା କରିବାରେ ସହାୟକ ହେବ ଏବଂ ଦେଶର ସୁରକ୍ଷାରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

ଆଣବିକ କ୍ଷେପଣାସ୍ତ୍ର ଉତ୍ପାଦନ ସମାରୋହରେ ଯୋଗଦେଇ ପ୍ରତିରକ୍ଷା ମନ୍ତ୍ରୀ



ରାଜନାଥ ସିଂହ ନୌସେନାର ଏହି ମାଇଲଖୁଣ୍ଟକୁ ଦେଶ ପାଇଁ ଏକ ଉପଲବ୍ଧି ବୋଲି ବର୍ଣ୍ଣନା କରିବା ସହ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତା (ପୃଷ୍ଠା ୭ରେ)

## ଓଡ଼ିଆରେ ଅନୁବାଦ ହେବ ଇଞ୍ଜିନିୟରିଂ ପାଠ୍ୟପୁସ୍ତକ

ଭୁବନେଶ୍ୱର, ୨୯।୮
ନ୍ୟୁଜ୍ ବ୍ୟୁରୋ

ଇଞ୍ଜିନିୟରିଂ ତୃତୀୟ ଓ ଚତୁର୍ଥ ବର୍ଷ ପାଠ୍ୟପୁସ୍ତକ ଖୁବ୍‌ଶୀଘ୍ର ଓଡ଼ିଆରେ ଅନୁବାଦ ହେବ ବୋଲି ଜଣାପଡିଛି । ୫ଟି ଷ୍ଟିମ୍‌ରେ ଏହା ମିଳିବ ବୋଲି ଏଆଇସିଟିଇ ଅଧକ୍ଷ ଟିଜି ସୀତାରାମ ସୂଚନା ଦେଇଛନ୍ତି। ଏନେଇ ମଧ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଏହାପୂର୍ବରୁ ପ୍ରଥମ ବର୍ଷ ବିଟେକ ପାଠ୍ୟକ୍ରମର ପାଠ୍ୟପୁସ୍ତକର ଓଡ଼ିଆ ଅନୁବାଦ ଶେଷ ହୋଇଛି । ଦ୍ୱିତୀୟ ବର୍ଷର ପାଠ୍ୟପୁସ୍ତକ ଅନୁବାଦ କାର୍ଯ୍ୟ ଜାରି ରହିଛି। ଏସମସ୍ତ ପୁସ୍ତକକୁ ଏଆଇସିଟିଇର ଇକୁମ୍ବ ୱେବସାଇଟ୍‌ରେ (ପୃଷ୍ଠା ୭ରେ)

## ଏକାଳ ସକାଳ



ମଦୁ ଓ ମଦୁଆ ଦୁହେଁ ହନ୍ତସନ୍ତ
ପଡୁଛି ସର୍କାରୀ ଛାଟ
ଶୁଣି ସାକ୍ଷୀ ମାତାଲ ଢଗଟା
ପାଉନାହିଁ ଏବେ ବାଟ
ମାଟି ପେଟରେ ମୂଷାଙ୍କ ବାଟ
ଚାରିଆଡ଼େ ଖାଲି ରେଡ଼ ପଡ଼ଇ
ଭାଙ୍ଗେ ମଦୁଆଙ୍କ ହାଟ।

# ରାଜଧାନୀରେ ଚାଞ୍ଚଲ୍ୟ : ଚାଲିଥିଲା ତନ୍ତ୍ର ସାଧନା, ଦିଆଯାଉଥିଲା ନରବଳି !



ଭୁବନେଶ୍ୱର, ୨୯।୮
ନ୍ୟୁଜ୍ ବ୍ୟୁରୋ

ରାଜଧାନୀ ଭୁବନେଶ୍ୱରରେ ଚାଞ୍ଚଲ୍ୟ। ଭଡ଼ା ଘରେ ଚାଲିଥିଲା ତନ୍ତ୍ର ସାଧନା। ଆଉ କାଉଁରୀ କନ୍ୟାଙ୍କୁ ବଳି ଦିଆଯାଉଥିବା ଅଭିଯୋଗ ହୋଇଛି। ଘର ଭିତରୁ ହାଡ ଓ ରକ୍ତ ରଞ୍ଜିତ ଗାଙ୍ଗୁଲା ମିଳିଥିବାରୁ ବଳି ଦିଆଯାଉଥିବା ଅଭିଯୋଗକୁ ବଳ ମିଳିଛି। ଏନେଇ ଅଭିଯୋଗ ହେବା ପରେ କମିଶନରେଟ ପୋଲିସ୍ ସକ୍ରିୟ ହୋଇଛି। ରବି ଟକିଜ ବ୍ରହ୍ମେଶ୍ୱରପାଟଣାରେ ଏକ ଘରକୁ ଭଡ଼ାରେ ନେଇ ରହୁଥିଲେ ଜଣେ ବ୍ୟକ୍ତି। ସେ ସେଠାରେ ତନ୍ତ୍ର ସାଧନା କରୁଥିଲେ। ଘରର ଗରି କୋଣରେ ମାଟି ହାଣ୍ଡି ରଖାଯାଇଥିବା ଦେଖିବାକୁ ମିଳିଛି । ଘର ମଝିରେ ୬ ଫୁଟ ଲମ୍ବର ଓ ଓସାରରେ ଗୋଟିଏ ଗାତ ଖୋଳା ଯାଇଛି । ଖୋଳା ଯାଇଥିବା ଗାତର ଗଭୀରତା ଦଶ ଫୁଟ ହେବ ବୋଲି ଅନୁମାନ କରାଯାଉଛି । ସେଠାରେ ହୋମ ଯଜ୍ଞ ହେଉଥିଲା ତେଣୁ ବିପୁଳ ପରିମାଣର ହୋମ କାଠ ଓ ୫ କେଜିରୁ ଅଧିକ ଘିଅ ଥିବା ଦେଖିବାକୁ ମିଳିଛି । ଏହାଛଡ଼ା ହୋମ ପାଇଁ ହୋଇଥିବା କୁଣ୍ଡ ପାଖରେ ହାଡ ଓ ରକ୍ତ ଭିଜା ଗୋଟିଏ ଗାଙ୍ଗୁଲା ପଡ଼ିଥିବାରୁ ସେଠାରେ ବଳି ଦିଆଯାଇଥିବା ସନ୍ଦେହ କରାଯାଉଛି। ତେବେ ବଳି ସନ୍ଦେହକୁ ବଳ ଦେଇଛି ଘର ମାଲିକଙ୍କ ଅଭିଯୋଗ। ଘର ମାଲିକଙ୍କ କହିବା କଥା, ତାନ୍ତ୍ରିକ (ପୃଷ୍ଠା ୭ରେ)

# ପିପିଲି ପରେ ଡେଲାଙ୍ଗରେ ବାର୍ଡ ଫ୍ଲୁ' କୁକୁଡ଼ା ଚିଆଁ ମାରିଲା ପ୍ରଶାସନ



ପିପିଲି, ୨୯।୮ : ନ୍ୟୁଜ୍ ବ୍ୟୁରୋ

ପିପିଲି ପରେ ଏବେ ନିମାପଡା ଓ ଡେଲାଙ୍ଗରେ ବାର୍ଡ ଫ୍ଲୁ' ସନ୍ଦେହ ସୃଷ୍ଟି ହୋଇଛି। ଇତିମଧ୍ୟରେ ହଜାର ହଜାର କୁକୁଡ଼ା ମଲେଣି । ନିମାପଡା ଓ ଡେଲାଙ୍ଗରୁ କୁକୁଡ଼ାଙ୍କ ନମୁନା ପରୀକ୍ଷା ପାଇଁ ଭୋପାଳ ପଠାଯାଇଛି। ସରକାରୀ କେନ୍ଦ୍ରରେ ୩୪୮୪ ଟି ନମୁନାର ପରୀକ୍ଷା ଜାରି ରହିଛି।

ପିପିଲି ଅଞ୍ଚଳରେ ଲୋକଙ୍କ ମଧ୍ୟରେ ଜ୍ୱର କାଶ ଓ ଥଣ୍ଡା ବ୍ୟାପିବାରେ ଲାଗିଛି। ଲୋକଙ୍କୁ ସଚେତନ କରାଇବାକୁ ପ୍ରଶାସନ ପକ୍ଷରୁ ଚେଷ୍ଟା ଜାରି ରହିଛି।

ସତ୍ୟବାଦୀରେ ୧୪୭୮୭ ଓ ପିପିଲିରେ ୧୪୧୨୪ଟି (ପୃଷ୍ଠା ୭ରେ)





# ଜରାଜୀର୍ଣ୍ଣ ଅବସ୍ଥାରେ ମୁଣ୍ଡାପଡ଼ା ପୂର୍ତ୍ତ ବିଭାଗ ଡାକବଙ୍ଗଳା:ପୁନଃଉଦ୍ଧାର ପାଇଁ ଦାବି

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ବ୍ଲକ ମୁଣ୍ଡାପଡ଼ା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ନିକଟରେ ଥିବା ପୂର୍ତ୍ତ ବିଭାଗ ଡାକବଙ୍ଗଳାଟି ବର୍ତ୍ତମାନ ଭୂତକୋଠି ପାଲଟିଛି । ଗ୍ରାମର ବରିଷ୍ଠ ନାଗରିକ କହିବା ଅନୁସାରେ ୧୯୧୩ ମସିହାରେ ନିର୍ମିତ ଏହି ଡାକବଙ୍ଗଳାଟି ବ୍ରିଟିଶ ଓ ରାଜରାଜୁଡ଼ା ଅମଳରୁ ନିର୍ମାଣ ହୋଇଛି । ତେବେ ଅଧିକାରୀ ଓ ଲୋକଙ୍କ ସୁବିଧା ପାଇଁ ନିର୍ମାଣ ହୋଇଥିଲା ଅନେକ ବଙ୍ଗଳା । ଯାହାକୁ ପରବର୍ତ୍ତୀ ସମୟରେ ଡାକ ବଙ୍ଗଳା କୁହାଗଲା । ଏହି ବଙ୍ଗଳା ଗୁଡିକ ବୌଦ୍ଧ ଗଡଜାତର ବାସୁଦେବପୁର ଠାରୁ ହରଭଙ୍ଗା ବ୍ଲକର ଶାଗଳପାଣି ପର୍ଯ୍ୟନ୍ତ ପ୍ରତି ୧୫ କିମି ଅନ୍ତରରେ ଏହି ବଙ୍ଗଳାଗୁଡିକ ବୌଦ୍ଧ ଗଡ଼ଜାତ ସମୟରେ ନିର୍ମାଣ କରାଯାଇଥିଲା । ଏସବୁ ବଙ୍ଗଳାରେ ଥିବା ପଲଙ୍କ, ଟେବୁଲ, ଚୌକି, ଡ୍ରେସିଂ ଟେବୁଲ୍ ଆଦି ସାମଗ୍ରୀ ନଷ୍ଟ ହେବାକୁ ବସିଲାଣି । ୨୦୦୨ମସିହା ପର୍ଯ୍ୟନ୍ତ ଏହି ଡାକବଙ୍ଗଳାରେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଚାଲୁଥିଲା । ସେତେବେଳେ ବଙ୍ଗଳାଟି ବ୍ୟବହାର ଉପଯୋଗୀ ହୋଇଥିଲା । ତେବେ ପରବର୍ତ୍ତୀ ସମୟରେ ରାଜସ୍ୱ କାର୍ଯ୍ୟାଳୟ ସ୍ଥାନାନ୍ତର ହେବାରୁ ସେହିଦିନ ଠାରୁ ଏହା ଭୂତକୋଠି ପାଲଟିଛି । ଏହି ବଙ୍ଗଳାକୁ ଜାତୀୟ ରାଜପଥ କିମ୍ବା ପୂର୍ତ୍ତବିଭାଗ ହେଉ ତୁରନ୍ତ ଦୃଷ୍ଟି ଦେଇ ରକ୍ଷଣାବେକ୍ଷଣ କରିବା ନିହାତି ଅପରିହାର୍ଯ୍ୟ ହୋଇପଡ଼ିଛି । ନଚେତ୍ ବୌଦ୍ଧଗଡର ଐତିହ୍ୟ ବହନ କରୁଥିବା ଏହି ପୁରାତନ କୀର୍ତ୍ତିରାଜୀ ଲୀନ ହେବ ଏଥିରେ ସନ୍ଦେହ ନାହିଁ । ରକ୍ଷଣାବେକ୍ଷଣ ଅଭାବରୁ ଏହା ଚତୁପାର୍ଶ୍ୱ ଗଛଲତାରେ ପରିପୂର୍ଣ୍ଣ ହେଲାଣି । ବୌଦ୍ଧ ଜିଲ୍ଲାର ମୁଣ୍ଡାପଡା ବ୍ୟବସାୟର ଏକ ପ୍ରମୁଖ କେନ୍ଦ୍ରସ୍ଥଳୀ ହୋଇଥିବାରୁ ଏଠାରେ ଅନେକ ସମୟରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ । ଏଭଳି ପରିସ୍ଥିତିରେ ବାହାରୁ ଆସୁଥିବା ଅତିଥିମାନେ ଯାତ୍ରୀଯାପନ କରିବା ନିମନ୍ତେ ଏଠାରେ ଅନ୍ୟ କୌଣସି ବିକଳ୍ପ ବ୍ୟବସ୍ଥା ନଥିବାରୁ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅନ୍ୟ ପକ୍ଷରେ ଗ୍ରାମର ଲୋକଙ୍କ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ଲୋକେ ବେଶି ମାରି ଅଧିକ ଖର୍ଚ୍ଚାନ୍ତ ହେଉଥିବାବେଳେ ଏହାର ଉନ୍ନତିକରଣ କରାଯାଇ କଲ୍ୟାଣ ମଣ୍ଡପ ଭାବରେ ବ୍ୟବହାର କରାଯାଏ ତେବେ ଲୋକେ ଖର୍ଚ୍ଚରୁ ମୁକ୍ତି ପାଇବା ସହିତ ଜିଲ୍ଲା ପ୍ରଶାସନର ମଧ୍ୟ ରାଜସ୍ୱ ବୃଦ୍ଧି ହୁଅନ୍ତା । ଜିଲ୍ଲା ପ୍ରଶାସନ ତୁରନ୍ତ ଏହାର ମରାମତି ସାଙ୍ଗକୁ ରାତ୍ରି ଜଗୁଆଳୀ ତଥା ପିଅନ ଆଦିଙ୍କୁ ନିଯୁକ୍ତି କଲେ ଏହି ଐତିହାସିକ ବଙ୍ଗଳା ସ୍ମୃତିରକ୍ଷା କରିବା ସଙ୍ଗେ ସଙ୍ଗେ ଏହାର ପୂର୍ବଗାରିମା ଫେରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।



# ୨୦୩୫ ବେଳକୁ ବଲାଙ୍ଗୀରରେ ହେବ ଉତ୍କଟ ଜଳ ସଂକଟ

**ବଲାଙ୍ଗୀର, ନ୍ୟୁଜ୍ ବ୍ୟୁରୋ**

ପ୍ରତିବର୍ଷ ଖରା ଦିନରେ ବଲାଙ୍ଗୀର ଜିଲ୍ଲା ଚିରାଚରିତ ଭାବେ ଜଳସଂକଟର ସମ୍ମୁଖୀନ ହେଉଛି । ନଦୀ ନାଳର ଧାରା କ୍ରମଶଃ ହଜିବାକୁ ଲାଗିଛି । ବର୍ଷାରେ ତାଳମେଳ ନାହିଁ । ଏସବୁ ଭିତରେ ପୁଣି ଭୂତଳ ଜଳସ୍ତର କମିବାରେ ଲାଗିଛି । ସ୍ଥିତି ଏଭଳି ଯେ, ଜିଲ୍ଲା ସାଂଘାତିକ ଜଳସଂକଟର ସମ୍ମୁଖୀନ ହେବା ସରକାରୀ ସର୍ବେକ୍ଷଣ ରିପୋର୍ଟ ଅନୁସାରେ ୨୦୩୫ ମସିହା ବେଳକୁ ବଲାଙ୍ଗୀର ଜିଲ୍ଲା ସାଂଘାତିକ ଜଳକଷ୍ଟର ସମ୍ମୁଖୀନ ହେବ, ଯାହାର ଝଲକ୍ ଏବେଠୁ ଦେଖିବାକୁ ମିଳୁଛି । ୨୦୧୫ ମସିହାରେ ଜିଲ୍ଲାର ଜନସଂଖ୍ୟା ପାଖାପାଖି ୧୮,୪୬,୪୦୨ ଥିଲା । ଯାହା ୨୦୨୪ ବେଳକୁ ୨୦,୨୭,୭୪୬ରେ ପହଞ୍ଚିଛି । ତେଣୁ ବର୍ଦ୍ଧିତ ଜନସଂଖ୍ୟା ତୁଳନାରେ ପାଣି ନିଅ ଦେଖାଦେଇଛି । ଜିଲ୍ଲାର ମାତ୍ର ୩ ପ୍ରତିଶତ ଅଞ୍ଚଳ ସେଚଅଞ୍ଚଳରେ ରହିଛି ହେଲେ ସେଚଅଞ୍ଚଳ ଇଲାକାରେ ପୂର୍ବଭଳି ପର୍ଯ୍ୟାପ୍ତ ପାଣି ମହଜୁଦ୍ ନାହିଁ । ନଦୀ ଗୁଡ଼ିକରେ ପୂର୍ବଭଳି ଜଳପ୍ରବାହ ନଥିବାରୁ ତଟବର୍ତ୍ତୀ ଅଞ୍ଚଳରେ ଥିବା ଜଳସେଚନ ପ୍ରକଳ୍ପ ବି କାମରେ ଲାଗୁନାହିଁ । ତେଣୁ ଚାଷ କାର୍ଯ୍ୟ ପାଇଁ ଜଳସେଚନ ପ୍ରକଳ୍ପ ପାଣିର ଚାହିଦା ମେଣ୍ଟାଇବାରେ ସମ୍ପୂର୍ଣ୍ଣ ବିଫଳ । ଜିଲ୍ଲାରେ ଭୂତଳ ଜଳସ୍ତର ଖସିବାକୁ ଲାଗିଛି । ଗଭୀର ନଳକୂପ ଖନନ କଲେବି ଅଧିକାଂଶ ଇଲାକାରେ ପାଣି ବାହାରୁନାହିଁ । ଭୂତଳ ଜଳସ୍ତର ହ୍ରାସ ପାଉଥିବାରୁ ଏହାକୁ ଚାଷ କିମ୍ବା ନିତ୍ୟ ବ୍ୟବହାର ପାଇଁ ବିକଳ୍ପ ଭାବେ ଗ୍ରହଣ କରାନଯାଉ ବୋଲି ପରିବେଶବିତ୍‌ମାନେ ମତ ଦେଉଛନ୍ତି । ଏଭଳି ସ୍ଥିତିରେ ଜିଲ୍ଲାକୁ କେଉଁ ଉତ୍ସରୁ ଜଳ ମିଳିବ, ବର୍ତ୍ତମାନ ଏଥିପାଇଁ ଠୋସ୍ ମାଷ୍ଟର୍ ପ୍ଲାନ୍ ପ୍ରସ୍ତୁତ କରାଯିବା ଜରୁରୀ ହୋଇଛି । କାରଣ ବର୍ତ୍ତମାନ ଯାଏଁ ଜଳ ସଂରକ୍ଷଣ ପାଇଁ କିଛି ଯୋଜନା କାର୍ଯ୍ୟକାରୀ ହୋଇନାହିଁ । ଏପରିକି ଭୂତଳ ଜଳ ସଂରକ୍ଷଣ ପାଇଁ ଥିବା ଯୋଜନା ପ୍ରହସନରେ ପରିଣତ ହୋଇଛି । ସୂଚନା ମୁତାବକ, ଜିଲ୍ଲାରେ କେବଳ ନିତ୍ୟ ବ୍ୟବହାର ପାଇଁ ୨୦୧୫ ମସିହାରେ ୦.୦୫୬୩୫ ବିସିଏମ୍ (ବିଲିଅନ୍ କ୍ୟୁବିକ୍ ମିଟର) ପାଣି ଆବଶ୍ୟକ କରୁଥିଲା ଯାହା ୨୦୨୪-୨୫ରେ ବୃଦ୍ଧି ପାଇ ୦.୦୬୨୬୨୪ ବିସିଏମ୍‌ରେ ପହଞ୍ଚିଛି । ସେହିପରି, ୨୦୧୫ରେ ଚାଷବାସକୁ ମିଶାଇ ମୋଟ ୬,୬୪୯୬ ବିଏମ୍‌ସି ପାଣି ବିନିଯୋଗ ହୋଇଥିଲା । କିନ୍ତୁ ଜିଲ୍ଲାରେ ସ୍ଥାୟୀ ଏବଂ ନିରନ୍ତର ଜଳଉତ୍ସ କ୍ଷମତା ରହିଛି । ୧,୩୫୫୩୪ ବିଏସିଏମ୍ ଆକଳନ ଅନୁସାରେ, ୨୦୨୪-୨୫ରେ ସ୍ଥାୟୀ ଉତ୍ସକୁ ବାଦ୍ ଦେଲେ ୩.୨୪୨୫ ବିସିଏମ୍ ଜଳ ନିଅଣ୍ଟିଆ ରହିବ ତେଣୁ ଏହାକୁ ଭରଣା କରିବାକୁ ବିକଳ୍ପ ବ୍ୟବସ୍ଥା ନହେଲେ ଆଗକୁ ଜଳ ସଂକଟ ଆହୁରି ସାଂଘାତିକ ହେବା ନିଶ୍ଚିତ ।

# ୭ବର୍ଷ ହେଲା କମୁଛି ବର୍ଷା:ଚାଷ ପ୍ରଭାବିତ

**ନବରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲାର ସ୍ୱଳ୍ପ ବୃଷ୍ଟି ଅଞ୍ଚଳ ଚନ୍ଦାହାଣ୍ଡି ବ୍ଲକ୍ । ଏଠାରେ ୭ ବର୍ଷ ହେଲା କ୍ରମାଗତ ଭାବେ ସ୍ୱାଭାବିକ ଠାରୁ କମ୍ ବର୍ଷା ହେଉଥିବାରୁ ଚାଷ ପ୍ରଭାବିତ ହେଉଛି । ଜଳବାୟୁ ଏବଂ ମୃତ୍ତିକାକୁ ଭିତ୍ତି କରି ରବି ଓ ଖରିଫ ଋତୁରେ ବାଦାମ ଚାଷ ପରିମାଣକୁ ବୃଦ୍ଧି ନିମନ୍ତେ ଲକ୍ଷ୍ୟ ରହିଥିଲା । କିନ୍ତୁ ଚାଷ ପରିମାଣ ବଢ଼ିବା ପରବର୍ତ୍ତେ ଯଥେଷ୍ଟ କମିଛି । ଏବେ ଚିନାବାଦାମ୍ ଛାଡ଼ି ମକା ଚାଷ ପ୍ରତି ଚାଷୀ ଆଗ୍ରହ ଦେଖାଉଛନ୍ତି । ଅଳ୍ପ ପାଣିରେ ବି ଚିନାବାଦାମ୍ ଚାଷ ହୋଇପାରିବ । ତେଣୁ ୨୦୨୧ ମସିହାରେ ଚନ୍ଦାହାଣ୍ଡି ବଳରେ ୬୧୨ ହେକ୍ଟର ଜମିରେ ଚିନାବାଦାମ ଚାଷ କରିବାକୁ କୃଷି ବିଭାଗ ଲକ୍ଷ୍ୟ ରଖିଥିଲା । ୨୦୨୨ ମସିହାରେ ୭୫୨ ହେକ୍ଟର ଏବଂ ୨୦୨୩ ଖରିଫ ଋତୁରେ ୧୦୫୦ ହେକ୍ଟର ଜମିରେ ଚାଷ ନିମନ୍ତେ ଲକ୍ଷ୍ୟ ରହିଥିଲା । କିନ୍ତୁ ଚଳିତବର୍ଷ ୭୪୦ ହେକ୍ଟର ଜମିରେ ଫସଲ ସୀମିତ ରହିଛି । ଜଳସେଚନ ଅଭାବ ସହ ବର୍ଷା କମିବା କାରଣରୁ ଚିନାବାଦାମ୍ ଚାଷ ପ୍ରତି ବିମୁଖ ହୋଇଥିବା ଚାଷୀ ସ୍ୱୀକାର କରିଛନ୍ତି । ଛତିଶଗଡ଼ ରାଜ୍ୟ ସୀମାକୁ ଲାଗିଛି ଚନ୍ଦାହାଣ୍ଡି ବ୍ଲକ୍ । ଛତିଶଗଡ଼ ସବୁଜ ବନାନୀରେ ଇତି ହୋଇଥିଲା ବେଳେ ଚନ୍ଦାହାଣ୍ଡିରେ ବାହାରକୁ ଦେଖାଯାଉଥିବା ଜଙ୍ଗଲ ଭିତରୁ ଟାଙ୍ଗରା ହୋଇସାରିଲାଣି । ଅନ୍ୟପଟେ ଚନ୍ଦାହାଣ୍ଡି ଓ ଝରିଗାଁ ବ୍ଲକକୁ ନେଇ ଗଠିତ ଝରିଗାଁ ବନାଞ୍ଚଳରେ ପ୍ରାୟ ୨୦ ହଜାର ହେକ୍ଟର ଜଙ୍ଗଲ ଜବରଦଖଲରେ ରହିଛି । ସେହିପରି ଜଙ୍ଗଲ ଜମି ଅଧିକାର ଆଇନ୍ ଅନୁଯାୟୀ ପ୍ରାୟ ୬୩୦୦ ଏକର ଜମି ପଟ୍ଟା ପ୍ରଦାନ କରାଯାଇଛି । ପୂର୍ବରୁ ଘଞ୍ଚ ଜଙ୍ଗଲରେ ରହିଥିବା ପୁରୁଣା ଗଛ ସବୁ ଉଭାନ୍ ହୋଇ ସେହି ସ୍ଥାନରେ ବର୍ତ୍ତମାନ ମକା ଚାଷ ହେଉଛି । ଯାହାର ସିଧାସଳଖ ପ୍ରଭାବ ଜଳବାୟୁ ଉପରେ ପଡ଼ିଛି । ୨୦୧୦ ମସିହାରେ ବ୍ଲକ୍‌ରେ ୨୩୩୪ ମିମି ବର୍ଷା ହୋଇଥିବା ବେଳେ ୨୦୧୬ରେ ୧୪୪୭ମିମି ବର୍ଷା ରେକର୍ଡ କରାଯାଇଛି । ୨୦୧୭ ମସିହାରୁ କ୍ରମାଗତ ଭାବେ ବ୍ଲକରେ ବର୍ଷା କମିବାରେ ଲାଗିଛି । କୃଷି ବିଭାଗ ୧୫୬୯ ମିମି ବୃଷ୍ଟିପାତକୁ ସ୍ୱାଭାବିକ ବର୍ଷା ବୋଲି ବିବେଚନା କରିଥାଏ । ତେବେ ଚନ୍ଦାହାଣ୍ଡି ବ୍ଲକରେ ୨୦୧୭ ମସିହାରେ ୧୨୦୭ ମିମି, ୨୦୧୮ ମସିହାରେ ୧୨୭୬ ମିମି, ୨୦୧୯ ମସିହାରେ ୧୩୫୩ ମିମି, ୨୦୨୦ ମସିହାରେ ୧୩୫୧ ମିମି, ୨୦୨୧ ମସିହାରେ ୯୨୬ ମିମି, ୨୦୨୨ ମସିହାରେ ୨୬୨ ମିମି ଓ ୨୦୨୩ ମସିହାରେ ୬୮୨ ମିମି ବର୍ଷା ରେକର୍ଡ ହୋଇଛି । ୨୦୨୧ରୁ ୨୦୨୩ ମସିହା ମଧ୍ୟରେ ବର୍ଷା ୧୦୦୦ ମିମି ତଳକୁ ରହୁଛି । କେବଳ ଚନ୍ଦାହାଣ୍ଡି ନୁହେଁ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଝରିଗାଁ ବ୍ଲକ ଉପରେ ବି ପଡୁଥିବା ଦେଖିବାକୁ ମିଳିଛି ।

# କେନ୍ଦ୍ରାପଡ଼ା ଗଣେଶ ପୂଜା ଉତ୍ସବ:ଡିଜେ, ପ୍ଲାଷ୍ଟର ପ୍ୟାରିସ୍, ମଦ କାରବାର ଉପରେ କଟକଣା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ଗଣେଶ ପୂଜାକୁ ଶାନ୍ତି ଶୃଙ୍ଖଳା ସହ ସମ୍ପନ୍ନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଯୋଗଦେଇଥିବା ବିଭିନ୍ନ ପୂଜା କମିଟିର ସଭାପତି, ସମ୍ପାଦକ ଓ ସଭ୍ୟମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ପୂଜାକୁ ଶାନ୍ତି, ଶୃଙ୍ଖଳା ଓ ଧୂମ୍ ଧାମ୍‌ରେ ପାଳନ ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ମୂର୍ତ୍ତି ଗୁଡିକୁ ନିର୍ଦ୍ଦିଷ୍ଟ ଉଚ୍ଚର କରିବା ସହ ଗଠନ ସମୟରେ ପ୍ଲାଷ୍ଟର୍ ଅଫ୍ ପ୍ୟାରିସ୍ ବ୍ୟବହାର ନ କରିବା, ୬୫ ଡେସିବଲ୍‌ରୁ କମ୍ ସାଉଣ୍ଡ୍ ସିଷ୍ଟମ୍ ବ୍ୟବହାର କରିବା, ମେଲୋଡି



ସମୟରେ ଅଶ୍ଳୀଳ ନାଚ ଗୀତର ବ୍ୟବସ୍ଥା ନକରିବା, ରାତି ୧୦ଟା ପରେ ଗୀତ ବନ୍ଦ କରିବା, ପୂଜା ପେଣ୍ଡାଲ୍‌କୁ ପରିଷ୍କାର ପରିଚ୍ଛନ୍ନ ରଖିବା ଆଦି ବିଷୟରେ ସମସ୍ତ ପୂଜା କମିଟିର ସଦସ୍ୟମାନଙ୍କୁ ଅନୁରୋଧ ରଖିଥିଲେ । ଆସନ୍ତା ୭ ତାରିଖରେ ଗଣେଶ ପୂଜା ଓ ୧୧ ତାରିଖରେ ବିସର୍ଜନ ଓ ୧୨ ତାରିଖରେ ଭସାଣୀ ଉତ୍ସବ ଅନୁଷ୍ଠିତ ହେବ । ତେଣୁ ୭, ୧୧ ଓ ୧୨ ତାରିଖରେ କେନ୍ଦ୍ରାପଡା ସହରରେ ମଦ ଦୋକାନ ବନ୍ଦ ରହିବ । ପୂଜା କମିଟିର ସଦସ୍ୟମାନେ ଭସାଣୀ ସମୟରେ ଡି.ଜେ. ବଜାଇବେ ନାହିଁ ଓ ଶବ୍ଦ ପ୍ରଦୂଷଣକୁ ଦୃଷ୍ଟିରେ ରଖି ୬୫ ଡେସିବଲ୍‌ରୁ ଉଚ୍ଚ ଶବ୍ଦ ବ୍ୟବହାର କରିବେନାହିଁ ବୋଲି ଜିଲ୍ଲା ପ୍ରଶାସନକୁ ପ୍ରତିଶ୍ରୁତି ଦେଇଥିଲେ । ରାସ୍ତାଘାଟ ମରାମତି, ପରିଷ୍କାର ଓ ପରିଚ୍ଛନ୍ନ ଏବଂ ରାସ୍ତାରୁ ହୋର୍ଡ଼ିଂ ହଟାଇବାକୁ ପୂଜା କମିଟି ମାନେ ପ୍ରଶାସନକୁ ଅନୁରୋଧ କରିଥିଲେ । ଗଣେଶ ପୂଜାରେ ମୋଟ ୨୯ଟି ମେଢ଼ରୁ ୨୭ ଗୋଟି ମେଢ଼ ଭସାଣୀରେ ଭାଗ ନେବେ । ବୈଠକରେ ଟ୍ରାଫିକ୍ ନିୟନ୍ତ୍ରଣ, ଚୋରି ଓ ଶାନ୍ତି ଶୃଙ୍ଖଳା ପ୍ରତି ଧ୍ୟାନ ଦିଆଯିବ ବୋଲି ଆରକ୍ଷୀ ଅଧିକ୍ଷକ ମତ ରଖିବା ସହ ପୂଜା କମିଟିର ସଦସ୍ୟମାନେ କୌଣସି ଅପ୍ରୀତିକର ପରିସ୍ଥିତିରେ ଆଇନ୍ ହାତକୁ ନନେଇ ପୋଲିସର ସହାୟତା ପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ । ବୈଠକରେ ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବାଶିଷ ଧଳ, ଏସ୍.ଡି.ପି.ଓ. ଦେବେନ୍ଦ୍ର ମଲିକ, ଡି.ଆଇ.ବି.-ଡି.ଏସ୍.ପି. ଲକ୍ଷ୍ମୀନାରାୟଣ ତିୱାରୀ, କେନ୍ଦ୍ରାପଡା ତହସିଲଦାର ତାପସ ଦେହୁରୀ, କେନ୍ଦ୍ରାପଡା ବି.ଡି.ଓ. ବନ୍ଦନା ଖଟୁଆ, ଡେପୁଟି କଲେକ୍ଟର ପଲ୍ଲବୀ ପ୍ରିୟଦର୍ଶିନୀ, ଟାଉନ୍ ଥାନା ଆଇ.ଆଇ.ସି. ଦିଲ୍ଲୀପ ସାହୁ, କେନ୍ଦ୍ରାପଡ଼ା ପୌରପରିଷଦର ନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର, ଉପ-ଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗୋଠ ଛଡ଼ା ଦନ୍ତା ହାତୀ ଆତଙ୍କ:ଘର ଭାଙ୍ଗି ଧାନ, ଚାଉଳ ଖାଇଗଲା

**ଚମ୍ପୁଆ, ନ୍ୟୁଜ୍ ବ୍ୟୁରୋ**

ଚମ୍ପୁଆ ରେଞ୍ଜ ଅନ୍ତର୍ଗତ ଜାଲି ଗ୍ରାମରେ ଏକ ଗୋଠ ଛଡ଼ା ଦନ୍ତା ହାତୀ ଆତଙ୍କ ଖେଳାଇଛି । ସୋମବାର ରାତିରେ ଗ୍ରାମର ୪ଟି ଘର ଭାଙ୍ଗି ଘର ଭିତରୁ ଧାନ ଚାଉଳ ଖାଇଯାଇଥିବା ବେଳେ ଏହାକୁ ନେଇ ଗ୍ରାମରେ ଆତଙ୍କ ଦେଖାଦେଇଛି । କିଛିଦିନ ହେବ ଏହି ଗୋଠ ଛଡ଼ା ଦନ୍ତା ହାତୀଟି ଏହି ଅଞ୍ଚଳରେ ଅବାଧ ବିଚରଣ କରୁଥିବା ବେଳେ ରାତିରେ ଜାଲି ଗ୍ରାମରେ ପଶି ବ୍ୟାପକ କ୍ଷୟକ୍ଷତି କରିଛି । ରାତି ପ୍ରାୟ ଗୋଟାଏ ବେଳେ ହାତୀଟି ଗାଁ ଭିତରକୁ ପଶିଆସି ଗାଁର ୪ଟି ଘର ଭାଙ୍ଗି ଘର ଭିତରୁ ଧାନ ଚାଉଳ ଖାଇଯାଇଛି । ତେବେ ହାତୀ ଗାଁ ଭିତରେ ପଶିଥିବା ବେଳେ ବନ ବିଭାଗ ପକ୍ଷରୁ ଗ୍ରାମବାସୀଙ୍କୁ କୌଣସି ସତର୍କ କରାଯାଇନଥିବା ଯୋଗୁଁ ଗ୍ରାମରେ ଅସନ୍ତୋଷ ଦେଖାଦେଇଛି । ରାତିରେ ହାତୀଟି ଗାଁ ଭିତରେ ପଶିବା ବେଳେ ଗ୍ରାମବାସୀମାନେ ଘର ଭିତରେ ଶୋଇଥିଲେ । ହାତୀ ଘର ଭାଙ୍ଗିବା ସମୟରେ ଶବ୍ଦ ହେବାରୁ ବାହାରକୁ ବାହାରି ହାତୀ ଘର ଭାଙ୍ଗୁଥିବା ଜାଣିବାକୁ ପାଇ ତୁରନ୍ତ ଛୁଆ ପିଲା ନେଇ ଘରୁ ବାହାରି ଦୌଡ଼ି ଚାଲିଯିବା ଯୋଗୁଁ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ହାତୀଟି ରାତିସାରା ଗାଁରେ ଉତ୍ପାତ କରିବା ପରେ ନିକଟସ୍ଥ ନିର୍ଣ୍ଣିନ୍ତପୁର ଜଙ୍ଗଲରେ ରହିଥିବାରୁ ଏହାକୁ ନେଇ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି ।

# ‘ଶିଳାବତୀ’ ପାଇଁ ବଳି ପଡୁଛି ଶାଳ ଜଙ୍ଗଲ

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**

ଶିଳାବତୀ ପାଇଁ ବଳି ପଡୁଛି ଶାଳ । ଦେଶ ବିଦେଶରେ ଶିଳାବତୀର ଚାହିଦା ବଢୁଥିବାରୁ ପ୍ରାକୃତିକ ଉପାୟରେ ବଢୁଥିବା ଶାଳ ଜଙ୍ଗଲ ପ୍ରତି ବିପଦ ଘନେଇଛି । ମାଲକାନଗିରି ଜିଲ୍ଲାର ବିଚ୍ଛିନ୍ନାଞ୍ଚଳବାସୀ ବିଭିନ୍ନ ଫସଲ ଉତ୍ପାଦନ ବଦଳରେ ଗଞ୍ଜେଇ ଚାଷ ମୋହରେ ପଡ଼ିଛନ୍ତି । ବେଶ୍ ଭଲ ରୋଜଗାର ହେଉଥିବାରୁ ଗଞ୍ଜେଇ ଚାଷ ପାଇଁ କଟା ଚାଲିଛି ଏକର ଏକର ଜଙ୍ଗଲ । ବହୁ ମୂଲ୍ୟବାନ ଗଛ ସହ ଶାଳବଣରେ ପରିପୂର୍ଣ୍ଣ ମାଲକାନଗିରି ଧୀରେ ଧୀରେ ଟାଙ୍ଗରା ଭୂଇଁ ହେବାକୁ ବସିଲାଣି । ଯାହାକି ଜିଲ୍ଲାର ଜଳବାୟୁ ପରିବର୍ତ୍ତନରେ ପ୍ରଭାବ ପକାଇବା ସହ ତାପାମତ୍ରା ବୃଦ୍ଧିର ମୁଖ୍ୟ କାରଣ ହୋଇଛି । ଚଳିତ ଗ୍ରୀଷ୍ମରେ ମାଲକାନଗିରି ତାପାମତ୍ରା ୪୮ ଡିଗ୍ରି (ଓଡ଼ିଶାରେ ସର୍ବୋଚ୍ଚ) ଛୁଇଁବ । ଏହାକୁ ପ୍ରମାଣିତ କରିଛି ଗଞ୍ଜେଇ ଚାଷର ପେଣ୍ଠସ୍ଥଳୀ ମାଲକାନଗିରି । ଏହି ଜିଲ୍ଲାରୁ ଉତ୍ପାଦିତ ହେଉଥିବା ଗଞ୍ଜେଇ ମଧ୍ୟରୁ ସର୍ବୋତ୍କୃଷ୍ଟ କିସମ ହେଉଛି ‘ଶିଳାବତୀ’ ଯାହା ମୋହରେ ଏବେ ସାରା ଦେଶ । ବିଶେଷ କରି ଆନ୍ଧ୍ର, ତେଲେଙ୍ଗାନା, ଛତିଶଗଡ଼କୁ ବ୍ୟାପକ ପରିମାଣର ଗଞ୍ଜେଇ ଚାଲାଣ ହେଉଛି । ବିଚ୍ଛିନ୍ନାଞ୍ଚଳ ଚୋରା ଚାଲାଣର କେନ୍ଦ୍ରବିନ୍ଦୁ ପାଲଟିଛି । ଜିଲ୍ଲାର ହଜାର ହଜାର ହେକ୍ଟର ଜମିରେ ଶିଳାବତୀ ଚାଷ ହେଉଥିବା ବେଳେ ବାର୍ଷିକ ହଜାରେ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଶିଳାବତୀ ବାହାର ରାଜ୍ୟକୁ ଚାଲାଣ ହେଉଛି । ମାଧ୍ୟମ ସାଜିଛନ୍ତି ଗଞ୍ଜେଇ ମାଫିଆ ଓ ନକ୍ସଲ । ଚିତ୍ରକୋଣ୍ଡା, କୋରୁକୋଣ୍ଡା, ମାଲକାନଗିରି, ଖଇରପୁଟ ବ୍ଲକ୍‌ରେ ସର୍ବାଧିକ ଶିଳାବତୀ ଚାଷ ହେଉଛି । ଶିଳାବତୀ ଚାଷ ପାଇଁ ମାଫିଆଙ୍କ ସମେତ ଅଞ୍ଚଳବାସୀ ଶାଳ ବଣ ପଦା କରି ଚାଲିଛନ୍ତି । ଶାଳ ଗଛ ଲଗାଇବା କଷ୍ଟକର ବ୍ୟାପାର । ଶାଳ ମଞ୍ଜି ସଂଗ୍ରହ କରି ଏହାକୁ ରୋପଣ କରି ପୁଣି ଜଙ୍ଗଲ ସୃଷ୍ଟି କରିବା ଏକ ପ୍ରକାର ଅସମ୍ଭବ । ଶାଳ ମଞ୍ଜି ଝଡ଼ିବା ପରେ ବର୍ଷା ସଂସ୍ପର୍ଶରେ ଆସି ମଞ୍ଜିରୁ ଆପେ ଆପେ ଗଛ ହୋଇଥାଏ । ସମୟକ୍ରମେ ଏହା ଜଙ୍ଗଲରେ ପରିଣତ ହୋଇଥାଏ । ମାଫିଆଙ୍କ ପ୍ରାଦୁର୍ଭାବ ଯୋଗୁ ଚିତ୍ରକୋଣ୍ଡା ବ୍ଲକ୍‌ର ସ୍ୱାଭିମାନ ଅଞ୍ଚଳରେ ଶାଳ ବଣ ଲୋପ ପାଇଗଲାଣି । ପୂର୍ବରୁ ବାଲିମେଳା ଜଳଭଣ୍ଡାର ପାଇଁ ଉଜୁଡ଼ି ଥିଲା ଏକର ଏକର ଜଙ୍ଗଲ । ପୋଲିସ ଓ ଅବକାରୀ ବିଭାଗ ଗଞ୍ଜେଇ ଚାଷକୁ ସମ୍ପୂର୍ଣ୍ଣ ବନ୍ଦ କରିବାରେ ସଫଳ ହୋଇପାରିନାହାନ୍ତି । ପୋଲିସ ସୂଚନା ମୁତାବକ, ୨୦୨୩-୨୪ ବର୍ଷରେ ଜିଲ୍ଲାର ୧୩୦୦ ଏକର ଜମିରୁ ପ୍ରାୟ ୨୦ ଲକ୍ଷ ଗଞ୍ଜେଇ ଗଛ କଟାଯାଇଛି । ସେହିପରି ଅବକାରୀ ବିଭାଗ ୪୩୦ ଏକର ଜମିରୁ ୬ ଲକ୍ଷ ୫୪ ହଜାର ଗଞ୍ଜେଇ ଗଛ କାଟିଛି । ଯେତିକି ପରିମାଣର ଗଛ ଅବକାରୀ ଓ ପୋଲିସ ବିଭାଗ ନଷ୍ଟ କରୁଛି ତାହାର ୫ରୁ ୧୦ ଗୁଣ ଚାଷ ଦୁର୍ଗମ ଓ ନକ୍ସଲପ୍ରବଣ ଅଞ୍ଚଳରେ ହେଉଛି । ଯେଉଁଠି ନକ୍ସଲ ଭୟରେ ପହଞ୍ଚିପାରୁନି ପୋଲିସ ଓ ଅବକାରୀ ବିଭାଗ । ବନ ବିଭାଗର ଏସିଏଫ ମନମୁନ ଖେମୁଡୁ କହିଛନ୍ତି, ବନ ସୁରକ୍ଷା ସମିତିଙ୍କୁ ବୁଝାଇ ଜଙ୍ଗଲ ସୃଷ୍ଟି ପାଇଁ ଉଦ୍ୟମ ଚାଲିଛି ।



# ତିହିଡ଼ି ପୋଲିସର ଚୋରା ରାକେଟ୍ ଠାବ କରିବା ଘଟଣା
## କିଣା ସାମଗ୍ରୀ ସିଜ୍‌ହେବା ଓ ୩ ଅଭିଯୁକ୍ତଙ୍କୁ ଛଡ଼ାଯିବାନେଇ ପ୍ରଶ୍ନ ଉଠାଇଲେ ଲୋକେ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ପୋଲିସ ଗତ ୨୩ ତାରିଖରେ ଏକ ଚୋର ରାକେଟକୁ ଠାବ କରିବା ସହିତ ବହୁ ପରିମାଣର ଚୋରି ସାମଗ୍ରୀ ଜବତ କରିଥିଲା । ମାତ୍ର ତନ୍ମଧ୍ୟରୁ କେତେକ କିଣା ସାମଗ୍ରୀକୁ ପୋଲିସ ଜଣକ ଘରୁ ସିଜ୍ କରି ଆଣିବା ଓ ୬ ଜଣଙ୍କୁ ଚୋରି ଘଟଣାରେ ପୋଲିସ ଗିରଫ କରି ୩ ଜଣଙ୍କୁ ଛାଡ଼ିଦେବା ନେଇ ସୋମବାର ଅଲୀନଗର ଛକ ଠାରେ ଶେରପୁର ଗ୍ରାମର ସ୍ୱୟଂପ୍ରଭା ବାରିକ ଓ ଦୀନବନ୍ଧୁ ଜେନା ସାମ୍ବାଦିକ ସମ୍ମିଳନୀ ଆହ୍ୱାନ କରିଥିଲେ । ଏଥିରେ ସ୍ୱୟଂପ୍ରଭା ଯୋଗଦେଇ କହିଥିଲେ ଯେ, ତିହିଡ଼ି ଓ ସାବରଙ୍ଗ ପୋଲିସ ତାଙ୍କ ଘରେ ପଶି ସେ ଅନୁପସ୍ଥିତ ସମୟରେ ତାଙ୍କର କିଣା ଏଲସିଡି ଓ ଅନ୍ୟାନ୍ୟ ସାମଗ୍ରୀକୁ ସିଜ୍ କରିଛନ୍ତି । ତାଙ୍କ ସ୍ୱାମୀଙ୍କୁ ପୋଲିସ ଅଭିଯୁକ୍ତ କରିବା ଭୟରେ କେଉଁଆଡ଼େ ପଳାଇ ଯାଇଛନ୍ତି । ତାଙ୍କ ସ୍ୱାମୀଙ୍କର ଯଦି କୌଣସି କ୍ଷତି ହୁଏ ସେଥିପାଇଁ ଉଭୟ ପୋଲିସ ଦାୟୀ ରହିବେ ବୋଲି କହିଥିଲେ । ଏଥିସହିତ ପୋଲିସ ସିଜ୍ କରି ନେଇଥିବା ତାଙ୍କ କିଣା ସାମଗ୍ରୀକୁ ତାଙ୍କ ଘରେ ଆଣି ଦେବାକୁ ସେ ଦାବି କରିଥିଲେ । ଏ ସମ୍ପର୍କରେ ଗତ ୨୩ ତାରିଖରେ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ତାଙ୍କ ଦାବି ପୂରଣ ନହେଲେ ସେ ଏସ୍‌ପିଙ୍କ କାର୍ଯ୍ୟାଳୟ ସାମ୍ନାରେ ଧାରଣା ଦେବେ ବୋଲି ଚେତାବନୀ ଦେବା କଥା ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । ସେହିପରି ଦୀନବନ୍ଧୁ ଜେନା ନାମକ ଜଣେ ବ୍ୟକ୍ତି କହିଛନ୍ତି ଯେ, ପୋଲିସ ଚୋରି ଘଟଣାରେ ୬ ଜଣଙ୍କୁ ଗିରଫ କରିଥିଲା । ମାତ୍ର ତିନିଜଣଙ୍କୁ କୋର୍ଟ ଚାଲାଣ କରି ଅନ୍ୟ ତିନିଜଣଙ୍କୁ ଛାଡ଼ିଦେବା ଘଟଣା ସନ୍ଦେହ ସୃଷ୍ଟି କରିଛି । ପୋଲିସ ଯେଉଁ ତିନିଜଣଙ୍କୁ ଛାଡ଼ି ଦେଇଛି ସେମାନଙ୍କ ନାମରେ ବିଭିନ୍ନ ଥାନାରେ ମକଦ୍ଦମା ରହିଛି । ସେମାନଙ୍କ ଘରୁ ମଧ୍ୟ ଚୋରି ସାମଗ୍ରୀ ପୋଲିସ ସିଜ୍ କରିଛି । ତେବେ ସେମାନଙ୍କୁ ତୁରନ୍ତ ଗିରଫ କରାନଗଲେ ସେ ମଧ୍ୟ ଧାରଣାରେ ବସିବେ ବୋଲି ଏସ୍‌ପିଙ୍କୁ ଲିଖିତ ଭାବେ ଜଣାଇଥିବା ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଥିଲେ । ଏ ସମ୍ପର୍କରେ ତିହିଡ଼ି ଥାନା ଆଇଆଇସି ପ୍ରସନ୍ନ କୁମାର ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଚୋରି ଘଟଣାର ତଦନ୍ତ ଚାଲିଛି । ଯେଉଁମାନଙ୍କୁ ଚୋରି ଘଟଣାରେ ଅଣାଯାଇଥିଲା ସେମାନଙ୍କ ଉପରେ ତଦନ୍ତ କରାଯାଇ ଯିଏ ପ୍ରକୃତ ଅଭିଯୁକ୍ତ ବୋଲି ଜଣାପଡ଼ିଲା ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି । ପୋଲିସ ଚୋରି କରିଥିବା ଅଭିଯୁକ୍ତଙ୍କ କହିବା ଅନୁଯାୟୀ ଚୋରି ସାମଗ୍ରୀ ସିଜ୍ କରିଛି । ଯଦି କାହାର କିଣା ସାମଗ୍ରୀ ସିଜ୍ ହୋଇଥାଏ ତାହେଲେ ସେ ଉପଯୁକ୍ତ ପ୍ରମାଣପତ୍ର ଦେଖାଇ ଥାନାରୁ ନେଇପାରିବେ ଯଦି ସେମାନେ ନନିଅନ୍ତି ତାହେଲେ ଥାନାରେ ଥିବା ମାଲଖାନା ଘରେ ସେହି ସାମଗ୍ରୀକୁ ରଖାଯାଇ କୋର୍ଟକୁ କାଗଜପତ୍ର ପଠାଇ ଦିଆଯିବ । ସେମାନେ କୋର୍ଟରେ କାଗଜପତ୍ର ଦେଖାଇ ସାମଗ୍ରୀ ନେଇପାରିବେ ।

# କଲେଜ ଦେୟ ପ୍ରଦାନରେ ଲକ୍ଷ ଲକ୍ଷ ଟଙ୍କା ଠକେଇ:ଗିରଫ ହେଲେ କମ୍ପ୍ୟୁଟର ସେଣ୍ଟର ମାଲିକ

**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**

କଲେଜ ଦେୟ ଅନ୍‌ଲାଇନ୍‌ରେ ଦେବାକୁ ଠକାମିର ଶିକାର ହୋଇଛନ୍ତି ଟିଟିଲାଗଡ଼ ଛାତ୍ରଛାତ୍ରୀ । ଦିନକୁ ଦିନ ଲୋକଙ୍କ ସୁବିଧା ନିମନ୍ତେ ଡିଜିଟାଲ୍ ଭାରତ ଅଧୀନରେ ବିଭିନ୍ନ କାର୍ଯ୍ୟ ସବୁ ଅନ୍ ଲାଇନ୍ ମାଧ୍ୟମରେ ହେଉଛି । ଆର୍ଥିକ କାରବାର ହେଉ କି ପାଠପଢ଼ା ପାଇଁ କୌଣସି ଫି’ ଦେବାକୁ ହେଉ, ଆଜିକାଲି ସବୁ ଡିଜିଟାଲ୍ । ତେବେ ଏହି ସୁବିଧାରେ ମଧ୍ୟ ବାଧକ ସାଜିଛନ୍ତି ଠକମାନେ । କେଉଁଠି କେମିତି ଜବରଦସ୍ତ ଠକେଇର ଶିକାର ହୋଇଛନ୍ତି କଲେଜ ଛାତ୍ରଛାତ୍ରୀ । ଏହିପରି ଏକ ଘଟଣା ଘଟାଇ ଜେଲ୍ ଯାଇଛନ୍ତି ଟିଟିଲାଗଡ଼ ଡିଏଭି କଲେଜ ସମ୍ମୁଖରେ ଥିବା ଏକ ଅନ୍‌ଲାଇନ୍ କମ୍ପ୍ୟୁଟର ସେଣ୍ଟରର ମାଲିକ । ସୂଚନା ଅନୁଯାୟୀ ଡିଏଭି ମହା ବିଦ୍ୟାଳୟର ଯୁକ୍ତ ୨ ଓ ଯୁକ୍ତ ୩ ବିଭାଗର ଛାତ୍ରଛାତ୍ରୀ ମାନେ ଅନ୍‌ଲାଇନ୍ ମାଧ୍ୟମରେ ଯିଏ ଯାହାର ଫି ବାନ୍ଧିବା ପାଇଁ ଟଙ୍କା ଦେଇଥିଲେ ଦୋକାନୀଙ୍କୁ । ତେବେ କିଛି ଦିନର ବ୍ୟବଧାନ ପରେ କଲେଜ କର୍ତ୍ତୃପକ୍ଷ ଫି ଭରି ନଥିବା ନୋଟିସ୍ ଦେବା ପରେ ଛାତ୍ରଛାତ୍ରୀ ଠକାମୀର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ । ଏହା ଜାଣି ଟିଟିଲାଗଡ଼ ଥାନାରେ ଲିଖିତ ଅଭିଯୋଗ କଲାପରେ ଘଟଣାର ସତ୍ୟତା ବାହାରିଥିଲା । ନୂତନ ଥାନାଧିକାରୀ ବିଶ୍ୱଜିତ ମନବୋଧ ତଦନ୍ତ ଆରମ୍ଭ କରିଥିଲେ । ତଦନ୍ତ ପରେ ଅବିନାଶ ସାହୁ ଠକେଇ କରି ୫୦ ଜଣ ଛାତ୍ରଛାତ୍ରୀ ମାନଙ୍କ ଠାରୁ ପାଖାପାଖି ଦେଢ଼ ଲକ୍ଷରୁ ଅଧିକ ଟଙ୍କା ଠକିଥିବା ଜଣାପଡ଼ିଥିଲା । ଏନେଇ ରବିବାର ସନ୍ଧ୍ୟାରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରି ଅଭିଯୁକ୍ତ କମ୍ପ୍ୟୁଟର ସେଣ୍ଟର ମାଲିକଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ଦେଇଛନ୍ତି । ଟିଟିଲାଗଡ଼ ଏସ୍‌ଡିପିଓ ଅଙ୍କିତା କୁମ୍ଭାରଙ୍କ ସହ ଥାନା ଅଧିକାରୀ ବିଶ୍ୱଜିତ ମନବୋଧ । ତେବେ ଛାତ୍ରଛାତ୍ରୀ ମାନଙ୍କ ଠାରୁ ଟଙ୍କା ନେବା ବେଳକୁ ଅବିନାଶ ସାହୁ ଫି ରସିଦ ଦେଇଥିଲେ କି ? ଯଦି ଦେଇଥିଲେ ତାହା ନକଲି ନିଶ୍ଚୟ ହୋଇଥିବ, ଏ ବିଷୟରେ ତଦନ୍ତ କଲେ ଏହି ଠକେଇରେ ଆଉ କିଏ କିଏ ସାମିଲ୍ ଅଛନ୍ତି, ଏହାର ରହସ୍ୟ ଉନ୍ମୋଚନ ହୋଇପାରନ୍ତା ବୋଲି ସ୍ଥାନୀୟ ଲୋକମାନେ ଚର୍ଚ୍ଚା ହେଉଛି ।

# ଜୀବନ ନେଉଛି ଅସ୍ୱାଭାବିକ ତାପମାତ୍ରା

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବାହ୍ୟ ତାପମାତ୍ରା ଶିମିଳିପାଳ ପାଇଁ ଯେତିକି ଚିନ୍ତାର ବିଷୟ ହୋଇଛି, ଆଭ୍ୟନ୍ତରୀଣ ତାପମାତ୍ରା ମଧ୍ୟ ସମସ୍ତଙ୍କୁ ଚିନ୍ତାରେ ପକାଇଛି । ପରିବେଶବିତ୍ ଓ ଗବେଷକଙ୍କ ମତରେ ଶହ ଶହ ବର୍ଷ ତଳେ ଭୂଚଳନରୁ ସୃଷ୍ଟ ଶିମିଳିପାଳ ବିଗତ କିଛିବର୍ଷ ହେବ ବର୍ଦ୍ଧିତ ତାପମାତ୍ରା ଯୋଗୁଁ ବେଶ୍ ପ୍ରଭାବିତ ହେଉଛି । ଗ୍ରୀଷ୍ମଋତୁରେ ବାହ୍ୟ ତାପମାତ୍ରା ବଢ଼ିଯାଉଛି । ୨୦୧୦ ମସିହାରୁ ୨୦୨୨ ମସିହା ମଧ୍ୟରେ ସର୍ବୋଚ୍ଚ ତାପମାତ୍ରା ୪୯ ଡିଗ୍ରି ରେକର୍ଡ କରାଯାଇଛି । ବନାଗ୍ନି ଯୋଗୁଁ ମଧ୍ୟ ଆଭ୍ୟନ୍ତରୀଣ ତାପମାତ୍ରା ବୃଦ୍ଧି ପାଉଛି । ଅନ୍ୟପଟେ ଶୀତଦିନରେ ତାପମାତ୍ରା ଅନେକାଂଶରେ କମିଯାଉଛି । ୨୦୧୦ ମସିହାରୁ ୨୦୨୨ ମସିହା ମଧ୍ୟରେ ସର୍ବନିମ୍ନ ତାପମାତ୍ରା ୪ ଡିଗ୍ରି ରେକର୍ଡ କରାଯାଇଛି । ଏମିତିକି ଅଧିକାଂଶ ସମୟ ଶିମିଳିପାଳରେ ତୁଷାରପାତ ହେବା ଦେଖିବାକୁ ମିଳୁଛି । ତେବେ ଅତ୍ୟଧିକ ଗରମ ଓ ଅତ୍ୟଧିକ ଥଣ୍ଡାର କୁପ୍ରଭାବ ଜୀବଜନ୍ତୁ ଓ ଗଛଲତା ଉପରେ ପଡୁଛି । ଜୀବଜନ୍ତୁମାନେ ଅକାଳରେ ପ୍ରାଣ ହରାଉଥିବା ବେଳେ ଗଛଲତାଗୁଡ଼ିକ ମରି ଯାଉଛନ୍ତି ।

## ଜିଲ୍ଲାସ୍ତରୀୟ ଡିଜିଟାଲ୍ ଫସଲ ସର୍ବେକ୍ଷଣ ଶୁଭାରମ୍ଭ

# କୃଷକ ଆୟ ଦ୍ୱିଗୁଣିତ କରାଇବାରେ ସହାୟକ ହେବ ଯୋଜନା

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ର ଓ ରଜ୍ୟ ସରକାରଙ୍କ ମିଳିତ ଆନୁକୂଲ୍ୟରେ ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ କାର୍ଯ୍ୟକାରୀ ହେବାକୁ ଯାଉଥିବା ଡିଜିଟାଲ୍ ଫସଲ ସର୍ବେକ୍ଷଣ କାର୍ଯ୍ୟକ୍ରମର ଭଦ୍ରକ ଜିଲ୍ଲାସ୍ତରୀୟ ଶୁଭାରମ୍ଭ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟକ ଭାବେ ରାଜ୍ୟ ସରକାରଙ୍କ କ୍ରୀଡ଼ା, ଯୁବ ସେବା, ଉଚ୍ଚ ଶିକ୍ଷା, ଓଡ଼ିଶା ଭାଷା ପ୍ରତିଷ୍ଠାନ, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆଭାସି ଜରିଆରେ ଏହାକୁ ଉଦ୍‌ଘାଟନ କରିଥିଲେ । ଜିଲ୍ଲା ସଂସ୍କୃତି ଭବନରେ ଅନୁଷ୍ଠିତ ଏହି ଜିଲ୍ଲାସ୍ତରୀୟ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ଅନ୍ୟତମ ସମ୍ମାନିତ ଅତିଥିଭାବେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ କୁମାର ଜେନା, କାର୍ଯ୍ୟକ୍ରମର ନୋଡାଲ୍ ଅଧିକାରୀ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଗଣେଶ୍ୱର ମାଝୀ ପ୍ରମୁଖ ଯୋଗଦେଇଥିଲେ । ଚାଷୀଙ୍କ ହିତରେ ସ୍ଥାନୀୟ ସର୍ବେକ୍ଷଣକାରୀମାନଙ୍କ ଦ୍ୱାରା ମୋବାଇଲ୍ ଆପ୍ ଜରିଆରେ ଫସଲର କ୍ଷେତ୍ର ସ୍ତରୀୟ ପ୍ରକୃତ ଓ ସଠିକ୍ ତଥ୍ୟ ସଂଗ୍ରହ କରାଯିବା ନେଇ ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ, କାର୍ଯ୍ୟାନ୍ୱୟନ ପ୍ରଣାଳୀ, ସଠିକ୍ ଉପଯୋଗ ପାଇଁ କୃଷକ, ସର୍ବେକ୍ଷଣକାରୀ, ସଂପୃକ୍ତ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀମାନଙ୍କ ସହଯୋଗର ଆବଶ୍ୟକତା ସମ୍ବନ୍ଧରେ ଅତିଥିମାନେ ଆଲୋକପାତ କରିଥିଲେ । ସୂଚନାଯୋଗ୍ୟକି ଗତବର୍ଷ ପରୀକ୍ଷାମୂଳକ ଭାବେ ଓଡ଼ିଶାର ନୟାଗଡ଼, ଭଦ୍ରକ, ଦେବଗଡ଼ ଓ ନୂଆପଡ଼ା ଏହି ୪ଟି ଜିଲ୍ଲାରେ ପ୍ରଥମଥର ପାଇଁ ଆରମ୍ଭ କରାଯାଇଥିବା ଏହି ଯୋଜନାର କାର୍ଯ୍ୟକାରୀତାରେ ଭଦ୍ରକ ଜିଲ୍ଲା ୧ମ ସ୍ଥାନ ନେଇଥିଲା । ଚଳିତ ବର୍ଷ ମଧ୍ୟ ଏହି ସ୍ଥାନ ବଜାୟ



ରଖିବାକୁ ଆହ୍ୱାନ ଦିଆଯାଇଥିଲା । ଚଳିତ ବର୍ଷ ପାଇଁ ୧୬ ଅଗଷ୍ଟରୁ ୩୦ ସେପ୍ଟେମ୍ବର ପର୍ଯ୍ୟନ୍ତ ଏହି ସର୍ବେକ୍ଷଣ କାର୍ଯ୍ୟ ଚାଲୁ ରହିବା ନେଇ କାର୍ଯ୍ୟସୂଚୀ ନିର୍ଦ୍ଧାରଣ କରାଯାଇଥିଲେ ବି ବିଭିନ୍ନ ଜିଲ୍ଲାରେ ବିଭିନ୍ନ ସମୟରେ ଆରମ୍ଭ କରାଯାଇଛି । ଭଦ୍ରକ ଜିଲ୍ଲାରେ ନିଅଣ୍ଟିଆ ବର୍ଷା ପାଇଁ ଚାଷ କାର୍ଯ୍ୟ ବିଳମ୍ବରେ ଆରମ୍ଭ ହୋଇଥିବାରୁ ଅଗଷ୍ଟ ୨୫ରେ ଏହାର ଶୁଭାରମ୍ଭ କରାଯାଇ ଅଗଷ୍ଟ ୨୮ ରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ସର୍ବେକ୍ଷଣ କରାଯିବା ନେଇ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ସୂଚନା ପ୍ରଦାନ କରାଯାଇଛି । ଡ଼ିଜିଟାଲ୍ ଫସଲ ସର୍ବେକ୍ଷଣ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଜିଲ୍ଲାରେ ସର୍ବମୋଟ ୧୩,୨୬,୨୭୭ କୃଷି ଭିତ୍ତିକ ଓ ଅଣକୃଷି ଭିତ୍ତିକ ପ୍ଲଟ୍‌ରେ ସର୍ବେକ୍ଷଣ କରାଯିବ ଓ ଏଥିପାଇଁ ଅଦ୍ୟାବଧି ୯୦୬ଜଣ ସର୍ବେକ୍ଷଣକାରୀଙ୍କୁ ଚୟନ କରାଯାଇ ୱେବ୍ ପୋର୍ଟାଲରେ ପଞ୍ଜିକୃତ କରାଯାଇଛି । ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଚଳିତ ଖରିଫ-୨୦୨୪ରେ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରେ ଆରମ୍ଭ କରିବାକୁ ଯାଉଥିବା ଏହି କାର୍ଯକ୍ରମରେ ପ୍ରତିଟି ଚାଷ ଜମି ଯାହା ପ୍ରମାଣିତ ସତ୍ୟ ଭିତ୍ତିକ, ସେହି ପ୍ଲଟ୍‌ର ପରିସୀମା ମଧ୍ୟରେ ଥିବା ଶସ୍ୟ ସମ୍ପର୍କିତ ସୂଚନା ପଞ୍ଜିକା ପ୍ରସ୍ତୁତ ହେବାକୁ ଯାଉଛି । ଯାହାକି ସତ୍ୟତଥ୍ୟ ଆଧାର ଭାବରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ସମୟବାୟ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ଅର୍ଥ ପରିସଂଖ୍ୟନ, ବ୍ୟାଙ୍କ, ବୀମା କମ୍ପାନୀ ଆଦି ବିଭାଗ ଦ୍ୱାରା ବ୍ୟବହୃତ ହୋଇପାରିବ । ଆଗାମୀ ବର୍ଷମାନଙ୍କରେ ଏହା ସମୟାନୁମୋଦିତ ଫସଲ କ୍ଷେତ୍ର ଆକଳନ, ଋଣ ପ୍ରଦାନରେ ସରଳୀକରଣ, ଫସଲ ବୀମା, ଫସଲ ବିବିଧକରଣ, ବିପଣନ କେନ୍ଦ୍ର ସ୍ଥାପନ, କୃଷି ଯୋଜନାରେ ତଦାରଖ ତଥା କୃଷି ଆବଶ୍ୟକତା ଅନୁଯାୟୀ ବ୍ୟାକ୍ତିଗତ ପରାମର୍ଶ ପ୍ରଦାନ ଆଦି କ୍ଷେତ୍ରରେ ଏହା ବିଶେଷ ଭାବେ ଉପଯୋଗୀ ହେବ । ଏହି ସର୍ବେକ୍ଷଣ ଚାଷୀମାନଙ୍କ ହିତରେ ଥିବାରୁ ସେମାନେ ସଠିକ୍ ତଥ୍ୟ ଦେଇ ଏଥିରେ ସହଯୋଗ କରିବାକୁ ସମସ୍ତ ଅତିଥି ଅନୁରୋଧ କରିଥିଲେ । କୃଷକ, ଜନପ୍ରତିନିଧି, ଗଣମାଧ୍ୟମ ପ୍ରତିନିଧି, ଜିଲ୍ଲାସ୍ତରୀୟ ସଂପୃକ୍ତ ବିଭାଗୀୟ ଅଧିକାରୀ ଆଦି ଏହି କର୍ମଶାଳାରେ ଉପସ୍ଥିତ ଥିଲେ ।

# ଶିମିଳିପାଳ ଅଭୟାରଣ୍ୟରୁ ୫ ଶିକାରୀ ଗିରଫ:୪ ବନ୍ଧୁକ ଜବତ



**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ଶିମିଳିପାଳ ଅଭୟାରଣ୍ୟରେ ବନ୍ୟଜନ୍ତୁଙ୍କୁ ଶିକାରୀ ଦାଉରୁ ସୁରକ୍ଷା ନିମନ୍ତେ ଖଞ୍ଜା ଯାଇଥିବା କ୍ୟାମେରା ପୁଣି ୫ ଜଣ ଶିକାରୀଙ୍କୁ ଧରିବାରେ ବନବିଭାଗ ସଫଳ ହୋଇଛି । ଅଭୟାରଣ୍ୟରେ ଶିକାରୀଙ୍କ ପ୍ରାଦୁର୍ଭାବକୁ ସମ୍ପୂର୍ଣ୍ଣ ମାତ୍ରାରେ ରୋକିବାରେ ଏଆଇ କ୍ୟାମେରା ପୁଣିଥରେ ସହାୟକ ସାବ୍ୟସ୍ତ ହୋଇଛି । ଶିମିଳିପାଳ ବନ୍ୟଜନ୍ତୁ ବୁଦ୍ଧିମତା ନେଟ୍‌ୱର୍କ (ଏସ୍‌ଡବ୍ଲୁଆଇଏନ୍) ପରି ଅତ୍ୟାଧୁନିକ ବୈଜ୍ଞାନିକ କୌଶଳ ବ୍ୟବହାର କରାଯାଇ ଏହି ଶିକାରୀଙ୍କୁ ଧରିବାକୁ ବନ ବିଭାଗ ପ୍ରୟାସ ସଫଳ ହୋଇଛି । ଶିକାର ଉଦ୍ଦେଶ୍ୟରେ ଶିମିଳିପାଳ କୋର୍ ଅଞ୍ଚଳରେ ପ୍ରବେଶ କରିଥିବା ବେଳେ ୫ ଜଣ ଶିକାରୀଙ୍କ ଫଟୋ କ୍ୟାମେରାରେ କଏଦ୍ ହୋଇଥିଲା । ପରେ ବନବିଭାଗ ଅନୁଧ୍ୟାନ କରି ଶିକାରୀଙ୍କୁ ଠାବ କରି ଗିରଫ କରିଛି । ଗିରଫ ଶିକାରୀମାନେ ହେଲେ ବାରିପଦା ସଦର ଥାନା ଅନ୍ତର୍ଗତ ବେସରପାଣି ଗ୍ରାମର କରୁଣାକର ମଲ୍ଲିକ (୨୮), କାର୍ତ୍ତିକ ଭକ୍ତା (୩୦), ଭୋଳା ଭକ୍ତା (୨୯), ଗୁନୁ ଭକ୍ତା (୩୦) ଏବଂ ରବି ଭକ୍ତା (୫୦) ଗିରଫ ଶିକାରୀଙ୍କ ଠାରୁ ୩ଟି ବନ୍ଧୁକ, ଗୋଟିଏ ଜୀବନ୍ତ (ଗୁଳିଭର୍ତ୍ତି) ବନ୍ଧୁକ, ଗୋଳାବାରୁଦ ଗୁଣ୍ଡ, ବଡ଼ କରତ ସମେତ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି । ଏମାନେ ବନ୍ଧୁକ ଧରି ଅଭୟାରଣ୍ୟର କୋର୍ ଅଞ୍ଚଳ ମଧ୍ୟକୁ ଶିକାର ଉଦ୍ଦେଶ୍ୟରେ ଅନୁପ୍ରବେଶ କରିଥିବା ବେଳେ ସେମାନଙ୍କ ଫଟୋ ଟ୍ରାପ୍ କ୍ୟାମେରାରେ ରେକର୍ଡ ହୋଇଥିଲା ଯାହାକୁ ଆୟୁଧ କରି ଯାଞ୍ଚ କରାଯାଇଥିଲା । ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉପନିର୍ଦ୍ଦେଶକ (ଦକ୍ଷିଣ) ସମ୍ରାଟ ଗୌଡାଙ୍କ ତତ୍ତ୍ୱାବଧାନରେ ଅତିରିକ୍ତ ବନ ସଂରକ୍ଷକ ପ୍ରଦୀପ ଦେଙ୍କ ନେତୃତ୍ୱରେ ପିଠାବଟା ଦକ୍ଷିଣ ବନଖଣ୍ଡ ରେଞ୍ଜ କର୍ମଚାରୀଙ୍କ ଏକ ଟିମ୍ ଉପରୋକ୍ତ ଶିକାରୀଙ୍କୁ ଚିହ୍ନଟ ପୂର୍ବକ ସେମାନଙ୍କ ଘରୁ ଗିରଫ କରିଥିଲେ । ବନ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ବିଭାଗ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି ।

# ମରଣଯନ୍ତା ପାଲଟିଛି ଫରଙ୍ଗ-କୁମ୍ଭାରୀ ରାସ୍ତା



**ଧର୍ମଗଡ଼, ନ୍ୟୁଜ୍ ବ୍ୟୁରୋ**

ଗୋଲାମୁଣ୍ଡା ବ୍ଲକ ଫରଙ୍ଗ ଠୁ କୁମ୍ଭାରୀ ରାସ୍ତା ମରଣ ଯନ୍ତା ପାଲଟିଥିବା ନେଇ ଫରଙ୍ଗ ଗ୍ରାମର ଉଦିଆ ନିଆଲ, ମନୋଜ ଗଡତିଆ, ଡମେନ ସା, ସୁମନ ମାଝି, ଜୟ ବାରିକ, ପ୍ରେମ ପ୍ରଧାନ, ଦେବେନ୍ଦ୍ର ଗଡତିଆ, ଚନ୍ଦ୍ର ସା ପକ୍ଷରୁ ଅଭିଯୋଗ ହୋଇଛି । ସୂଚନାରୁ ପ୍ରକାଶ ଏହି ରାସ୍ତାଟି ଗତ ବର୍ଷ ଧର୍ମଗଡ଼ ଗ୍ରାମ୍ୟ ନିର୍ମାଣ ବିଭାଗ ଦ୍ୱାରା କାମ ହୋଇଥିଲା ହେଲେ ଆଜକୁ ବର୍ଷେ ହୋଇନଥିବା ବେଳେ ପ୍ରାୟତଃ ଭୁଶୁଡ଼ି ଗଲାଣି । ରାସ୍ତାରେ ଆଣ୍ଠୁଏ କାଦୁଅ ଜମୁଥିବାରୁ ଜନସାଧାରଣ ଯିବା ଆସିବାରେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଫରଙ୍ଗ ଗ୍ରାମର ଜନସାଧାରଣ କହିବାନୁଯାଇ ୮୦ ଲକ୍ଷ ଟଙ୍କାରେ ଏହି ରାସ୍ତାଟି ଗତ ବର୍ଷ କାମ ହୋଇଥିଲା । କିନ୍ତୁ ଏକ ବର୍ଷ ଭିତରେ ଭାଙ୍ଗିଯାଇ ରାସ୍ତା ମଝିରେ ଆଣ୍ଠୁଏ କାଦୁଅ ଜମା ହୋଇଥିବା ନେଇ ଗ୍ରାମବାସୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି । ଫରଙ୍ଗ ପଞ୍ଚାୟତରେ ସ୍ୱାସ୍ଥ୍ୟକେନ୍ଦ୍ର ଓ ହାଇ ସ୍କୁଲ୍ ଥିବାରୁ କୁମ୍ଭାରୀ ଗ୍ରାମର ରୋଗୀମାନେ ଚିକିତ୍ସା ପାଇଁ ଆସୁଥିବା ବେଳେ ଛାତ୍ରଛାତ୍ରୀମାନେ ଅଧ୍ୟୟନ କରିବାକୁ ଆସନ୍ତି । ଅନେକ ଲୋକ ଓ ଛାତ୍ରଛାତ୍ରୀ ଦୁର୍ଘଟଣାର ଶିକାର ହେଉଛନ୍ତି । ପ୍ରାୟତଃ ଛାତ୍ରଛାତ୍ରୀମାନେ ବିଶେଷ ପରିମାଣରେ ପ୍ରଭାବିତ ହେଉଛନ୍ତି । ଫୁଣ୍ଡା, ରେଙ୍ଗସାପାଲି, ବନ୍ଦାଗାଁ, ବୋରଗୁଡା ଓ ଫରଙ୍ଗ ପଞ୍ଚାୟତ ଜନସାଧାରଣ ଏ ରାସ୍ତା ଦେଇ ଧର୍ମଗଡ଼କୁ ଯିବା ଆସିବା କରିଥାନ୍ତି । ସହକାରୀ ଯନ୍ତ୍ରୀ ରାଜିନ୍ଦ୍ର ମାଝୀଙ୍କୁ ଯୋଗାଯୋଗ କରାଯାଇଥିଲା । ସେ କହିବାନୁଯାଇ ତଦନ୍ତ କରାଯିବ । ଦରକାର ପଡିଲେ ଜରୁରୀକାଳୀନ ଭିତରେ ମରାମତି କରାଯିବାକୁ ସୂଚନା ଦେଇଥିଲେ ।

# ପୋଲିସ ଇନ୍‌ଫର୍ମର ସନ୍ଦେହରେ ଜଣଙ୍କୁ ହତ୍ୟା କଲେ ମାଓବାଦୀ

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**

ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ରେ ମାଓବାଦୀମାନେ ଜଣେ ପୋଲିସ କର୍ମଚାରୀଙ୍କ ଭାଇକୁ ପୋଲିସ ଇନ୍‌ଫର୍ମର ସନ୍ଦେହରେ ହତ୍ୟା କରିଛନ୍ତି । ସୂଚନା ଅନୁଯାୟୀ, ସୀମାନ୍ତ ଛତିଶଗଡ଼ରେ ମାଓହିଂସା ଥମିବାର ନାଁ ଧରୁନାହିଁ । ମାଓବାଦୀମାନେ ନିଜର ସ୍ଥିତି ଜାହିର କରିବା ଓ ଭୟ ସୃଷ୍ଟି ପାଇଁ ବିଜାପୁର ଜିଲ୍ଲାରେ ଜଣେ ପୋଲିସ କର୍ମଚାରୀଙ୍କ ଭାଇଙ୍କୁ ଘରୁ ଅପହରଣ କରି ହତ୍ୟା କରିଛନ୍ତି । ମୃତ ଯୁବକ ଜଣକ ହେଲେ ମିରତୁର ଥାନା ଅନ୍ତର୍ଗତ ତିମନାର ଗ୍ରାମର ସୁଦୃ କରାମ । ତାଙ୍କ ଭାଇ ଛତିଶଗଡ଼ ପୋଲିସ ବିଭାଗରେ କାର୍ଯ୍ୟ କରୁଛନ୍ତି । ମାଓବାଦୀମାନେ ସୁଦୃଙ୍କ ଘର ଉପରେ ଆକ୍ରମଣ କରି ତାଙ୍କୁ ଅପହରଣ କରି ଘର ନିକଟରେ ଥିବା ଜଙ୍ଗଲକୁ ନେଇ ଯାଇଥିଲେ । ମାଓବାଦୀମାନେ ତାଙ୍କୁ ମାଡ଼ ମାରିବା ପରେ ଅତି ନିର୍ମମ ଭାବେ ହତ୍ୟା କରିଥିଲେ । ଏହାପରେ ମୃତଦେହକୁ ଗାଁ ନିକଟ ଜଙ୍ଗଲରେ ଫିଙ୍ଗି ସେଠାରୁ ଫେରାର୍ ହୋଇଯାଇଥିଲେ । ପୋଲିସ ସୂଚନାଦାତା ସନ୍ଦେହରେ ଗତ ଏକ ସପ୍ତାହ ମଧ୍ୟରେ ବିଜାପୁର ଜିଲ୍ଲାରେ ୩ଜଣଙ୍କୁ ମାଓବାଦୀମାନେ ହତ୍ୟା କରିସାରିଲେଣି । ଯାହାକୁ ନେଇ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଥିବା ବେଳେ ପୋଲିସ ଘଟଣାର ତଦନ୍ତ କରୁଥିବା ଜଣାପଡୁଛି ।

# ରାଜ୍ୟର ୬ ସହରରେ ସ୍ଥାପନ ହେବ ୧୯ ଏଫଏମ୍ ରେଡ଼ିଓ ଷ୍ଟେସନ୍

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ୬ଟି ସହରରେ ୧୯ଟି ପ୍ରାଇଭେଟ୍ ଏଫ୍‌ଏମ୍ ରେଡ଼ିଓ ଷ୍ଟେସନ୍ ଆରମ୍ଭ ହେବ । ପୁରୀ, ଭଦ୍ରକ, ବାଲେଶ୍ୱର, ବାରିପଦା, ସମ୍ବଲପୁରରେ ୩ଟି ଲେଖାଏଁ ହେବାକୁ ଥିବାବେଳେ ବ୍ରହ୍ମପୁରରେ ଆରମ୍ଭ ହେବ ୪ଟି ଏଫଏମ୍ ରେଡ଼ିଓ ଷ୍ଟେସନ୍ । ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଘରୋଇ ଏଫଏମ୍ ରେଡ଼ିଓ ତୃତୀୟ ପର୍ଯ୍ୟାୟ ନୀତି ଆଧିନରେ ୨୩୪ଟି ନୂଆ ସହରରେ ମୋଟ୍ ୭୩୦ଟି ଚ୍ୟାନେଲ୍ ପାଇଁ ତୃତୀୟ ବ୍ୟାଚ୍ ଇ-ନିଲାମ୍ ପ୍ରସ୍ତାବକୁ ଅନୁମୋଦନ ମିଳିଛି । ଏଥିରେ ନଗର, ସହର ତଥା ରାଜ୍ୟ ଅନୁଯାୟୀ ତାଲିକା ଏବଂ ନୂତନ ନିଲାମ ପାଇଁ ଅନୁମୋଦିତ ଘରୋଇ ଏଫଏମ୍ ଚ୍ୟାନେଲ୍ ସଂଖ୍ୟାକୁ ସଂଲଗ୍ନକ ଭାବେ ତାଲିକାଭୁକ୍ତ କରାଯାଇଛି । ତେବେ ବସ୍ତୁ ଓ ସେବା ଟିକସ (ଜିଏସ୍‌ଟି)କୁ ବାଦ୍ ଦେଇ ଏଫଏମ୍ ଚ୍ୟାନେଲ୍‌ର ବାର୍ଷିକ ଲାଇସେନ୍ସ ଶୁଳ୍କ (ଏଲଏଲଏଫ) ମୋଟ ରାଜସ୍ୱର ୪% ଆଦାୟ କରିବା ପ୍ରସ୍ତାବକୁ ମଧ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି । ଏହା ୨୩୪ଟି ନୂଆ ନଗର ଓ ସହର ପାଇଁ ଲାଗୁ ହେବ । ଏନେଇ ରେଡ଼ିଓ ବ୍ୟକ୍ତିତ୍ୱ ସୁବ୍ରତ କୁମାର ପତି କହିଛନ୍ତି ଯେ, ଆଧ୍ୟାତ୍ମିକ ସହର ପୁରୀ ଏବଂ କମର୍ସିଆଲ୍ ସିଟି ବ୍ରହ୍ମପୁରରେ ରେଡ଼ିଓ ଷ୍ଟେସନ୍ କରାଯିବାକୁ ଅନେକ ଦିନରୁ ଅପେକ୍ଷା ଥିଲା । ଓଡ଼ିଶାରେ ୬ଟି ସହରରେ ଏହି ଷ୍ଟେସନ୍ ଆରମ୍ଭ ହେବା ଅତ୍ୟନ୍ତ ଖୁସିର କଥା । କେବଳ ବ୍ରହ୍ମପୁରରେ ୪ଟି ଆରମ୍ଭ ହେବା ଦ୍ୱାରା ସ୍ଥାନୀୟ ବହୁ ସଂଖ୍ୟାରେ ଲୋକେ ନିଯୁକ୍ତି ପାଇବା ସହ ଅଞ୍ଚଳର କଳା, ସଂସ୍କୃତି ଓ ପରମ୍ପରା ବିଷୟରେ ବିଭିନ୍ନ କାର୍ଯ୍ୟକ୍ରମ ଆଞ୍ଚଳିକ ଭାଷାରେ ପରିବେଷଣ ସେମାନଙ୍କୁ ଆନନ୍ଦିତ କରିବ । ସେହିପରି ପ୍ରଥମ କରି ରେଡ଼ିଓରେ ବିଭିନ୍ନ କାର୍ଯ୍ୟକ୍ରମ ସମ୍ବଲପୁରୀ ଭାଷାରେ ପ୍ରସାରଣ କରାଯିବା ସ୍ୱାଗତଯୋଗ୍ୟ ।

# କଳିଙ୍ଗ ଭାରତୀର ଭଞ୍ଜ ମଣ୍ଡପ ଓଡ଼ିଆ ଅସ୍ମିତାର ସ୍ମାରକୀ



**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ମିଶନ୍ ରୋଡ଼ ସ୍ଥିତ କଳିଙ୍ଗ ଭାରତୀ ଭଞ୍ଜ ମଣ୍ଡପ ହେଉଛି ସଂସ୍କୃତି ସହର କଟକର ଏକ ସାଂସ୍କୃତିକ ଚିହ୍ନ । ଯେଉଁଠାରୁ ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର ଅସ୍ମିତା ରକ୍ଷା ନିମିତ୍ତ ଅନେକ ସଂଗ୍ରାମ ହେଇଛି ବୋଲି ୫୪ତମ କଳିଙ୍ଗ ଭାରତୀ ଭଞ୍ଜ ମଣ୍ଡପ ପ୍ରତିଷ୍ଠା ଦିବସରେ ଅତିଥିମାନେ ମତପୋଷଣ କରିଥିଲେ । କଳିଙ୍ଗ ଭାରତୀ ସଭାପତି ଡାକ୍ତର ଶୈଳେଶ୍ୱର ନନ୍ଦଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସାରସ୍ୱତ ସଭାକୁ ବିଶିଷ୍ଟ ଶିକ୍ଷାବିତ୍ ତଥା କଳା ବିକାଶ କେନ୍ଦ୍ରର ନ୍ୟାସୀ ରବୀନ୍ଦ୍ରନାଥ ମହାନ୍ତି ଉଦ୍‌ଘାଟନ କରିଥିଲେ । ଏହି ସଭାରେ ବରିଷ୍ଠ ସାହିତ୍ୟ ସଂଗଠକ ଇଂ ପ୍ରଭାକର ସ୍ୱାଇଁଙ୍କୁ କଳିଙ୍ଗ ଭାରତୀ ତରଫରୁ ପ୍ରଥମ ପୁରୁଷୋତ୍ତମ ପଟ୍ଟନାୟକ ସ୍ମାରକୀ ସଂସ୍କୃତି ଓ ସାହିତ୍ୟ ସଂଗଠକ ସମ୍ମାନ ୨୦୨୪ ପ୍ରଦାନ କରାଯାଇଥିଲା । ସମ୍ପାଦକ ଡାକ୍ତର ଅଂଶୁମାନ କର ଓଡ଼ିଶା ଅସ୍ମିତା ରକ୍ଷାରେ ଭଞ୍ଜ ଜୟନ୍ତୀ ଓ ଭଞ୍ଜ ମଣ୍ଡପର ଭୂମିକା ବିଷୟରେ ଆଲୋଚନା କରିଥିବାବେଳେ ମୁଖ୍ୟବକ୍ତା ଡ଼. ପ୍ରଫୁଲ୍ଲ କୁମାର ଦାଶ ଭଞ୍ଜ ଜୟନ୍ତୀ ଓ ଭଞ୍ଜ ମଣ୍ଡପର ଦୀର୍ଘ ୫୦ ବର୍ଷର ଇତିହାସରେ ତାଙ୍କର ଅନୁଭୂତି ବିଷୟ ଆଲୋଚନା କରିଥିଲେ । ନିର୍ବାହୀ ସଭାପତି ପ୍ରଭାତ କୁମାର ନନ୍ଦ ପୁରୁଷୋତ୍ତମ ପଟ୍ଟନାୟକ ସ୍ମାରକୀ ସମ୍ମାନ ବିଷୟରେ ସୂଚନା ଦେଇଥିବା ବେଳେ ଉପସଭାପତି ଇଂ ରଣଜିତ କର ସ୍ୱର୍ଗତ ପୁରୁଷୋତ୍ତମ ପଟ୍ଟନାୟକଙ୍କ ସ୍ମୃତିରେ ଅଭିଭାଷଣ ରଖିଥିଲେ । ଉପଦେଷ୍ଟା ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦ ସ୍ୱାଗତ ଭାଷଣ ଦେଇଥିବା ବେଳେ ସଂଗଠନ ସମ୍ପାଦକ ଡ଼ ଅନୁପ ମାର୍ଥା ଧନ୍ୟବାଦ ଅର୍ପଣ କରିଥିଲେ । ସଭା ପ୍ରାରମ୍ଭର କଳିଙ୍ଗ ଭାରତୀ ବିଗତ ଦିନର ସ୍ମୃତି ପୁରୁଷମାନଙ୍କ ସମ୍ମାନରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ କଳା ବିକାଶ କେନ୍ଦ୍ରର ଛାତ୍ରଛାତ୍ରୀମାନେ ଗୁରୁ ତନ୍ମୟ ହୋତାଙ୍କ ତତ୍ତ୍ୱାବଧାନରେ ଭଞ୍ଜ ସଂଗୀତ ପରିବେଷଣ କରିଥିବା ବେଳେ ଜୟଶ୍ରୀ ମହାରଣା ଲୁପ୍ତ ପ୍ରାୟ ଓଡ଼ିଶୀ ଛାନ୍ଦ ପରିବେଷଣ କରିଥିଲେ । ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ଆଶିଷ ପଟ୍ଟନାୟକ ଓ ଉତ୍କଳ ଛାତ୍ର ସାହିତ୍ୟ ସମାଜର ସହସମ୍ପାଦକ ଶ୍ରୀମାନ ଅମ୍ଳାନ ପଟ୍ଟନାୟକ ପରିଚାଳନା କରିଥିଲେ । ଏହି ସଭାରେ ଓଡ଼ିଶାର ଅନେକ ସାହିତ୍ୟ ଓ ସଂସ୍କୃତି ପ୍ରେମୀ ବ୍ୟକ୍ତି ବିଶେଷ ଭାଗ ନେଇଥିଲେ ।



# ମୁଖ୍ୟ ଚିକିତ୍ସାଳୟରେ ଆରମ୍ଭ ହେଲା ସିଟି ସ୍କାନ୍, ମିଳିବ ୨୪ ଘଣ୍ଟିଆ ସେବା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆରମ୍ଭ ହୋଇଛି ୨୪ ଘଣ୍ଟିଆ ସିଟି ସ୍କାନ୍ ସେବା । ଜିଲ୍ଲାପାଳ ସ୍ମୃତି ରଂଜନ ପ୍ରଧାନ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବା ବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଅନିତା ପଟ୍ଟନାୟକ, ଏଡିଏମ୍‌ଓ ଡ଼ଃ ପ୍ରହରାଜ, ମ୍ୟାନେଜର ଡ଼ଃ ପ୍ରଭାତ ରାୟ ପ୍ରମୁଖ ଉପସ୍ଥିତ ଥିଲେ । ମୁଖ୍ୟ ଚିକିତ୍ସାଳୟରେ ସିଟି ସ୍କାନ୍‌ର ସୁବିଧାନଥିବାରୁ ଶହ ଶହ ରୋଗୀ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏ ବିଷୟରେ ବାରମ୍ବାର ଦାବି କରି ଆସୁଥିବାରୁ ଏହାକୁ ବିଚାରକୁ ନେଇ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଜିଲ୍ଲା ଚିକିତ୍ସାଳୟରେ ଏହି ସୁବିଧା ଉପଲବ୍ଧ କରାଇଥିବା ଜଣାପଡିଛି । ଏହି ସୁବିଧା ଫଳରେ ଅନେକ ରୋଗୀ ଖର୍ଚ୍ଚାନ୍ତ ହେବା ସହ କଟକ ଯିବାରୁ ବଞ୍ଚିତ ହେବେ ବୋଲି ଜଣାପଡିଛି ।

# ଭିଜିଲାନ୍ସ ଜାଲରେ ରେକର୍ଡ ସପ୍ଲାୟର୍

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଅବସର ନେବାକୁ ୩ ଦିନ ବାକିଥିଲା । ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଲାଗି ସରିଥିଲା ସମସ୍ତ ପ୍ରସ୍ତୁତି କିନ୍ତୁ ଦୁର୍ନୀତି ନିର୍ବାରଣ ବିଭାଗ ପଞ୍ଝାରେ ପଡ଼ିଗଲେ ବାବୁ । ବୁଧବାର ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ)ର ରେକର୍ଡ ସପ୍ଲାୟର ପୁରେନ୍ଦ୍ର କୁମାର ସେଠୀ । ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ଏକାକାଳୀନ ୩ଟି ସ୍ଥାନରେ ଚଢ଼ଉ କରାଯାଇଥିଲା । ଚନ୍ଦ୍ରଶେଖରପୁର ଥାନା ପଟିଆ କାନନବିହାର ଫେଜ୍-୨ରେ ଥିବା ୪ ମହଲା କୋଠା, ୧୬ଟି ସନ୍ଦିଗ୍ଧ ପଟ୍ଟା, ବ୍ୟାଙ୍କ, ବୀମା ଓ ମ୍ୟୁଚୁଆଲ୍ ଫଣ୍ଡରେ ଥିବା ୧୬, ୭୭ ଲକ୍ଷ ଟଙ୍କାର ଜମାରାଶି, ନଗଦ୍ ୧ ଲକ୍ଷ ୭୦ ହଜାର ଟଙ୍କା, ଦୁଇଟି କାର୍, ୫ଟି ବାଇକ୍ ଏବଂ ୫ ଲକ୍ଷ ଟଙ୍କାର ଆସବାବପତ୍ର ଠାବ ହୋଇଛି । ଭିଜିଲାନ୍ସର ଟେକ୍ନିକାଲ୍ ଟିମ୍ କୋଠାର ମୂଲ୍ୟାୟନ ସହ ଭିନ୍ନ ଭିନ୍ନ ଲୋକଙ୍କ ନାମରେ ରହିଥିବାରୁ ୧୬ଟି ସନ୍ଦିଗ୍ଧ ପଟ୍ଟାକୁ ଯାଞ୍ଚକରୁଛି । ଏଥିସହ ପୁରେନ୍ଦ୍ରଙ୍କୁ ଅଟକ ରଖିବା ସହ ସମ୍ପତ୍ତି ବିଷୟରେ ତଦନ୍ତ ଜାରି ରଖିଛି ଭିଜିଲାନ୍ସ ଟିମ୍ ।

# ଓଡ଼ିଶା ସରକାରଙ୍କୁ ପ୍ରଶଂସା କଲେ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ନିର୍ଦ୍ଦେଶକ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ସହକାରୀ ନିର୍ବାହୀ ନିର୍ଦ୍ଦେଶକ ଭାଲେରୀ ଏନ୍ ଗ୍ୱାରନେରୀ ଉନ୍ନୟନ କମିଶନର ଅନୁ ଗର୍ଗଙ୍କୁ ସାକ୍ଷାତ କରି ଜାରି ରହିଥିବା ଏବଂ ଆଗାମୀ ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରିଛନ୍ତି । ଓଡ଼ିଶାର ସମ୍ବେଦନଶୀଳ ବର୍ଗର ଲୋକଙ୍କ ପାଇଁ ଖାଦ୍ୟ ସୁରକ୍ଷା ଏବଂ ପୋଷଣ ସୁନିଶ୍ଚିତ କରିବା ଦିଗରେ ଓଡ଼ିଶା ସରକାରଙ୍କ ସହଯୋଗ ପ୍ରଶଂସନୀୟ ବୋଲି ସେ କହିଥିଲେ । ସେହିପରି ହିତାଧିକାରୀଙ୍କ ଦୁଆରେ ପିଡିଏସ୍ ଚାଉଳ ପହଞ୍ଚାଇବା, କମ୍ ମୂଲ୍ୟରେ ଗରିବ ଲୋକଙ୍କୁ ରନ୍ଧା ଖାଦ୍ୟ ଯୋଗାଣ କ୍ଷେତ୍ରରେ ଓଡ଼ିଶାର କାର୍ଯ୍ୟ ପ୍ରେରଣାଦାୟକ ବୋଲି ମତବ୍ୟକ୍ତ କରିଥିଲେ । ଶ୍ରୀମତି ଗର୍ଗ କହିଥିଲେ, ବିଗତ ୬ ଦଶନ୍ଧୀ ଧରି ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ସହିତ ଓଡ଼ିଶା ସରକାରଙ୍କ ଭାଗିଦାରୀ ଆହୁରି ସୁଦୃଢ଼ ହେବ । ସେହିପରି ମିଲେଟ୍‌ର ପୁନରୁଦ୍ଧାର କରିବା ଦିଗରେ ଓଡ଼ିଶା ସରକାର ବଦ୍ଧପରିକର ବୋଲି କହିଥିଲେ ।

# ପୃଥିବୀ ଭଳି ଆଉ ଏକ ନୂତନ ପୃଥିବୀ ସନ୍ଧାନରେ ଅଗ୍ରସର ମଣିଷ

**ବାଲେଶ୍ୱର, ନ୍ୟୁଜ୍**

ମହାକାଶ ବିଜ୍ଞାନ ସହଯୋଗରେ ଏବେ ମାନବ ସମାଜ, ପ୍ରାଣୀ ଜଗତ, ପ୍ରକୃତିର ଉତ୍ତମ ସହାବସ୍ଥାନ ଥିବା ଭିନ୍ନ ଏକ ଗ୍ରହର ସନ୍ଧାନରେ ସମଗ୍ର ବିଶ୍ୱର ଅନ୍ତରୀକ୍ଷ । ବିଜ୍ଞାନୀମାନେ ସେମାନଙ୍କର ନିରନ୍ତର ପ୍ରୟାସ ଜାରି ରଖିଛନ୍ତି ବୋଲି ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଜାତୀୟ ବିଜ୍ଞାନ ଦିବସ ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଏହି ସ୍ୱତନ୍ତ୍ର ଦିବସକୁ ଏକ ସପ୍ତାହ ଧରି ପାଳନ କରାଯାଇଥିଲା । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତା ଓ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରାଙ୍କ ତତ୍ତ୍ୱାବଧାନରେ ଏହାର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସଭାକୁ ଉଦ୍‌ବୋଧନ ଦେଇ କୁଳପତି, ଶୃଙ୍ଖଳା ହିଁ ଭଲ ମଣିଷ ହେବାର ମୁଖ୍ୟ ଉପାଦାନ ଓ ମନରେ ଥିବା ସ୍ପୃହା, ଆଶା ଓ ସ୍ୱପ୍ନକୁ ସାକାର କରିବାର ରାସ୍ତା ବୋଲି ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ମତବ୍ୟକ୍ତ କରିଥିଲେ । ମହାକାଶ ବିଜ୍ଞାନ ଏକ କଠିନ ବିଷୟ ହେଲେ ମଧ୍ୟ ଶୃଙ୍ଖଳିତ ଗବେଷଣା, ଦୃଢ଼ ବିଶ୍ୱାସ ଓ ନିରନ୍ତର ଜ୍ଞାନ ଆହରଣ କରି ଫକୀରମୋହନ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଆଗାମୀକାଲିର ମହାକାଶ ବିଜ୍ଞାନୀ ହୋଇ ପ୍ରତିଷ୍ଠିତ ହୁଅନ୍ତୁ କହି ସେ ସମସ୍ତଙ୍କୁ ଉତ୍ସାହିତ କରିଥିଲେ । ଏହି ଉତ୍ସବରେ ସମ୍ମାନୀତ ଅତିଥି ଭାବେ ଚାନ୍ଦିପୁର ସ୍ଥିତ ଡି.ଆର.ଡି.ଓର ପିଏକ୍ସଇର ନିର୍ଦ୍ଦେଶକ ସୁବୋଧ କୁମାର ନାୟକ ଯୋଗଦେଇ ସାମ୍ପ୍ରତିକ ମହାକାଶ ବିଜ୍ଞାନର ଭବିଷ୍ୟତ, ଉଦ୍ଭାବନ, ତଥା ଏହାର ପ୍ରୟୋଗ ଓ ସମାଜ ଉପରେ ଏହାର ପ୍ରଭାବ ସମ୍ପର୍କରେ ଆଲୋକପାତ କରିଥିଲେ । ଏଥିସହ ଛାତ୍ରଛାତ୍ରୀଙ୍କୁ ମହାକାଶ ବିଜ୍ଞାନକୁ ନେଇ ଅଧିକ ଅନୁସନ୍ଧିତ୍ସୁ ହେବା ଆବଶ୍ୟକ ବୋଲି ଉଲ୍ଲେଖ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ଆସୋସିଏଟ୍ ପ୍ରଫେସର ଡକ୍ଟର କମଳାକାନ୍ତ ଜେନା ଯୋଗଦେଇ ମହାକାଶ ଓ ଚନ୍ଦ୍ରପୃଷ୍ଠରେ ଅବତରଣ କରିବାରେ ଭାରତର ସର୍ବୋତ୍ତମ ପ୍ରୟାସ ଗୁଡିକ ସମ୍ପର୍କରେ ଅବଗତ କରାଇଥିଲେ । ଏହି ଅବସରରେ ଜାତୀୟ ମହାକାଶ ଦିବସରେ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ ଯୋଗ୍ୟ ବିବେଚିତ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ମହାକାଶ ସପ୍ତାହ ପାଳନ, ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲାଙ୍କ ନେତୃତ୍ୱରେ ସଂଗଠିତ ହୋଇଥିଲା । ଉଦ୍‌ଘାଟନୀ ଉତ୍ସବକୁ ଡ଼କ୍ଟର ବିବେକାନନ୍ଦ ନାୟକ ସଞ୍ଚାଳନ କରିଥିଲେ ଓ ଡକ୍ଟର ରାଜୀବ ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରିଥିଲେ ।




# ୫ ହଜାର ଟଙ୍କା ଲାଞ୍ଚ ନେଇ ଆରଆଇ ଗିରଫ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ବାଲିକୁଦା ତହସିଲ ଆରଆଇ ବିଭୁଦତ୍ତ ସାହୁ ଜମି ପଟ୍ଟା ପ୍ରଦାନ ପାଇଁ ୫ ହଜାର ଟଙ୍କା ଲାଞ୍ଚ ନେବା ସମୟରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି । ଶ୍ରୀ ସାହୁ ଅଳ୍ପ ସମୟ ମଧ୍ୟରେ ଆରଆଇ ହୋଇଛନ୍ତି । ଆରଆଇଙ୍କ ନିକଟରୁ ଲାଞ୍ଚ ଟଙ୍କା ଜବତ କରାଯାଇଛି । ଏହି ସମ୍ପର୍କରେ, କଟକ ଭିଜିଲାନ୍ସ ପିଏସ କେସ୍ ନଂ ୨୩/ ୨୦୨୪/-୭ ପିଏସ୍ (ସଂଶୋଧନ) ଅଧିନିୟମ, ୨୦୧୮ ରେଜିଷ୍ଟ୍ରେସନ୍ ହୋଇଛି । ଅଭିଯୁକ୍ତ ଶ୍ରୀ ସାହୁଙ୍କ ବିରୋଧରେ ଅନୁସନ୍ଧାନ ଚାଲିଛି ।



# ରାଜ୍ୟରେ ୧୫ ହଜାର ଶିଳ୍ପ ବନ୍ଦ ହୋଇଛି

**କଟକ, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ୧୫ ହଜାର ୩୧୫ ପଞ୍ଜୀକୃତ ଶିଳ୍ପ ବନ୍ଦ ରହିଛି । ସେଥିମଧ୍ୟରୁ କଟକରେ ସର୍ବାଧିକ ୨୪୦୨ ଓ ସୁନ୍ଦରଗଡ ଜିଲ୍ଲାରେ ୨୦୨୦ ଶିଳ୍ପ ବନ୍ଦ ରହିଥିବା ସୂଚନା ଦିଆଯାଇଛି । ଏନେଇ ବିଧାନ ସଭାରେ ଉତ୍ତର ଦେଇଛନ୍ତି ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ । ଖୋର୍ଦ୍ଧା ଜିଲ୍ଲାରେ ୧୫୦୪ ପଞ୍ଜୀକୃତ ଶିଳ୍ପ ବନ୍ଦ ରହିଥିବା ମନ୍ତ୍ରୀ କହିଛନ୍ତି । ଉଦ୍ୟମ ପୋର୍ଟାଲରେ ୮ ଲକ୍ଷ ୬୦ ହଜାର ୬୪୯ ଅଣୁ ଶିଳ୍ପ ପଞ୍ଜୀକୃତ, ୧୪ ହଜାର ୫୦୩ କ୍ଷୁଦ୍ର ଶିଳ୍ପ, ୧୦୮୧ ମଧ୍ୟମ ଉଦ୍ୟୋଗ ଶିଳ୍ପ ପଞ୍ଜୀକୃତ ହୋଇଥିଲା । ସେଥିରୁ ବିଭିନ୍ନ କାରଣରୁ ମୋଟ ୧୫ ହଜାର ୩୧୫ ଶିଳ୍ପ ବନ୍ଦ ରହିଥିବା ମନ୍ତ୍ରୀ କହିଛନ୍ତି ।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**


| | | |
|---|---|---|
| ୧୦ବୃ / ୧୧ମଙ୍ଗ | ୯ | ରାହୁ / ୮ଶୁକ୍ର |
| ୧୨ବୁ | ୭ / ୩ | ୬ |
| ଚଲ / ୨କେତୁ | ୩ | ୫ / ୪ |


**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ


**ତା୩୦।୮।୨୦୨୪, ଭାଦ୍ରବ ଦି୧୫ନ, ଶୁକ୍ରବାର**


**ସୂର୍ଯ୍ୟୋଦୟ- ଘ୫।୩୦।୪୭** **ଚନ୍ଦ୍ରୋଦୟ- ରାଘ୨।୫୪।୦୮**


**ଦ୍ୱାଦଶୀ-** ରାଘ ୨।୨୬ ପର୍ଯ୍ୟନ୍ତ । **ପୁନର୍ବସୁ ନକ୍ଷତ୍ର-** ସଂଘ ୫।୫୬ ପର୍ଯ୍ୟନ୍ତ । **ମିଥୁନ ଚନ୍ଦ୍ର-** ଦିଘ ୧୧।୩୪ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, କର୍କଟ, ସିଂହ, ଧନୁ, ମକର ଓ ମୀନ ରାଶିର । ଦିଘ ୧୧।୩୪ ଗତେ ମେଷ, ବୃଷ, କର୍କଟ, ସିଂହ, କନ୍ୟା, ତୁଳା, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ଦିଘ ୧୧।୩୪ ମଧ୍ୟେ କନ୍ୟା ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଇ ରାଘ ୨।୨୬ ପରେ ବାଇଗଣ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୪ ଗତେ ଘ ୬।୨୪ ମଧ୍ୟେ । ଦିଘ ୧୨।୧୨ ଗତେ ଘ୨।୪୧ ମଧ୍ୟେ । **ପର୍ବୋତ୍ସବ -** ବୈଷ୍ଣବ ସମ୍ମତ ପକ୍ଷ ବର୍ଦ୍ଧିନୀ ଏକାଦଶୀ, ବତ୍ସା ଦ୍ୱାଦଶୀ ।


**ମେଷ:** କର୍ମକ୍ଷେତ୍ରରେ ଅଶାନ୍ତି ସୃଷ୍ଟି ହେବ । ସହଯୋଗୀ ମାନଙ୍କ ଅସହଯୋଗ ବ୍ୟତିବ୍ୟସ୍ତ କରିପକାଇବ । ଆୟରେ ବାଧା ତଥା କାର୍ଯ୍ୟରେ ପ୍ରତିରୋଧ ଶକ୍ତିର ମାତ୍ରା ବଢ଼ିବ । ମନରେ ବିରକ୍ତି ଭାବ ଜାଗ୍ରତ ହେବ ।


**ବୃଷ:** କର୍ମରେ ଜୟଯୁକ୍ତ ହେବେ । ଆୟର ପରିମାଣ ବୃଦ୍ଧି ପାଇବ । ବହୁ ଦିନର ଆଶା ପୂରଣ ହେବାର ସୂଚନା । ସନ୍ତାନ ସନ୍ତତିଙ୍କ ପାଇଁ ଚିନ୍ତିତ ହେବେ । ମହିଳାମାନେ କର୍ତ୍ତବ୍ୟନିଷ୍ଠ ରହିବାର ସୂଚନା ।



**ମିଥୁନ:** ପାରିବାରିକ ସହଯୋଗ ପାଇ କର୍ମପଥେ ଅଗ୍ରସର ହେବେ । ଆଶାବାଦୀ ହୋଇ ବେଶ୍ ସୁଫଳ ଲାଭ କରିବେ । ସହକର୍ମୀମାନେ ଆପଣଙ୍କର ପ୍ରଶଂସାର ଶତମୁଖ ହେବେ । ଆୟ ଓ ବ୍ୟୟ ସମାନ ରହିବ ।



**କର୍କଟ:** ଦୂରଯାତ୍ରା କରି ବେଶ୍ ଦୁଇ ପଇସା ଅର୍ଜନ କରିବେ । ଆଧ୍ୟାତ୍ମିକ ପରିପ୍ରକାଶ ହେବ । ସାମାଜିକ କାର୍ଯ୍ୟରେ ବା ସେବା ପୂଜା ପ୍ରତି ମନୋନିବେଶ କରିବେ । ଗୃହେ ଆନନ୍ଦ ଦେଖାଦେବ ।


**ସିଂହ:** ଆଜି ଦିନଟି ଆପଣଙ୍କ ପାଇଁ ସେତେ ଶୁଭଙ୍କର ନୁହେଁ । ମନରେ ଦୁଶ୍ଚିନ୍ତା ଦେଖାଦେବ । ଆୟ ଠାରୁ ବ୍ୟୟର ପରିମାଣ କମିଯିବ । ଦୂରଯାତ୍ରାରେ ଦୁର୍ଘଟଣାର ଯୋଗ । ଘରେ ଅଶାନ୍ତି ଦେଖାଦେବ ।



**କନ୍ୟା:** ସାହାଯ୍ୟ ସହଯୋଗ ଲାଭ କରିବେ । ଭ୍ରମଣ ଯୋଗ ରହୁଛି । ଆୟ ଠାରୁ ବ୍ୟୟର ପରିମାଣ କମିଯିବ । ପାରିବାରିକ ସୁଖ ଶାନ୍ତି ମିଳିବ । ବ୍ୟବସାୟରେ ଲାଭବାନ୍ ହେବେ । ଶରୀର ସୁସ୍ଥ ରହିବ ।



**ତୁଳା:** ସବୁକିଛି ହେୟ ମନ ହେବ । ଧୀରେ ଧୀରେ ବାକି କାମକୁ ନିର୍ବାହ ପାଇଁ ଉଦ୍ୟମ କରିବେ । ଦିନ ସାରା କର୍ମଚଞ୍ଚଳ ରହିବେ । ଆୟ ମଧ୍ୟମ ହେବ । ନୂତନ ଦ୍ରବ୍ୟ ପ୍ରାପ୍ତି । ଗୃହେ ସୁଖ ଶାନ୍ତି ଲାଭ ।


**ବିଛା:** ବୁଝି ବିଚାରି କାମ କଲେ ପ୍ରମାଦ ନପଡ଼ଇ ଭଲେ । ଦିନଟି ଭଲରେ କଟିବ । କିନ୍ତୁ ଏକାକୀ କୌଣସି କାର୍ଯ୍ୟ ପାଇଁ ପଦକ୍ଷେପ ନ ନେବା ଭଲ । ଆଲୋଚନାରୁ ଲାଭାନ୍ୱିତ ହେବେ । ସମସ୍ତ ଆଡ଼କୁ ନଜର ରଖି କାର୍ଯ୍ୟ କରିବେ ।


**ଧନୁ:** ଦିନଟି ଅଶାନ୍ତିରେ କଟିବ । ସୁବିଧାବାଦୀ ମାନେ ଆପଣଙ୍କ ଠାରୁ ସ୍ୱାର୍ଥ ହାସଲ କରିବେ । ଆୟ ଠାରୁ ବ୍ୟୟ ପରିମାଣ ବଢ଼ିବ । ଅଧିକ ଧନ କ୍ଷୟର ସୂଚନା ମିଳେ । ପାରିବାରିକ ସୁଖ ଶାନ୍ତି ବଜାୟ ରହିବ ।


**ମକର:** ପ୍ରତିବାଦ ବୃଦ୍ଧି ପାଇବ । ଦୂରଯାତ୍ରାରେ ଆନନ୍ଦ ଅନୁଭବ କରିବେ । ସାମାଜିକ କାର୍ଯ୍ୟରେ ଯୋଗଦାନ ଦ୍ୱାରା ନିଜ ଲୋକ ସମ୍ପର୍କ ବଢ଼ିବ । ଆୟ ପୂର୍ବ ପରି ରହିବ । ଗୃହେ ଶାନ୍ତି ଲାଭ ।


**କୁମ୍ଭ:** ଭଲ କଥା କହି ସବୁରି ପାଖରେ ନିନ୍ଦିତ ହେବେ । ସହଯୋଗୀ ମାନଙ୍କ ଅସହଯୋଗରୁ ବାଦବିବାଦ ସୃଷ୍ଟି ହେବ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଶାନ୍ତି ବଜାୟ ରହିବାର ସୂଚନା ମଧ୍ୟ ।


**ମୀନ:** ସଂଯମତା ରକ୍ଷା କଲେ ଭଲ । କର୍ମକ୍ଷେତ୍ରରେ ଅଶାନ୍ତି । ପରିଶ୍ରମ ବଢ଼ିବ । ଅଧସ୍ତନ ବ୍ୟକ୍ତି ନିକଟରେ ମଥାନତ କରି ଅସୁଖି ହେବେ । ମାନହାନୀର ଆଶଙ୍କା ମଧ୍ୟ ରହିଛି । ଆୟ ଓ ବ୍ୟୟ ସମାନ ରହିବ ।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୩୧।୮।୨୦୨୪, ଭାଦ୍ରବ ଦି୧୬ନ, ଶନିବାର**

**ସୂର୍ଯ୍ୟୋଦୟ- ଘ୫।୩୧।୦୧** **ଚନ୍ଦ୍ରୋଦୟ- ଘ୩।୪୮।୫୨**

**ତ୍ରୟୋଦଶୀ-** ରାଘ ୩।୪୧ ପର୍ଯ୍ୟନ୍ତ । **ପୁଷ୍ୟା ନକ୍ଷତ୍ର-** ରାଘ ୭।୪୦ ପର୍ଯ୍ୟନ୍ତ । **କର୍କଟ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, କନ୍ୟା, ତୁଳା, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ନାସ୍ତି । **ଶ୍ରାଦ୍ଧନିର୍ଣ୍ଣୟ-** ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବାଇଗଣ ରାଘ ୩।୪୧ ପରେ ବିରି ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୧୦।୧୪ ଗତେ ଘ ୧।୦୧ ମଧ୍ୟେ । ରାଘ ୮।୧୮ ଗତେ ଘ୧୦।୩୭ ମଧ୍ୟେ । **ପର୍ବୋତ୍ସବ -** ସ୍ୱାୟତ୍ତ ଶାସନ ଦିବସ ।

ସାପ୍ତାହିକ
30 YEARS
ସମ୍ବାଦ କଳିକା

# କର୍ପୋରେଟ୍ ଜଗତକୁ ଟିକସ ନୋଟିସ୍ ଚିନ୍ତା

ଦେଶରେ ନିର୍ବାଚନ ଋତୁ ଚାଲିଥିବା ବେଳେ କର୍ପୋରେଟ ଜଗତକୁ ଟିକସ ନୋଟିସ୍ ଚିନ୍ତା ଘାରିଛି । ଅନେକ କମ୍ପାନି ପାଖରେ ଆୟକର ଓ ଜିଏସ୍ଟି ନୋଟିସ୍ ପହଞ୍ଚିଛି । ଏହି ତାଲିକା ଲମ୍ବା ହେବାରେ ଲାଗିଛି । ୟୁନାଇଟେଡ୍ ସ୍ପିରିଟ୍, ଜୋମାଟୋ, ବେଦାନ୍ତ, ଆଇସିଆଇସିଆଇ ସିକ୍ୟୁରିଟିଜ୍, ଶୋଭା ଲିମିଟେଡ୍, ଇନ୍ଫୋସିସ୍, ଇଥସ୍, ଜେକେ ଟାୟାର ଆଣ୍ଡ ଇଣ୍ଡଷ୍ଟ୍ରିଜ୍, ଶାହ ଆଲଏଜ୍, ଷ୍ଟାର ପେପର ମିଲ୍ସ, ଏସ୍ଏଏଲ୍ ଷ୍ଟିଲ୍ ଏବଂ ଆଷ୍ଟ୍ରନ୍ ପେପର ଆଣ୍ଡ ବୋର୍ଡ ପାଖରେ ଟିକସ ନୋଟିସ୍ ପହଞ୍ଚିଛି । ମଦ କମ୍ପାନି ୟୁନାଇଟେଡ୍ ସ୍ପିରିଟକୁ ୫.୫୧ କୋଟି ଟଙ୍କାର ଟିକସ ନୋଟିସ୍ ପଠାଯାଇଛି । ସେଥିରୁ ୨.୯୯ କୋଟି ଟଙ୍କା ହେଉଛି ସୁଧ । ଲୋକଙ୍କ ନିକଟରେ ଖାଦ୍ୟ ପହଞ୍ଚାଉଥିବା କମ୍ପାନି ଜୋମାଟୋକୁ ୧୮୪ କୋଟି ଟଙ୍କାର ସେବା କର ନୋଟିସ୍ ପଠାଯାଇଛି । କମ୍ପାନି ଏହା ବିରୋଧରେ ଅପିଲ୍ କରିବା ବିଷୟରେ ବିଚାର କରୁଛି । ବେଦାନ୍ତକୁ ୧.୮୬ କୋଟି ଟଙ୍କାର ଟିକସ ନୋଟିସ୍ ପଠାଯାଇଛି ।

ଆଇସିଆଇସିଆଇ ସିକ୍ୟୁରିଟିଜକୁ ଗୁଜରାଟର ଜିଏସ୍ଟି ବିଭାଗ ୬୬.୭୦ ଲକ୍ଷ ଟଙ୍କାର ଟିକସ ନୋଟିସ୍ ପଠାଇଛି । କମ୍ପାନି ଏହା ବିରୋଧରେ ଆପିଲେଟ କର୍ତ୍ତୃପକ୍ଷଙ୍କ ନିକଟରେ ଅପିଲ୍ କରିବ । ରିଅଲ ଇଷ୍ଟେଟ୍ କମ୍ପାନି ଶୋଭା ଲିମିଟେଡକୁ ଆୟକର ବିଭାଗ ୪୬ କୋଟି ଟଙ୍କାର ନୋଟିସ୍ ପଠାଇଛି । ଆଇଟି କମ୍ପାନି ଇନଫୋସିସ୍ ପାଖରେ ୩୪୧ କୋଟି ଟଙ୍କାର ଆୟକର ନୋଟିସ୍ ପହଞ୍ଚିଛି । ଇଥସ୍କୁ ୪.୩ କୋଟି ଟଙ୍କା, ଜେକେ ଟାୟାର ଆଣ୍ଡ ଇଣ୍ଡଷ୍ଟ୍ରିଜକୁ ୨.୩୮ କୋଟି ଟଙ୍କା ଏବଂ ଆଷ୍ଟ୍ରନ୍ ପେପର ଆଣ୍ଡ ବୋର୍ଡକୁ ୪.୫୯ କୋଟି ଟଙ୍କାର ଟିକସ ନୋଟିସ୍ ମିଳିଛି ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ଓଁ**

**‘ଜୟନ୍ତୀ, ମଙ୍ଗଳା, କାଳୀ,
ଭଦ୍ରକାଳୀ କପାଳିନୀ
ଦୁଗସ୍ପା, କ୍ଷମା, ଶିବା, ଧାତ୍ରୀ
ସ୍ୱହା ସ୍ୱଧା ନମ୍ମୁତେ ।’**



ଶ୍ରୀ ଅଭିରାମ ସରସ୍ୱତୀ

ତୁଳି ସିନା ମୂଳପଥ
ଆଉ ସବୁ ମାୟା
ତୋ ପାଦକୁ ଛାଡିଦେଲେ
ଭକ୍ତ ଭାବେ ବାୟା (୭)

ତୋର ନାମ ତୋରଜ୍ଞାନ
ହୃଦୟରେ ଦେବୁ
ଉଡା କଥା ମାନ ମୋର
କଣ୍ଠସ୍ୱରେ ନଦେବୁ (୮)

ଆଉ ନାହିଁ ବେଳ କାଳ
ଭଜିବାର ପାଇଁ
ଭକତଙ୍କୁ ଅଁ ବ୍ୟ
କଳା କରୁଥାଇ (୯)

ତେଣୁ କରି ଏବିପଦେ
ଡାକେ ମାଆ ବୋଲି
ତୋ ଭକ୍ତକୁ ରକ୍ଷାକର
ବଣତ ବଢାଇ (୧୦)

ଜୀବ ଜଗତେ ସ୍ଥିରତା
ଟିକେ ହେଲେ ନାହିଁ
ଅସ୍ଥିର ପରାୟେ ମନ
ତାଙ୍କର ହୁଅଇ (୧୧)

ତେଣୁ କରି ତୋର ପାଦେ
କରୁଛି ଗୁହାରି
ନିମିଷକେ ନାଶ କରି
ଭକତ ଅଇରି (୧୨)

ବେଳ କାଳ ଆଉ ନାହିଁ
ଭାବିବାର ପାଇଁ
କେବଳ ତୋହରି ନାମ
ହୃଦରେ ଭାବଇ (୧୩)

ସଦା କାଳେ ସାହା ହେବୁ
ଜଗତ ଜନନୀ
ଯିବା ଆସିବା ପଥକୁ
ଜଗିବୁ ଭବାନୀ (୧୪)

କାଳ ସଦା ଗ୍ରାସୁ ଅଛି
ଭକତକୁ ଆସି
କାଳି ରୂପେ ସାହାହୁଅ
ଆହେ ପୌଣ୍ଡସମାସୀ (୧୫)

ଲକ୍ଷ୍ୟ ମୋର ପାଉ ନାହିଁ

ଏଜଗତ ମଧ୍ୟେ
ଲକ୍ଷ୍ମୀ ରୂପେ ବସ ଆସି
ମୋର ହୃଦ ମଧ୍ୟେ (୧୬)

ଶ୍ରଦ୍ଧା ମୋର ଆଉ ନାହିଁ
ଏ ଜଗତ ପାଇଁ
ଶାରଳା ରୂପରେ ବସ
ମୋ କଣ୍ଠରେ ତୁହି (୧୭)

ଦୁଃଖମୋର ବେଳୁ ବେଳୁ
ହେଉଛି ପ୍ରବଳ
ଦୁଗସ୍ପା ରୂପେ ସାହାହେବୁ
ଦେଇ ଝୁଲା ଥାଳ (୧୮)

ତାରଣ ମାରଣ ପ୍ରତି
ନାହିଁ ଅନୁରାଗ
ତାରିଣୀ ରୂପରେ ମାତ
ଜଗ ପୃଷ୍ଠ ଭାଗ (୧୯)

ନବଦ୍ୱାରେ ନବଶକ୍ତି
ତୁହି ମାତ ଦେବୁ
ଦଶ ଦ୍ୱାର ଶୂନ୍ୟବାସୀ
ତୁହି ବୋଲାଇବୁ (୨୦)

ତୋର ଛଡା ଏ ଶରୀର
କିଏ ସେ ରଖିବ
ତୁହି ଯଦି ନ ରଖିବୁ
ନାରଖାର ହେବ (୨୧)

ସବସ୍ଥ ମଙ୍ଗଳ କାରିଣୀ
ତୁହି ମା ମଙ୍ଗଳା
ବିପଦ ସମୟେ ଭକ୍ତର
ତୁହି ଭାବ ଭେଳା (୨୨)

ତୋର ଘର ମୋ ଶରୀର
ତୋତେ ସମର୍ପିଲି
ସବୁଛାଡି ତୋର ପାଶେ
ଶରଣ ପଶିଲି (୨୩)

ରଖିଲେ ରଖିବୁ ତୁହି
ମାରିଲେ ମାରିବୁ
ବିପଦ ସମୟେ ସଦା
ତୁହି ସାହାହେବୁ (୨୪)

(କ୍ରମଶଃ)

# ଭବିତବ୍ୟ ଯାହା ଅବଶ୍ୟ ଘଟିବ-୪୮



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଞ୍ଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

ନିବିଡ ଅରଣ୍ୟ ମଧ୍ୟରେ କେତେ ଥର ପଡି ଉଠି ଲକ୍ଷ୍ମଣ ହୋଇ ମରଣାନ୍ତକ ଯନ୍ତ୍ରଣା ଭୋଗୁଥିଲେ ମଧ୍ୟ ମୋ ଆଗରେ ସେ କଥା ପ୍ରକାଶ ନ କରି ମୋତେ ମୃତ୍ୟୁର ମହାସାଗର ମଧ୍ୟରୁ ଅକ୍ଳେଶରେ ଉଦ୍ଧାର କରିଛି, ସେ କଥାର ପଟାନ୍ତର ନାହିଁ । ଏଭଳି ସ୍ଥିତିରେ ମୁଁ ଲକ୍ଷ୍ମଣଙ୍କୁ ବର୍ଜନ କରିବି କେମିତି ? ମୋ ହୃଦୟ କେମିତି କହିବ ଲକ୍ଷ୍ମଣଙ୍କୁ ବର୍ଜନ କରିବା ପାଇଁ? କେମିତି ମୋ ଆଖି ଦୁଇଟା ଦେଖିବ ଉର୍ମିଳାଙ୍କର ବୈଧବ୍ୟ ଯନ୍ତ୍ରଣା, ନା ନା କେବେ ନୁହେଁ, ଶ୍ରୀରାମ ଏହି ଚିନ୍ତାର ମହାସାଗର ଭିତରେ ବୁଡି ରହିଥିବା ବେଳେ ଲକ୍ଷ୍ମଣ ଆସି ତାଙ୍କର ନିକଟରେ କେତେ ବେଳୁ ଅନ୍ତିମ ବିଦାୟ ନେବା ପାଇଁ ଦଣ୍ଡାୟମାନ ହୋଇ ସାରିଲେଣି ଅଥଚ ଶ୍ରୀରାମଙ୍କ ଦୃଷ୍ଟି ଲକ୍ଷ୍ମଣଙ୍କ ଉପରେ ପଡିନଥିଲା । ଲକ୍ଷ୍ମଣ ଶ୍ରୀରାମଙ୍କ ନିକଟରେ ଲକ୍ଷ୍ମଣ ଦଣ୍ଡାୟମାନ ହେବା ବେଳେ ତାଙ୍କ ଆଖିରୁ ବହି ଯାଉଥାଏ ବିକଳ ଅଶ୍ରୁଧାରା । ଲକ୍ଷ୍ମଣଙ୍କ ନୀରବ ଅଶ୍ରୁପାତ ଶ୍ରୀରାମ ସହି ପାରିଲେ ନାହିଁ । ଏ ଦୁଇଭାଇଙ୍କର ଏହି ଅଶ୍ରୁପାତକୁ ଦେଖି ପୃଥିବୀ ମଧ୍ୟ ଥରି ଉଠୁଥାଏ । ଲକ୍ଷ୍ମଣଙ୍କ ସହିତ ଆସିଛନ୍ତି କୁଳଗୁରୁ ବଶିଷ୍ଠ ଓ ମହାକାବ୍ୟ ରାମାୟଣର ସ୍ରଷ୍ଟା ମହର୍ଷୀ ବାଲ୍ମିକି । ବାଲ୍ମିକି କହିଲେ “ ଶ୍ରୀରାମ ! ତୁମ ଚକ୍ଷୁରୁ ନିର୍ଗତ ହେଉଥିବା ଅଶ୍ରୁପାତକୁ ଦେଖି ମୁଁ ଧୈର୍ଯ୍ୟଧରି ରହିପାରୁନି । ତୁମ ହୃଦୟର ଅଶ୍ରୁ ବିଗଳିତ ସ୍ପନ୍ଦନ ବାରମ୍ବାର ଚିତ୍କାର କରି କହୁଛି ସତେ ଯେପରି ଲକ୍ଷ୍ମଣଙ୍କୁ ତୁମେ ବର୍ଜନ କରିପାରିବ ନାହିଁ । କେବଳ ତୁମେ ଏବେ ଜାଣିନୁହଁ ଏ ସମଗ୍ର ଅଯୋଧ୍ୟା ନୁହଁ ସମସ୍ତ ନରନାରୀ ଲକ୍ଷ୍ମଣଙ୍କ ପାଇଁ ପାଗଳ ଭଳି କାନ୍ଦିବାରେ ଲାଗିଛନ୍ତି । ଯେଉଁଠି ବିକଳ୍ପ ନାହିଁ, ଯେଉଁଠି ଏଭଳି ସତ୍ୟକୁ ଟାଳିଦେଲେ ରାଜ୍ୟର ସମ୍ମାନ, ଗୌରବମୟ ଇତିହାସ ଧୂଳିସାତ୍ ହୋଇଯିବ, ତୁମେ କ'ଣ ତାକୁ ସାହାଯ୍ୟକରି ପାରିବ ଶ୍ରୀରାମ? ଶ୍ରୀରାମ କହିଲେ “ହେ ମହର୍ଷି ! ରାଜ୍ୟାଭିଷେକ ସମୟରେ ମୋତେ ଗୁରୁଦେବ ବଶିଷ୍ଠ କହିଥିଲେ ହେ ରାମ, ତୁମେ ଲୋକର କଥାକୁ ଭଲଭାବେ ନ ବୁଝି ଓ ସେ ବିଷୟକୁ ଦୂର ଦୃଷ୍ଟିରେ ବିଚାର ନ କରି, କେବେ ହେଲେ କାହାକୁ ସତ୍ୟବାକ୍ୟ ପ୍ରଦାନ କରିବ ନାହିଁ, ଏ କଥା ଥରେ କିମ୍ବା ଦୁଇଥର ନୁହେଁ ଗୁରୁଦେବ ବଶିଷ୍ଠ ବାରମ୍ବାର ମୋତେ ବିଭିନ୍ନ ସମୟରେ କହିଛନ୍ତି । କିନ୍ତୁ ସେଦିନ କେଉଁ ଚେତନା ଏବଂ କେଉଁ ଦୁର୍ବଳ ମୁହୂର୍ତ୍ତ ଭିତରେ ମୋ ମନ ଓ ମସ୍ତିଷ୍କକୁ ଆଛନ୍ନ କରିଦେଲା ଏବଂ ମୁଁ ସତ୍ୟ କରିବା ପାଇଁ ବାଧ୍ୟ ହେଲି, ତାହାର କାରଣ କ'ଣ ମହର୍ଷି ?'' ବାଲ୍ମିକୀ କହିଲେ ହେ ଶ୍ରୀରାମ ! ତୁମେ ଏଭଳି ବିକଳ ଅଶ୍ରୁପାତ ଏହି ବିଷମ ପରିସ୍ଥିତିରେ ବନ୍ଦକର । ବହୁ ସମୟ ଧରି ଯେଉଁ ରହସ୍ୟମୟ ବିଷୟକୁ ଅତ୍ୟନ୍ତ ଗୁପ୍ତ ଭାବରେ ବର୍ଷ ବର୍ଷ ଧରି ମନ ଓ ମସ୍ତିଷ୍କରେ ସାଇତି ରଖିଥିଲି ଆଜି ସେହି ଆବିଷ୍କୃତ ରହସ୍ୟକୁ ଉଦ୍ଘାଟନ କରିବା ପାଇଁ ମୋ ସମ୍ମୁଖରେ ସମସ୍ତ ପରିବେଶ ମୋତେ ଅନୁକୂଳ ବାତାବରଣ ବୋଲି ଇଙ୍ଗିତ କରି ଦେଲାଣି ।' ବାଲ୍ମିକି କହିଲେ “ ହେ ଶ୍ରୀରାମ ! ତୁମେ ଜାଣିଛ ଏ ଦୁନିଆରେ କୌଣସି ବି ଜୀବନ ଅମର ହୋଇ ରହିନାହିଁ । କିମ୍ବା ରହି ପାରିବ ନାହିଁ । ଯେଉଁ ଈଶ୍ୱର ଆମମାନଙ୍କୁ ଜନ୍ମ ଦେଇ ଏଠାକୁ ଆମର କର୍ତ୍ତବ୍ୟ ପାଳନ କରିବା ପାଇଁ ପଠାଇଛନ୍ତି ତାଙ୍କରି ନିର୍ଦ୍ଦେଶାନୁସାରେ ଆମେ ଆମର କର୍ତ୍ତବ୍ୟକୁ ପାଳନ କରୁ କରୁ ଆମର ଜୀବନ ନାଟକ ସମାପ୍ତ ହୋଇଯାଏ । ତାହା ପୁଣି କେତେବେଳେ କେଉଁ ପରିସ୍ଥିତିରେ । କେଉଁ ମାଧ୍ୟମରେ ଏ ବିଶ୍ୱ ରଙ୍ଗମଞ୍ଚରୁ ବିଦାୟ ଦେବେ, ତାହା ତାଙ୍କ ବ୍ୟତୀତ ଅନ୍ୟ କେହି ଜାଣନ୍ତି ନାହିଁ । କାରଣ ମହାସତ୍ୟ ହେଉଛି ତାଙ୍କ ନିର୍ଦ୍ଦେଶ ବିନା ଗୋଟିଏ ପତ୍ରମଧ୍ୟ ହଲେ ନାହିଁ, ଗୋଟିଏ ଅଦୃଶ୍ୟ ବାଲି ରେଣୁ ମଧ୍ୟ ତାଙ୍କର ନିର୍ଦ୍ଦେଶ ବିନା ସ୍ଥାନାନ୍ତର ହେବ ନାହିଁ । ତେଣୁ ଏହି ଅଖଣ୍ଡ ସତ୍ୟକୁ କେହି ଟାଳି ଦେଇ ପାରିବେ ନାହିଁ । ଏପରି ଅଭିବ୍ୟକ୍ତିକୁ ତୁମେ ସହସ୍ରବାର ଅନ୍ୟମାନଙ୍କୁ ଉପଦେଶ ଛଳରେ କହି ସାରିଛ । ଆଉ ଏପରିମଧ୍ୟ କହିଛ ଯେ ଯେଉଁ ଈଶ୍ୱର ଏ ସୃଷ୍ଟିର ସୃଷ୍ଟିକର୍ତ୍ତା, ସେ ବି ଯଦି ଏ ସଂସାରରେ ପରିବେଶ ପରିସ୍ଥିତି କ୍ରମେ ଜନ୍ମନିଏ ସେ ମଧ୍ୟ ନିଜେ ତିଆରି କରିଥିବା ନିୟମକୁ ଉଲ୍ଲଘଂନ କରିପାରିବ ନାହିଁ । (କ୍ରମଶଃ)

# ଚିନ୍ତନ



ଅଶୋକ କୁମାର ପଣ୍ଡା,
ରାନ୍ଧିଆ ଶାସନ, ରାମେଶ୍ୱର
ସାହିତ୍ୟ ସଂସଦ
ମୋ-୮୯୧୭୫୨୧୪୨୧

ମୁଁ ଏଠାରେ ଚିନ୍ତାକୁ ଏକ କ୍ରିୟା ଓ ଚିନ୍ତନକୁ ଏକ ବିଶେଷ୍ୟ ଭାବରେ ଗ୍ରହଣ କରିଛି । ଚିନ୍ତା ଓ ଚିନ୍ତନ ଦୁଇଟି ଭିନ୍ନ କଥା । ଚିନ୍ତନ ବିଷୟରେ ଚିନ୍ତା କରିବା ମନୁଷ୍ୟ ପକ୍ଷେ ବହୁତ କଠିନ ହୋଇଥାଏ । ଏଣୁ ଚିନ୍ତନ ପାଇଁ ଚିନ୍ତା କରିବାକୁ ଆମେ ଚିନ୍ତିତ ହୋଇପଡ଼ନ୍ତି । ଆମେ ଚିନ୍ତା କରନ୍ତି ନା ଆମ ମସ୍ତିଷ୍କକୁ ଚିନ୍ତନ ମାନେ ଆସନ୍ତି, ଏହାକୁ ଜାଣିବା ପାଇଁ ମୁଁ ମୋର ଚିନ୍ତନକୁ ଲକ୍ଷ୍ୟ କରିବା ପାଇଁ ସ୍ଥିର ହୋଇ ଆଖି ବନ୍ଦ କରି ଏକାଗ୍ର ଚିତ୍ତରେ ଚିନ୍ତନକୁ ଲକ୍ଷ୍ୟ କଲି । ମୋର ମସ୍ତିଷ୍କକୁ ଗୋଟେ ପରେ ଗୋଟେ ଚିନ୍ତନ ଆସୁଥାଏ ଓ ପୁଣି ମିଳେଇ ଯାଉଥାଏ । ମୁଁ ଏହିପରି ଅନେକ ସମୟ ଧରି ଲକ୍ଷ୍ୟ କଲି ଯେ ଚିନ୍ତନ ମାନେ କେଉଁଠୁ ଆସୁଥାନ୍ତି ଜାଣିପାରୁନଥାଏ, ମାତ୍ର ଗୋଟେ ପରେ ଗୋଟେ ଜନ୍ମ ହେଉଥାଏ ଓ ପୁଣି ମିଳାଇ ଯାଉଥାଏ । ଏହା ଅନବରତ ଚାଲିଥାଏ । ହଠାତ ମୁଁ ଗୋଟିଏ ଚିନ୍ତନ ଉପରେ ମନକୁ ସ୍ଥିର କରି ରହିଲି, ଦେଖିଲି ଯେ ମସ୍ତିଷ୍କରେ ନା ନୂତନ ଚିନ୍ତନ ଜନ୍ମ ନେଉଥାଏ ନା ସେହି ଶେଷ ଚିନ୍ତନଟି ମଧ୍ୟ କେଉଁ ଆଡେ ଯାଉ ନଥାଏ । ଚିନ୍ତା ସେହି ଶେଷ ଚିନ୍ତନ ଉପରେ ସ୍ଥିର ହୋଇ ରହିଥାଏ । ତାପରେ ମୁଁ ଚିନ୍ତନ ଲକ୍ଷ୍ୟରୁ ବିରତ ହେଲି । ତାପରେ ମସ୍ତିଷ୍କକୁ ଅନବରତ ଚିନ୍ତନ ଗୁଡିକ ଆସୁଥାଏ, ମେଳାଇ ଯାଉଥାଏ ଓ ପୁଣି ନୂଆ ଚିନ୍ତନ ଜାଗ୍ରତ ହେଉଥାନ୍ତି । ତାର କୌଣସି ଧାରା ନଥାଏ । ପରବର୍ତ୍ତୀ ଚିନ୍ତନ କଣ ଆସିବ ମୁଁ ଜାଣି ପାରୁନଥାଏ । ଚିନ୍ତନ ଗୁଡିକୁ ବାନ୍ଧି ରଖିବାର କୌଶଳକୁ ଚିନ୍ତା ବୋଲି ବୁଝିଲି । କେବଳ ଆମର ଆବଶ୍ୟକତା ଚିନ୍ତନକୁ ଲକ୍ଷ୍ୟ କଲେ ତାହାହିଁ କେବଳ ଆମ ମସ୍ତିଷ୍କରେ ଥାଏ । ମସ୍ତିଷ୍କରେ ସଂକଳ୍ପ ମାନ ଉଦୟ ହୁଅନ୍ତି ଓ ଅସ୍ତ ହୁଅନ୍ତି । ଦୁନିଆରେ କେହିବି କହିପାରିବନି ଯେ ଆମର ପରବର୍ତ୍ତୀ ଚିନ୍ତନ ବା ସଂକଳ୍ପ କଣ ଆସିବ, ଆସିବା ପରେ ଆମେ ଜାଣୁ । ଏହି ଖଣ୍ଡିତ, ଅସଜଡ଼ା, ପ୍ରତ୍ୟେକ ମୁହୂର୍ତ୍ତରେ ଆସୁଥିବା ଚିନ୍ତନକୁ ଆମେ ଉଦ୍ଦେଶ୍ୟ ରଖି, ସଜାଡି ଆମର ସ୍ମୃତି ପଟଳକୁ ନେଇଗଲେ, ତାହାକୁ ଚିନ୍ତନ ପ୍ରକ୍ରିୟା ବୋଲି କହିଥାଉ । ବୈଜ୍ଞାନିଙ୍କ ଅନୁସାରେ ଦିନକୁ ପ୍ରାୟତଃ ୫୦ ହଜାର ରୁ ୬୦ ହଜାର ଚିନ୍ତନ ଆମ ମସ୍ତିଷ୍କକୁ ଆସିଥାଏ । ଚିନ୍ତନ ସାଧାରଣତଃ ଦୁଇ ପ୍ରକାର । ଗୋଟିଏ ସକାରାତ୍ମକ ଓ ଅନ୍ୟଟି ନକାରାତ୍ମକ । ଏଣୁ ଆମ ମସ୍ତିଷ୍କରେ ଯେଉଁ ପ୍ରକାରର ଅର୍ଥାତ ସକାରାତ୍ମକ ଚିନ୍ତନ ସକାରତ୍ମକ ଫଳ ଦିଏ ଏବଂ ନକାରାତ୍ମକ ଚିନ୍ତନ ନକାରାତ୍ମକ ଫଳ ଦିଏ । ଆଶା କରୁଥିବା ଓ ଘୃଣା କରୁଥିବା ଦୁଇଟି ଜିନିଷରୁ ଆମେ ସବୁବେଳେ ଘୃଣା କରୁଥିବା ଜିନିଷକୁ ଆକର୍ଷଣ କରନ୍ତି, କାରଣ ଆମର ଘୃଣାର ପରିମାଣ ଓ ଗଭୀରତା ସବୁବେଳେ ଭଲପାଉ ଥିବା ଜିନିଷ ଠାରୁ ଅଧିକ ଥାଏ । ତେଣୁ ଆମେ ସବୁବେଳେ ଚାହୁଁନଥିବା ଜିନିଷକୁ ପାଇଥାନ୍ତି । ତେଣୁ ଶାସ୍ତ୍ରରେ କୌଣସି ବ୍ୟକ୍ତି ବା ପଦାର୍ଥ ପ୍ରତି ଘୃଣା ନ ରଖିବାକୁ ଉପଦେଶ ଦିଆଯାଇଅଛି । ଅବଚେତନ ମନରେ ମଣିଷ ଯେଉଁଭଳି ଭାବନାରେ ଥାଏ, ମଣିଷଟି ଠିକ ସେଭଳି ହୋଇଥାଏ । (Joseph Murphy) ପ୍ରତ୍ୟେକ ଜିନିଷ ଆମ ଜୀବନକୁ ଆକର୍ଷିତ ହୋଇ ଆସନ୍ତି, ତାହା ଯେମିତି ଭାବରେ ଆମ ଅବଚେତନ ମନରେ ଦୃଢତାର ସହ ଥାଏ । ଯଦି ଭାବିବା ସଂଗେ ସଂଗେ ସବୁ ଜିନିଷ ଆମ ସମ୍ମୁଖରେ ପହଞ୍ଚି ଯାନ୍ତା ତେବେ ଅନର୍ଥ ହୋଇଯିବ । କାରଣ ଆମେ ଯଦି ଭୁଲ ବଶତଃ ବାଘ କଥା ଭାବି ଦିଅନ୍ତି , ଆଉ ଯଦି ବାଘ ପହଂଚି ଯାଏ, ତେବେ ଆମର ଅବସ୍ଥା କଣ ହେବ.. ଏଣୁ ଆମ ଅବଚେତନ ମନରେ ଯାହା ଦୃଢ଼ ବିଶ୍ୱାସରେ ଥାଏ, ତାହାହିଁ ଆମକୁ ପ୍ରାପ୍ତ ହୋଇଥାଏ । ଯେତେବେଳେ ଆମେ କୌଣସି ଚିନ୍ତନକୁ ଚିନ୍ତା କରନ୍ତି, ସେହି ସମୟରେ ମଧ୍ୟ ଆମେ ସମାନ ଧରଣର ଅନ୍ୟ ଚିନ୍ତନକୁ ମଧ୍ୟ ଆକର୍ଷଣ କରନ୍ତି ବା ଆମ ମସ୍ତିସ୍କକୁ ଆସିଥାଏ । ଯଦି ଆମେ ଦୁଃଖିତ ଅବସ୍ଥାରେ ଥାନ୍ତି, ତେବେ ଅନ୍ୟ ଯେତେପ୍ରକାର ଦୁଖଦଃ ଚିନ୍ତନ ସବୁ ଆମ ମନକୁ ଆସିଥାଏ । ବା ଯେତେବେଳେ ଆମେ ଖୁସିରେ ଥାନ୍ତି ସେତେବେଳେ ବହୁପ୍ରକାର ସୁଖଦ ଚିନ୍ତନ ମାନେ ମଧ୍ୟ ମନ କୁ ଆସିଥାଏ । ଏଣୁ ଆମେ ସବୁବେଳେ ସକାରାତ୍ମକ ହୋଇ ଖୁସି ଭାବନାରେ ରହିବା ଉଚିତ । Rhonda Byrne ତାଙ୍କ ରହସ୍ୟ ପୁସ୍ତକରେ ଲେଖିଛନ୍ତି ଯେ ଚିନ୍ତନରେ ସବୁବେଳେ ଚୁମ୍ବକୀୟ ଗୁଣ ଥାଏ ଓ ତାର ମଧ୍ୟ ଏକ ତରଙ୍ଗ ଥାଏ । ଚିନ୍ତନ ଗୁଡିକ ମସ୍ତିଷ୍କରୁ ବ୍ରହ୍ମାଣ୍ଡକୁ ତରଙ୍ଗ ମାଧ୍ୟମରେ ପ୍ରସାରିତ ହୋଇଥାନ୍ତି । ଯେହେତୁ ଚିନ୍ତନରେ ଚୁମ୍ବକୀୟ ଗୁଣ ଥାଏ ଏଣୁ ସେମାନେ ବ୍ରହ୍ମାଣ୍ଡରୁ ସମାଜତୀୟ ଚିନ୍ତନ ମାନଙ୍କୁ ଆକର୍ଷଣ କରନ୍ତି । ଏହା ମଧ୍ୟ ସତ ଯେ ଯେଉଁ ଚିନ୍ତନ ମାନେ ବ୍ରହ୍ମାଣ୍ଡକୁ ଯାଇଥାନ୍ତି, ସେମାନେ ମଧ୍ୟ ନିଜର ମୂଳ ସ୍ରୋତ ବା ନିଜ କେନ୍ଦ୍ରକୁ ପୁନଃ ଆଗମନ କରିଥାନ୍ତି । ମଣିଷ ମସ୍ତିଷ୍କ ସବୁବେଳେ ଏକ ବୈଦ୍ୟୁତିକ ପ୍ରସାରଣ କେନ୍ଦ୍ର ଭଳି କାର୍ଯ୍ୟ କରିଥାଏ । ଏହି କେନ୍ଦ୍ର ଦ୍ୱାରା ମଣିଷ ଯେଉଁଭଳି ତରଙ୍ଗୀୟ ଚିନ୍ତନ ପ୍ରସାରଣ କରେ ଠିକ ସେଇଭଳି ପରିସ୍ଥିତିକୁ ନିଜ ଆଡକୁ ଆକର୍ଷଣ କରିଥାଏ । ଚିନ୍ତନର ଆଉ ଏକ ଦିଗ ବିଷୟରେ ଆଲୋଚନା କରିବି । ଆମେ ଜୀବନରେ ଅନେକ ଜିନିଷକୁ ବିଶ୍ୱାସ ଭାବରେ ଗ୍ରହଣ କରିଛନ୍ତି । ତାହା ସମସ୍ତ ପ୍ରମାଣସିଦ୍ଧ ଓ ଯୁକ୍ତିଯୁକ୍ତ, ତାହା ଆମେ କହିପାରିବା ନାହିଁ । ବହୁ କଥା ପାରମ୍ପରିକ ଭାବରେ ଓ ପୁରୁଷାନୁକ୍ରମେ ଅନ୍ଧ ଭାବରେ ମାନି ନେଇଛନ୍ତି । ଆମେ ଆତ୍ମା, ଭଗବାନ, ଭୂତ ଓ ଅନେକ ଜିନିଷ ସତ୍ୟ ବା ଅର୍ଦ୍ଧ ସତ୍ୟ ଭାବରେ ଗ୍ରହଣ କରିଛନ୍ତି । ଆମେ ଭଗବାନଙ୍କ ଅସ୍ତିତ୍ୱ ଗ୍ରହଣ କରିଛନ୍ତି, ବହୁତ ବ୍ୟକ୍ତି ଭଗବାନଙ୍କ ଅସ୍ତିତ୍ୱକୁ ଗ୍ରହଣ କରିପାରିନାହାନ୍ତି । ମୋ ମତରେ ଦୁଇ ଜଣ ଯାକ ଭୁଲ କହୁଛନ୍ତି । ମୋ ମତରେ ଭଗବାନ ଅଛନ୍ତି କି ନାହାନ୍ତି, ତାହା ମୁଁ କହିପାରିବି ନାହିଁ । କାରଣ ମୁଁ ବା କେହି ବ୍ୟକ୍ତି ପ୍ରତ୍ୟକ୍ଷ ଜାଣିବାର କୌଣସି ବ୍ୟବସ୍ଥା ନାହିଁ । ଆମ ଜାଣିବା ପାଇଁ ଯାହା ବ୍ୟବସ୍ଥା ଅଛି, ତାହା ହେଉଛି ଆମ ମସ୍ତିଷ୍କ । ମସ୍ତିଷ୍କ ବିନା ଆମେ କିଛି ଜାଣିପାରିବା ନାହିଁ । ମାତ୍ର ଆମ ମସ୍ତିଷ୍କ କେବଳ ସ୍ମୃତିକୁ ଆଧାର କରି ଯାହା କିଛି ନିର୍ଣ୍ଣୟ ନେଇପାରିବ । ଏହା ବ୍ୟତୀତ ଅନ୍ୟ କୌଣସି ରାସ୍ତା ନାହିଁ । ଆମେ ଗୋଟିଏ ଶିଶୁକୁ ବଗକୁ ଦେଖାଇ କହନ୍ତି ଯେ ଏହା ଧଳା । ଏହି କଥାକୁ ବାରମ୍ବାର ଶିଶୁକୁ କୁହାଗଲେ, ସେ ସେ କଥାକୁ ସ୍ମୃତିକୁ ନିଏ ଓ ଯେତେବେଳେ ସେହିଭଳି ଜିନିଷ ଦେଖେ, ତାକୁ ଧଳା ବୋଲି କହେ । ଏହାହିଁ ଆମର କାର୍ଯ୍ୟାଶୈଳୀର ବ୍ୟବସ୍ଥା । ଆମକୁ ଛୋଟ ବେଳୁ କୁହାଯାଇଛି ଯେ ଇଏ ଆମ ଭଗବାନ, ସେ ସର୍ବଶକ୍ତି ମାନ, ଏହା ବାରମ୍ବାର ଶୁଣି, ଆମେ ଏହାକୁ ବିନା ଦ୍ୱିଧାରେ ଗ୍ରହଣ କରିନେଇଛନ୍ତି । ଏହିସବୁ କଥାମାନ ତଥ୍ୟ ବା ଜ୍ଞାନ ହୋଇପାରେ, ତାହା ସତ୍ୟ ନୁହେଁ, ତାହା ହୁଏତ ତୁଳନାତ୍ମକ ସତ୍ୟ ହୋଇପାରେ । ସତ୍ୟ ଓ ଜ୍ଞାନ ଦୁଇଟି ଭିନ୍ନ କଥା । ଆମେ କେମିତି ଶୁଣିଥାନ୍ତି, ଦୁଇଟି ବସ୍ତୁର ଆଘାତରେ ଏକ ଶବ୍ଦ ସୃଷ୍ଟିହୁଏ, ଏହି ଶବ୍ଦ ଏକ ତରଙ୍ଗରେ ପରିଣତ ହୋଇ ଆମ କର୍ଣ୍ଣ ପରଦାରେ ବାଡ଼େଇ ହୋଇଥାଏ, ସେଠାରୁ ସ୍ନାୟୁ ଦ୍ୱାରା ସେହି ତରଙ୍ଗ ମସ୍ତିସ୍କକୁ ଯାଏ, ସେଠାରେ ମସ୍ତିଷ୍କର ନ୍ୟୁରୋନ ମାନେ ତରଙ୍ଗକୁ ଶବ୍ଦରେ ପରିଣତ କରିଥାନ୍ତି । ଆମ ମସ୍ତିଷ୍କରେ ପୂର୍ବରୁ ସ୍ମୃତି ହିସାବରେ ଥିବା ଶବ୍ଦ ସହ ଏହି ଶବ୍ଦକୁ ମେଳାଇ ଆମକୁ ଜଣାଇଥାନ୍ତି । ଏହିଭଳି ସମସ୍ତ ଇନ୍ଦ୍ରିୟ ମାନେ ଯଥା ଦର୍ଶନେନ୍ଦ୍ରୀୟ, ସ୍ପର୍ଶନ୍ଦ୍ରିୟ, ସ୍ୱାଦ, ରୂପ, ଘ୍ରାଣ ମାନେ କାର୍ଯ୍ୟ କରିଥାନ୍ତି । ଧରନ୍ତୁ ମୁଁ ଆପଣମାନଙ୍କୁ ଗୋଟିଏ ନୂଆ ଭାଷାରେ ଗୋଟିଏ ବାକ୍ୟ କହୁଛି ଯଥା ଆ କାୄଚ ଥି ଧୂଡା, ଏହା ଏକ ଭାଷା, ପ୍ରାୟତଃ ଆପଣମାନେ କେହି ବୁଝିପାରିବେ ନାହିଁ । କାରଣ ଉପରୋକ୍ତ ଶବ୍ଦ ମାନ ପୂର୍ବରୁ ଆମ ସ୍ମୃତିରେ ନାହିଁ, ଏଣୁ ଆମ ମସ୍ତିଷ୍କ ଏହାକୁ ଅନୁରୂପ ଭାବରେ ବ୍ୟାଖ୍ୟା (ଇଣ୍ଟେରପ୍ରେଟାସନ) କରି ପାରି ନଥିବାରୁ ଆମେ ବା କେହି ବୁଝିପାରିବେ ନାହିଁ । ଏହାହିଁ ଏକ ମାତ୍ର ରାସ୍ତା । ଆମେ ଯାହା ଜାଣନ୍ତି, ଅନୁଭବ କରନ୍ତି, ତାହା ସମସ୍ତ ମାତ୍ର ଏକ ଚିନ୍ତନ ବା ଜ୍ଞାନ । ଏହା ବ୍ୟତୀତ ଅନ୍ୟ କିଛି ହୋଇପାରିବ ନାହିଁ । ଜ୍ଞାନ ବାରମ୍ବାର ଆମ ମସ୍ତିଷ୍କରେ ପ୍ରଭାବିତ ହେଲେ ତାହା ବିଶ୍ୱାସରେ ପରିଣତ ହୁଏ । କିନ୍ତୁ ଜଣେ ସାଧାରଣ ବ୍ୟକ୍ତି ତାର୍କିକ ଜ୍ଞାନ ଅପେକ୍ଷା ବିଶ୍ୱାସକୁ ନେଇ ଚଳିଥାଏ । ତାକୁ ବିଶ୍ୱାସ ପାଇଁ ଏକ ମାଧ୍ୟମ ଆବଶ୍ୟକତା ପଡେ । ଏହି ମାଧ୍ୟମ ଯଥା ଭଗବାନ ଓ ବିଭିନ୍ନ ଆଧ୍ୟାତ୍ମିକ ଗୁରୁ ବା ସଂଗଠନ ହୋଇଥାନ୍ତି । ଏହି ଅବସ୍ଥାରେ ସାଧାରଣ ନିରୀହ ଓ ସରଳ ଲୋକଟି ଏହି ସମସ୍ତ ସଂଗଠନଠାରୁ ଶୋଷଣରେ ଶିକାର ହୁଏ । ଖାଲି ଏତିକି ନୁହେ ଆଧ୍ୟାତ୍ମିକ ଗୁରୁମାନେ ନିଜକୁ ବୋକା ବନେଇବା ସହ ଲୋକଙ୍କୁ ବୋକା ବନାଇଥାନ୍ତି । କାରଣ ବାସ୍ତବେ ସତ୍ୟ ନିଜେ ବୁଝି ନଥାନ୍ତି, କାହାକୁ ବା କଣ ବୁଝେଇପାରିବେ । ଆମ ପାଖରେ ସତ୍ୟ ବୁଝିବା ପାଇଁ ଯେଉଁ ବ୍ୟବସ୍ଥା ଅଛି, ତାହା କେବଳ ସ୍ମୃତି ଉପରେ ନିର୍ଭର କରିଥାଏ । ଆମ ପାଖରେ ପ୍ରତ୍ୟକ୍ଷ ଜାଣିବାର କୌଣସି ବ୍ୟବସ୍ଥା ନାହିଁ । ପ୍ରକୃତିର ସବୁ ଜୀବ, ପଶୁ ପକ୍ଷୀ ସମସ୍ତଙ୍କ ପାଖରେ କମବେଶି ହୋଇ ଚିନ୍ତନ ଶକ୍ତିର ଉପସ୍ଥିତି ଅନୁଭବ କରାଯାଏ । ଯେପରି କୁକୁର ମାଲିକକୁ ଚିହ୍ନି ପାରେ, ଗୋରୁ ଗାଈ ଘରକୁ ରାସ୍ତା ପାଇଯାନ୍ତି । ସାଧାରଣତଃ ପ୍ରକୃତିର ସମସ୍ତେ ଜୀବନ ନିର୍ବାହ କରିବା ପାଇଁ ଚିନ୍ତନର ଉପଯୋଗ କରନ୍ତି । କିନ୍ତୁ ମଣିଷ ପାଖରେ ଉନ୍ନତ ମସ୍ତିଷ୍କ ଓ ଅଦ୍ଭୁତ ଭାବରେ ସ୍ମୃତି ଶକ୍ତି ରହିଥିବାରୁ ମଣିଷ ଜୀବନ ନିର୍ବାହରେ ଯେତିକି ଚିନ୍ତନ ଶକ୍ତି ବ୍ୟବହାର କରୁଛି, ତା ଠାରୁ ଅଧିକ ମାନସିକ କାର୍ଯ୍ୟରେ ଚିନ୍ତନ ଶକ୍ତିକୁ ବ୍ୟବହାର କରୁଛି । ଚିନ୍ତନ ଶକ୍ତିର ଉପକାର ପାଉଥିବା ବେଳେ, ତା ଠାରୁ ଅଧିକ ଚିନ୍ତନ ଶକ୍ତିର ଅପବ୍ୟବହାର କରିଚାଲିଛି । ପୃଥିବୀରେ ଚିନ୍ତନ ଦ୍ୱାରା ସବୁଠୁ ବେଶୀ ଅପବ୍ୟବହାର ହୋଇଥିବା ଶବ୍ଦଟି ହେଉଛି ମନ । ଏହା ସମଗ୍ର ପୃଥିବୀରେ ସମସ୍ତ ମାନବ ଜାତି ଦ୍ୱାରା ବ୍ୟବହାର ହୋଇଥିବା ଏକ ଅବାସ୍ତବ ଭ୍ରମ ଶବ୍ଦ । ଶରୀରରେ ଅନେକ ଅଙ୍ଗ ଅଛି, ମନକୁ ଆମେ ଅଙ୍ଗ ବୋଲି କହିଥାଉ ମାତ୍ର ତାର କୌଣସି ଦୈହିକ ସ୍ଥିତି ନାହିଁ । ଏହାକୁ ଏକ କାଳ୍ପନିକ ଅଙ୍ଗ କୁହାଯାଇପାରେ ବା ସୂକ୍ଷ୍ମ ଅଙ୍ଗ ବୋଲି କୁହାଯାଉଛି । କାଳ୍ପନିକ ଅଙ୍ଗ ବିଷୟରେ କହିବାର ଆବଶ୍ୟକତା ନାହିଁ, କାରଣ ତାହା କାଳ୍ପନିକ । କିନ୍ତୁ ଆମେ ଜାଣୁ ଯେ ଯାହା ସୂକ୍ଷ୍ମ ତାହା ବ୍ୟାପକ ହୋଇଥାଏ । ଯେପରି ଆଲୋକ, ପବନ, ଆକାଶ । ଯେଉଁ ପଦାର୍ଥ ସୂକ୍ଷ୍ମ ଓ ବ୍ୟାପକ ତାହା କେବେହେଲେ ପରିମିତ ବା ବ୍ୟକ୍ତିଗତ ହୋଇପାରିବ ନାହିଁ । ଏଣୁ ମନ କେବେହେଲେ ପରିମିତ ଓ ବ୍ୟକ୍ତିଗତ ହୋଇପାରିବନାହିଁ । ମନ ଗୋଟେ ସମଷ୍ଟିଗତ ପଦାର୍ଥ । ଏହା ସୃଷ୍ଟି ଆରମ୍ଭରୁ ଚିନ୍ତନ ଦ୍ୱାରା ସୃଷ୍ଟି ହୋଇଥିବା ଚିନ୍ତନ ତରଙ୍ଗ ମାନଙ୍କର ଏକ ପ୍ରଭାବ କ୍ଷେତ୍ର । ଯେପରି ଏକ ବାୟୁମଣ୍ଡଳରୁ ଆମେ ସମସ୍ତେ ଅମ୍ଳଜାନ ଗ୍ରହଣ କରନ୍ତି ଠିକ ସେହିପରି ସାଧାରଣ ଚିନ୍ତନ ପ୍ରଭାବ କ୍ଷେତ୍ର ବା ଚିଦ୍‌ଶକ୍ତିରୁ ଆମ ମସ୍ତିଷ୍କ ସମସ୍ତ ଗଚ୍ଛିତ ହୋଇଥିବା ଜ୍ଞାନ ଭଣ୍ଡାରରୁ ଜ୍ଞାନ ଆହରଣ କରେ । ମହାନ ଦାର୍ଶନିକ U G Krishnamurthy କହିଛନ୍ତି ଯେ ଆମ ମସ୍ତିସ୍କ ଏକ ଗ୍ରହଣକାରୀ ଯନ୍ତ୍ର ଭଳି କାମକରେ । ମସ୍ତିଷ୍କ ନିଜେ କିଛି ନୂତନ କଥା ସୃଷ୍ଟି କରିପାରେନାହିଁ । କେବଳ ସ୍ମୃତିରେ ଥିବା କଥାକୁ ପ୍ରତିବିମ୍ବିତ କରିପାରେ । ଏହାହିଁ ହେଉଛି ବାସ୍ତବରେ ମନର ସ୍ୱରୂପ । ଆମ ମସ୍ତିଷ୍କର ଥିବା ପିନିଏଲ ଗ୍ଲାଣ୍ଡର ଭୂମିକା ଏଠି ଠିକ ଟିଭିର ଆଣ୍ଟେନା ଭଳି କାମ କରେ । ପିନିଏଲ ଗ୍ଲାଣ୍ଡ୍ ବ୍ରହ୍ମାଣ୍ଡରୁ ତଥ୍ୟ ତଥା ଜ୍ଞାନ ତରଙ୍ଗ ଗ୍ରହଣ କରି ଆମ ମସ୍ତିଷ୍କକୁ ଜଣାଏ । ଏହି ଭଳି ଜ୍ଞାନ ମଧ୍ୟ ଆମ ପାଖକୁ ପରିବାର, ସମାଜ, ପୁସ୍ତକ, ଟିଭି, ରେଡ଼ିଓ ଓ କେତକ ଆମ ଜେନେଟିକ ପ୍ରକ୍ରିୟା ଦ୍ୱାରା ବଂଶାନୁକ୍ରମେ ଆସିଥାଏ ଏବଂ କିଛି ଚିନ୍ତନ ପ୍ରଭାବ କ୍ଷେତ୍ରରୁ ମଧ୍ୟ ଆସିଥାଏ । ବୈଜ୍ଞାନିକ ମାନେ ଏବେ କହୁଛନ୍ତିକି ଆମ DNAରେ ଆମର ସମସ୍ତ ଇତିହାସ ଓ ଭବିଷ୍ୟତ ଲେଖା ହୋଇ ରହିଛି । ଆମ ପୃଥିବୀ ପଷ୍ଟରେ ଅନେକ ଦେଶ, ଧର୍ମ ଓ ଜାତି ଅଛି । ବହୁଧର୍ମରେ ପୁନର୍ଜନ୍ମ ବିଶ୍ୱାସ ଅଛି । ଅନେକ ଧର୍ମ ପୁନର୍ଜନ୍ମରେ ବିଶ୍ୱାସ କରନ୍ତି ନାହିଁ । ମୋର ପୁନର୍ଜନ୍ମ ବାବଦରେ ଏକ ବ୍ୟକ୍ତିଗତ ଧାରଣା ସୃଷ୍ଟି ହୋଇଛି, ମୁଁ ତାହାକୁ ଏଠାରେ ସଂକ୍ଷେପରେ ଅବଗତ କରାଉଛି । ବୈଜ୍ଞାନିକ ମାନେ କହୁଛନ୍ତି ଯେ ଏହି ବ୍ରହ୍ମାଣ୍ଡ ଶକ୍ତିରେ ପରିପୂର୍ଣ୍ଣ । ଏଠାରେ ପ୍ରତ୍ୟେକ ବସ୍ତୁ ଶକ୍ତି ଭାବରେ ଅଛି । ଶକ୍ତି ସବୁବେଳେ ଏକ କମ୍ପନ ଅବସ୍ଥାରେ ରହୁଛି । ଏହି କମ୍ପନରେ ଏକ ନିର୍ଦ୍ଦିଷ୍ଟ ତୀବ୍ରତା ରହୁଛି । ଆମର ଚିନ୍ତନ ମଧ୍ୟ କମ୍ପିତ ଅବସ୍ଥାରେ ରହୁଛି । ତାହାର ମଧ୍ୟ ଏକ ତୀବ୍ରତା ରହୁଛି । ମଣିଷ ଜୀବନ ଯାକ ଯାହା ଚିନ୍ତା କରୁଛି ତାହା ତାହାର ମସ୍ତିଷ୍କରେ ଏକ କମ୍ପନ ସୃଷ୍ଟି କରୁଛି ଓ ଏକ ନିର୍ଦ୍ଦିଷ୍ଟ ତୀବ୍ରତାରେ ବୈଦ୍ୟୁତିକ ତରଙ୍ଗ ହୋଇ ବ୍ରହ୍ମାଣ୍ଡକୁ ପ୍ରସାରିତ ହେଉଛି । ଏଣୁ ସମସ୍ତ ଚିନ୍ତନ ମାନ ଏକ ନିର୍ଦ୍ଦିଷ୍ଟ ତୀବ୍ରତା (frequency)ରେ ଏହି ବ୍ରହ୍ମାଣ୍ଡ ମଧ୍ୟରେ ଘୁରି ବୁଲୁଛି । ଯେତେବେଳେ ଏକ ନୂତନ ଜୀବନ ପୃଥିବୀ ପୃଷ୍ଠରେ ପ୍ରକାଶ ପାଏ, ଯଦି ତାହାର ମସ୍ତିଷ୍କ ଠିକ ବ୍ରହ୍ମାଣ୍ଡରେ ସ୍ଥିତ ଏକ ନିର୍ଦ୍ଦିଷ୍ଟ ତରଙ୍ଗ ସହ ମେଳକ ଖାଏ, ତେବେ ତାହା ପୂର୍ବ ବ୍ୟକ୍ତିର ଗୁଣମାନ ପ୍ରକାଶ କରିବ । ତେଣୁ ଆମେ ତାହାକୁ ସେହି ବ୍ୟକ୍ତିର ପୁନର୍ଜନ୍ମ ବୋଲି କହିପାରୁ । ପୃଥିବୀ ପୃଷ୍ଠରେ ଅନେକ ସ୍ଥାନରେ ସ୍ପିରିଟ କଲ ହେଉଛି । ଆମେ ଯେଉଁ ବ୍ୟକ୍ତିର ସ୍ପିରିଟ କଲ କରିବା ପାଇଁ ଚାହିଁବା, ସେହି ବ୍ୟକ୍ତିର ଚିନ୍ତନ ମାନ ଏକ ନିର୍ଦ୍ଦିଷ୍ଟ ତୀବ୍ରତାରେ କମ୍ପନ ଅବସ୍ଥାରେ ଏହି ବ୍ରହ୍ମାଣ୍ଡ ଭିତରେ ଭାସିବୁଲୁଥିବ । ଏଣୁ କୌଣସି କୌଶଳରେ ଆମେ ସେହି ତରଙ୍ଗାୟିତ ଚିନ୍ତନ ମାନଙ୍କୁ ଧରି ତାକୁ ବ୍ୟାଖ୍ୟା କରିପାରିବା, ତେବେ ଆମେ ବହୁତ ପୁରୁଣା କଥା ଜାଣିପାରିବା । ଯେତେବେଳେ ଆମେ ଏକ ବ୍ୟକ୍ତିର କଂପନ ଓ ତୀବ୍ରତାର ଚିନ୍ତନକୁ ଆକର୍ଷଣ କରିବା ପାଇଁ ଆମେ ଆମର ମସ୍ତିଷ୍କକୁ ଠିକ ସେହି କମ୍ପନ ଓ ତୀବ୍ରତା ସହ ମେଳେଇ ନେଇପାରିବା ତେବେ ଆମେ ସେହି ବ୍ୟକ୍ତିର ସମସ୍ତ ତଥ୍ୟକୁ ଆମ ମସ୍ତିଷ୍କକୁ ଆକର୍ଷଣ କରିପାରିବା । ଆମ ମସ୍ତିଷ୍କ ନିଜର ସ୍ମୃତି ଅନୁସାରେ ତାହା ବ୍ୟାଖ୍ୟା କରିପାରିବ । ମାଇଣ୍ଡ ରିଡର କାର୍ଯ୍ୟ ମଧ୍ୟ ଏହି ପ୍ରଣାଳୀରେ ଫଳିତ ହେଉଥାଇପାରେ । ଆମର ଗାଁ ମାନଙ୍କରେ ଯେଉଁ ପ୍ରେତାତ୍ମା ମାଡ଼ିବସିବା ମଧ୍ୟ ଏହି ଭଳି ହୋଇଥାଏ । ଆମ ମସ୍ତିଷ୍କ ଭୟରେ ଯେତେବେଳେ ଭାରସ୍ୟାମ ହରାଏ, ସେତେବେଳେ ଆମେ ଅନେକ ବିକୃତି ଘଟଣା ଦେଖନ୍ତି ଯଥା ଭୁତ ଦେଖାଦେଇଥାଏ ଓ ପ୍ରେତାତ୍ମା ମାଡ଼ିବସିବା ଭଳି ଅନେକ ଘଟଣା ଘଟିଥାଏ । ଏଣୁ ଚିନ୍ତନକୁ ଜୀବନ ନିର୍ବାହରେ ଲଗାଇବା ମଣିଷ ପ୍ରଜାତି ପାଇଁ ଶୁଭଙ୍କର ହେବ, ନଚେତ ଏହାର ଅପବ୍ୟବହାର ମଣିଷକୁ ଧ୍ୱଂସ ପଥରେ ନେଇଯିବ ।

# ଅସ୍ମିତାର ପରିଚୟ : ନାରୀ



ପ୍ରେମାନନ୍ଦ ପାଣିଗ୍ରାହୀ
ଭୁବନ, ଢେଙ୍କାନାଳ
ମୋ-୯୪୩୭୬୨୯୩୮୪

ମହିଳାମାନଙ୍କୁ ସର୍ବୋଚ୍ଚ ସମ୍ମାନ ଦେବା ପାଇଁ ଆମ ଭାରତୀୟ ସଂସ୍କୃତି ଆମମାନଙ୍କୁ ଶିକ୍ଷା ଦେଇଛି । ଆମ ଦେଶ ସୀତା, ସାବିତ୍ରୀ, ମୈତ୍ରେୟୀ, ଭାନୁମତୀ, ଲୀଳାବତୀ, ଆତ୍ରେୟୀ, ଲକ୍ଷ୍ମୀବାଈଙ୍କ ଭଳି ଅନେକ ବିଦୁଷୀ ମହିଳାଙ୍କୁ ଜନ୍ମ ଦେଇ ଗର୍ବିତ । ସମାଜ ରୂପକ ଶରୀରର ହୃତପିଣ୍ଡ ନାରୀ । ବାସ୍ତବରେ ନାରୀ ଶବ୍ଦ ନ-ଅରି । ଅର୍ଥାତ ଯାହାର ଶତ୍ରୁ ନଥାଏ । ନାରୀ ଅବଳା ଦୁର୍ବଳା ନୁହେଁ । ନାରୀମାନଙ୍କର ଅନେକ ସାମର୍ଥ୍ୟ ଓ ପ୍ରତିଭା ରହିଛି । ଅତୀତରେ ଜନଜୀବନର ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କର ଭୂମିକା ଯାହା ଥିଲା ଏବେ ତାହା ସଂପୂର୍ଣ୍ଣ ବଦଳିଯାଇଛି । ଆଗର ରକ୍ଷଣଶୀଳ ସମାଜରେ ମହିଳାଙ୍କ ଭୂମିକା ଘରର ଚାରିକାନ୍ଥ ଭିତରେ ସୀମିତ ଥିବାବେଳେ ବର୍ତ୍ତମାନ ଏହା ପରିବ୍ୟାପ୍ତ ହୋଇଛି । ମହିଳାମାନେ ପରିବାରକୁ ସଶକ୍ତ କରିବା ସହ ସାମାଜିକ ଓ ଆର୍ଥିକ ବିକାଶ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ବହୁବିଧ ଯୋଜନାରେ ଅଂଶୀଦାର ହୋଇ ପରିବାର, ସମାଜର ଉନ୍ନତିରେ ଭାଗୀଦାର ହୋଇ ପାରିଛନ୍ତି । ନାରୀ ସଶକ୍ତୀକରଣ ଯୋଜନା ମାଧ୍ୟମରେ ଆମ ଦେଶର ପ୍ରାୟ ୪ କୋଟି ପାଖାପାଖି ମହିଳା ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରି ପରିବାରକୁ ସଶକ୍ତ କରୁଛନ୍ତି ।

ଭାରତର ସ୍ୱାଧୀନତା ସଂଗ୍ରାମ ବେଳେ ବହୁ ଦେଶପ୍ରେମୀ ମହିଳା ଝାସ ଦେଇଥିଲେ । ମହାତ୍ମାଗାନ୍ଧୀଙ୍କ ଆଇନ୍ ଅମାନ୍ୟ ଓ ଅସହଯୋଗ ଆନ୍ଦୋଳନ ଡାକରାରେ ମହିଳାମାନେ ପରଦା ଆଢୁଆଳରୁ ବାହାରକୁ ଆସି ମାତୃଭୂମିର ସୁରକ୍ଷା ପାଇଁ ଚାଲିଥିବା ସତ୍ୟାଗ୍ରହ ଆନ୍ଦୋଳନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ବର୍ତ୍ତମାନ ଯେତିକି ମହିଳା ବିଭିନ୍ନ କାର୍ଯ୍ୟକ୍ଷେତ୍ରରେ ନିଯୁକ୍ତ ହୋଇଛନ୍ତି, ସେମାନେ ପୁରୁଷମାନଙ୍କ ଠାରୁ ବହୁ କ୍ଷେତ୍ରରେ ଅଧିକ ପାରଙ୍ଗମ, ଅଧିକ ଭଦ୍ର, ସହାନୁଭୂତିଶୀଳ, ନ୍ୟାୟ ପରାୟଣ ବୋଲି ପ୍ରମାଣିତ ହୋଇଛି ସମାଜ ଆଉ ପୁରୁଷ ପ୍ରଧାନ ହୋଇ ରହିନଥିଲେ ମଧ୍ୟ ମହିଳାଙ୍କ ପ୍ରତି ଅତ୍ୟାଚାରର ପରିମାଣ ହ୍ରାସ ପାଇବା ପରିବର୍ତ୍ତେ ବଢିଚାଲିଛି । ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ମହିଳାଙ୍କ ଗୌଣ ସ୍ଥିତି ଘେନି ସମାଜର ଏହି ଦୁଇ ଅଙ୍ଗ ମଧ୍ୟରେ ଥିବା ଶାରୀରିକ ଭିନ୍ନତା ଏକ ଅସ୍ତ୍ର ଭାବେ ବ୍ୟବହାର କରାଯାଉଛି । ଅଧିକାଂଶ ରାଷ୍ଟ୍ରର ସାମ୍ବିଧାନିକ ଓ ବ୍ୟବସ୍ଥାପକ ବ୍ୟବସ୍ଥାରେ ମହିଳାଙ୍କ ପାଇଁ ସମାନ ଅଧିକାର ଓ ସୁବିଧା ସୁଯୋଗ ମଞ୍ଜୁର କରାଯାଇଥିଲେ ହେଁ ଲିଙ୍ଗଗତ ପାର୍ଥକ୍ୟ ଓ ବାଛବିଚାର ତିଷ୍ଠି ରହିଛି । କନ୍ୟାଭ୍ରୁଣ ହତ୍ୟା ଲୁଚାଛପାରେ ବି ଚାଲିଛି । ୨୦୧୫ ମସିହାର ଗଣନା ଅନୁସାରେ ଆମ ଦେଶରେ ପ୍ରତି ୧୦୦୦ ପୁତ୍ର ସନ୍ତାନ ସହିତ ୯୦୭ ଜଣ କନ୍ୟା ସନ୍ତାନ ଏବେ ଜନ୍ମ ନେଉଛନ୍ତି । ଦେଶର ଅନେକ ଅଞ୍ଚଳରେ ମହିଳା-ପୁରୁଷ ଅନୁପାତ ଭିତରେ ଅନେକ ପାର୍ଥକ୍ୟ ରହିଥିବାରୁ ବିବାହ ପାଇଁ କନ୍ୟା ଅଭାବ ଦେଖା ଦେଇଛି । ଅପହରଣ ଓ ବଳ ପୂର୍ବକ ବିବାହ ଓ ବଳାତ୍କାର ପରି ଘଟଣା ଘଟୁଛି । କିଛି ବର୍ଷ ତଳେ ନିର୍ଭୟା ଘଟଣା, ମଣିପୁରରେ ଦୁଇ ମହିଳାଙ୍କୁ ସାଧାରଣରେ ଉଲଗ୍ନ କରାଯିବା ଓ କିଛି ଦିନ ତଳେ ପଶ୍ଚିମବଙ୍ଗରେ ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ ଭଳି ଦୁଃଖଦ ଲୋମହର୍ଷଣକାରୀ ଘଟଣା ଆମ ଅତୀତର ସବୁ ପରମ୍ପରା, ମାନବବାଦକୁ କୁଠାରଘାତ କରିଛି । ଦେଶରେ ମହିଳା ନିର୍ଯାତନାକୁ ରୋକିବା ଲାଗି ସରକାରଙ୍କ ପକ୍ଷରୁ ସବୁ ପଦେକ୍ଷପ ଗ୍ରହଣ କରାଯାଉଛି । ମହିଳା ସଶକ୍ତୀକରଣ ପାଇଁ ଅନେକ ଯୋଜନା ଗଠନ ପରେ ବି ମହିଳାଙ୍କ ପ୍ରତି ଅତ୍ୟାଚାର କମି ପାରୁ ନାହିଁ । ଅନେକ ସମୟରେ ମହିଳାଙ୍କ ଉପରେ ଅନ୍ୟାୟ, ଅତ୍ୟାଚାର ହେଉଥିଲେ ବି ସେମାନେ ଲୋକଲଜ୍ଜା, ଭୟ ଓ ଅନ୍ୟାନ୍ୟ କାରଣରୁ ଅଭିଯୋଗ କରିନଥାନ୍ତି । ଏକ ଅଣସରକାରୀ ସଙ୍ଗଠନ ହେଲ୍ପଏଜ୍ ଇଣ୍ଡିଆ ପକ୍ଷରୁ କରା ଯାଇଥିବା ସର୍ଭେ ଅନୁସାରେ ଦେଶରେ ୧୬ ପ୍ରତିଶତ ବୟସ୍କା ମହିଳା ଦୁର୍ବ୍ୟବହାରର ଶୀକାର ହେଉଛନ୍ତି । ଦୁର୍ବ୍ୟବହାରର ଶୀକାର ହେଉଥିବା ମୋଟ ବୟସ୍କ ମହିଳାଙ୍କର ୫୦ ଶତକଡାଙ୍କୁ ଶାରୀରିକ ନିର୍ଯାତନା ଦିଆଯାଉଛି । ସେହିପରି ୪୬ ପ୍ରତିଶତଙ୍କୁ ବେଖାତିର ବ୍ୟବହାର ପ୍ରଦର୍ଶନ କରାଯାଉଥିବା ବେଳେ ୪୦ ପ୍ରତିଶତଙ୍କୁ ମାନସିକ ଏବଂ ଆବେଗଜନିତ ନିର୍ଯାତନା ଭୋଗିବାକୁ ପଡୁଛି । ୧୯୨୯ ମସିହାରୁ ଭାରତରେ ବାଲ୍ୟ ବିବାହ ଉପରେ ନିଷେଧାଦେଶ ଜାରି ହୋଇଥିଲେ ବି ଏହି ପରମ୍ପରା ଏବେବି ରହିଛି । ଭାରତରେ ପ୍ରତି ମିନିଟରେ ୩ ଜଣ ନାବାଳିକା ବିବାହ କରିବାକୁ ବାଧ୍ୟ ହେଉଛନ୍ତି ।

ଗତ ସାଧାରଣତନ୍ତ୍ର ଦିବସକୁ ନାରୀଶକ୍ତି ପାଇଁ ସମର୍ପଣ କରାଯାଇ ନୂଆଦିଲ୍ଲୀର କର୍ତ୍ତବ୍ୟ ପଥରେ ମାର୍ଚ୍ଚପାଷ୍ଟ, ବ୍ୟାଣ୍ଡ୍ ଏବଂ ବିଭିନ୍ନ କଳାକୌଶଳ ପ୍ରଦର୍ଶନରେ ମହିଳାମାନଙ୍କୁ ସାମିଲ କରାଯାଇଥିଲା । ଉଦ୍ଦେଶ୍ୟ ଥିଲା ପ୍ରତିରକ୍ଷା ସମେତ ବିଭିନ୍ନ କ୍ଷେତ୍ରରେ ସେମାନଙ୍କ ଉପସ୍ଥିତି ବଢାଇବା । ସେନାବାହିନୀରେ ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହନ ଦେବା ଓ ଭବିଷ୍ୟତର ନେତୃତ୍ୱ ପାଇଁ ସେମାନଙ୍କୁ ପ୍ରସ୍ତୁତ କରିବା । ମହିଳା ସଶକ୍ତୀକରଣ, ଆର୍ଥିକ ସ୍ୱାଧୀନତା ଓ ଉଦ୍ୟୋଗ ବିକାଶ ପାଇଁ ଆମ ଦେଶ ଓ ଆମ ରାଜ୍ୟରେ ଅନେକ ଯୋଜନା କାର୍ଯ୍ୟ କରୁଛି । ମହିଳା ସମାନତା ବିନା କୌଣସି ପରିବାର, ସମାଜ, ଦେଶର ବିକାଶ ଅସମ୍ଭବ । ତେଣୁ ସବୁ କ୍ଷେତ୍ରରେ ମହିଳାଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହନ ଦେବା ପାଇଁ ସଂକଳ୍ପ ହେଉ ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** **E-mail : sambadkalikanews@gmail.com** **City Office : Qtr No.-4R-12, Unit-IX (Flat), Bhubaneswar, Pin-751022**
ସମ୍ପାଦକ : **ଜୟାଶୀଷ ରାୟ**

## ହାଉସ ହଜବ୍ୟାଣ୍ଡ

### ବିଜୟଲକ୍ଷ୍ମୀ ପାଣିଗ୍ରାହି



ଲେଖା ଯୋଖାର ପୁରୁଣା ସ୍ମୃତି କିଛି ଋତୁ ପରି ଆସନ୍ତି ଆଉ ଯାଆନ୍ତି। ସେହି ଚକ୍କରରେ ଆଜି ଟେର ମିଳିଛି ତା'ର। ନିହାତି ଏକ ବଡ଼ ପଦବୀରେ ଥିବ ନାହିଁ ତ ବଡ ବ୍ୟବସାୟୀଟେ ହୋଇଥିବ। ତା' ଗାଡି ଘୋଡା କଥା ଭାବିଲେ ତାକୁ ଅପମାନ ହେବ। କାରଣ ସେ ଚନ୍ଦ୍ରରେ କେତେଟା ଜାଗା ତ ପକାଇଥିବ ନିଶ୍ଚୟ। ଭାରି ଚାଲାକ, ଜନ୍ଦା ପଛପାଖରୁ ଗୁଡ଼ କାଢ଼ିବା କୌଶଳ ହେଉ ଅବା ସମୁଦ୍ରରେ ସେତୁ ତିଆରିବା କଳ୍ପନା, ସବୁଥିରେ ପାରଙ୍ଗମ। ବାଏ ୱାନ ଗେଟ୍ ୱାନ ତରିକା ସେ ୨୪ବର୍ଷ ତଳରୁ ଆରମ୍ଭ କରିସାରିଥିଲା। ତା' ମଗଜର ବୁଦ୍ଧି ଆଧୁନିକ ବୈଜ୍ଞାନିକ ସର୍ଜରିର ଲେଜର ରଶ୍ମିଠାରୁ ଭାରୀ ତୀକ୍ଷ୍ଣ ଥିଲା। କାମ ସବୁ ଲାଉଡଙ୍କିଆ; ହୁତୁ ହୁତୁ ହୋଇ ଆଗକୁ ମାଡିଚାଲିଥିବ। ଫଳକଥା ନ ପଚାରିଲେ ବେଶ ଭଲ, ପେଣ୍ଡିଜହ୍ନି ପରି ପେଚ୍ଛା ପେଚ୍ଛା ହୋଇ ଝୁଲନ୍ତି। ଯେଉଁ କାମକୁ ଥରେ ଟାକି ନେଲା ସେଠି ବଗ ସିନା ଘୁମେଇ ବସିବ ହେଲେ ସେ ନୁହେଁ। ଛାଡ଼ ତା'ର କଥା, ଭାବି ବସିଥିଲେ ସରିବନି। ଅକ୍ଟୋପସ ପରି ତା' କଥାର ବଉଁଶ। ହଉ ଏବେ ଯାଉଛି ଫୋନ ଲଗେଇବି। ହେଲେ କଥା କେଉଁଠୁ ଆରମ୍ଭ କରିବି ? ଠିକ ଅଛି, ଗୋଟେ କାମ କରୁଛି, ଫେସ ବୁକକୁ ଯାଉଛି... ଦେଖେ କିଛି ସୁରାଗ ତ ମିଳିଯିବ ନିଶ୍ଚୟ। ଫେସ ବୁକର ସର୍ଚ୍ଚ ଅପସନରେ ନାମ ଟାଇପ କଲି ଅନିମେଶ ରାୟ। ପ୍ରୋଫାଇଲରେ ଏକ ଫ୍ୟାମିଲି ଫଟୋ। ଉତ୍ତମ ! ଫ୍ୟାମିଲାର ଗୁଣଟା କୁଇକ ଫିକ୍ସ ପରି ଚିପକି ରହିଛି ଏକଦମ। ସ୍ତ୍ରୀଟି ଯେତିକି ସୁନ୍ଦର ସେତିକି ହାଇଫାଇ ଲାଗୁଛି। ପୁଅ ଓ ଝିଅ ଦୁହେଁ ବଡ଼ ହୋଇଗଲେଣି। ଆଉ ଟିକେ ତଳକୁ ଯାଉ ଯାଉ ସାଙ୍ଗ ତାଲିକାରୁ ମିଳିଗଲା ଆଉ କିଛି ସାଙ୍ଗଙ୍କ ଠିକଣା। ବାପରେ ବାପ... କିଏ ପୋଲିସ, କିଏ ଡାକ୍ତର, କିଏ ଲେଖକ ତ କିଏ କଲେକ୍ଟର । ଏବେ ନିଜ କଲରକୁ ଟିକେ ଟାଣିଦେଲି। ମୁଁ ବି କମ ନୁହେଁ; ବିକ୍ରମଦେବ ୟୁନିଭରସିଟିର ଏକ ପ୍ରଫେସର। ହଁ ସ୍ତ୍ରୀ ମୋର ହାଉସ ୱାଇଫ। ମାଷ୍ଟରାଣୀଟିଏ ହୋଇଥାନ୍ତେ ଯେ ମୁଁ ଆକା ମନା କରିଦେଇଥିଲି। କାରଣ ଚାକିରି କଲେ ସିଏ, ଭଲା ପିଲା କାଖେଇବ କିଏ ? ଏବେ ତ କିଛି ନ କରି ତୁଚ୍ଛ ଘର ସମ୍ଭାଳୁ ସମ୍ଭାଳୁ କେତେଥର ଝଗଡା। କ'ଣ ନା ତା'ର ସବୁ ସ୍ୱପ୍ନକୁ ମୁଁ କୁଆଡେ ତଣ୍ଟି ଚିପି ପିତାଶୁଖୁଆ କରି ଦେଇଛି। ଛାଡ଼ ଯା କଥା। ଏବେ ପ୍ରୋଫାଇଲର ପୋଷ୍ଟ ଆଡକୁ ଦୃଷ୍ଟି ଦେଲି। ଡିଜିନଲ୍ୟାଣ୍ଡ ବୁଲିବାକୁ ଯାଇଥିଲେ। କାହିଁକି ବା ପରିବାରକୁ ବୁଲେଇବ ନାହିଁ ? ଏତେ ଡାବୁ କରିବ କ'ଣ ? ଆରେ ବାପରେ...ପୁଅ ଝିଅ ସହ ରିଲ ! ହଁ ଇଏ ବି ଗୋଟେ ଖୁସି। ଭାରି ଭଲ ଏତେ ଦାୟିତ୍ୱ ପରେ ପରିବାରକୁ ସମୟ ଦେଉଛି ଆଉ ଖୁସିରେ ଅଛି। ଛାଡ଼ ଏ ପ୍ରୋଫାଇଲ ଦେଖା। ମନ ଭାରି ଅଥୟ। ତା' ସହିତ ଟିକେ କଥା ହୋଇଯାଏ। ଫୋନ ରିଙ୍ଗ ହେଉଛି ଅଥଚ ରିସିଭ କରୁନି। ହଁ ବ୍ୟସ୍ତ ଥିବ କିଛି ଗୋଟେ ଜରୁରୀକାଳୀନ ବୈଠକରେ। ଏତିକି ଭାବୁ ଭାବୁ ଦ୍ୱିତୀୟ କଲକୁ ସେ ରିସିଭ କଲା। ହଠାତ ମୋ ପାଟିରୁ ବାହାରିଗଲା...

-କ'ଣ ଜରୁରୀ କାଳୀନ ବୈଠକ ସରିଲା। -(ସେ ସଙ୍ଗେ ସଙ୍ଗେ କହିଲା)ନା ନା ମିଟିଂ ଚାଲିଛି। ସିଡନୀରେ....

-ଓଃ ତା'ହେଲେ ମୁଁ ପରେ କଲ କରୁଛି।

-ଆରେ ଆଗେ କୁହ ତ କିଏ କହୁଥିଲ ?

- ଆରେ ଅନିମେଶ ! ମୁଁ ଦିନେଶ କହୁଥିଲି। କଲେଜମେଟ... ସାଇକୋଲୋଜି ଅନର୍ସ।

-ଏତେ ଦିନ କୁଆଡ଼େ ହଜି ଯାଇଥିଲୁ ? ମୁଁ ଏବେ ମନେ ପଡିଲି ? ହଁ! ମୁଁ ଦିଲ୍ଲୀରେ ରହୁଛି କେବେ ସୁବିଧା ଦେଖି ଆସ ।

-ଆରେ ଆର ସପ୍ତାହରେ ଗୋଟେ ସେମିନାର ଆଟେଣ୍ଡ କରିବାକୁ ମୁଁ ଦିଲ୍ଲୀ ଆସୁଛି। ଭଲ ହେଲା, ଦେର ସେ ସହି ଦେଖା ତ ହେବ।


-ହଉ ସୁବିଧା ଦେଖି ଫୋନ କର। ଏବେ ରଖୁଛି। ଫୋନ ସେ ରଖିଦେଲାଣି କେତେ ମିନିଟ ହେବ ହେଲେ ବି ମୁଁ କାନରେ ଫୋନଟିକୁ ଧରି ଭାବୁଛି ଯେ ଭାବୁଛି। ସେହି ଆପଣାପଣ ... ଓଜନଦାର କଥା... ଯେତିକି ସ୍ପଷ୍ଟ ସେତିକି ସଂକ୍ଷିପ୍ତ। ହଉ ଭାରି ଖୁସି ଲାଗିଲା emergency meetingରୁ ବାହାରି ଏତିକି ସମୟଦେଲା। ଦିନେଶର ପାଦ ଆଉ ତଳେ ଲାଗୁନି। ଫ୍ଲାଇଟରେ ଯିବାକୁ କେତେ ସମୟ। ଜୟପୁରରୁ ଭୁବନେଶ୍ୱର ଆଉ ସେଠାରୁ ଦିଲ୍ଲୀ। ମାତ୍ର କେଇ ଘଣ୍ଟାର କଥା। ସେ କହିଛି ମୋତେ ଏରୋଡ୍ରମପଡ଼ିଆରୁ ରିସିଭ କରିବ। ଦେଖିଲେ ତାକୁ କେତେ କଥା ଅଛି। ଦିନଟେ ତା' ଘରେ ରେଷ୍ଟ ନେଇ ତା ପର ଦିନ ସେମିନାର। ସେମିନାର ସରିଲେ ପୁଣି ପାଖ ଆଖ ସେ ବୁଲେଇବ ବୋଲି କହିଛି। ଏତେ କାର୍ଯ୍ୟ ବ୍ୟସ୍ତତା ଭିତରେ ଏତେ ସମୟ ଦେବ କହିବାଟା ସାମାନ୍ୟ କଥାନୁହେଁ। ଘର ନୁହେଁ ତ ଏକ ସ୍ୱର୍ଗପୁର। ଏମିତି କୋଠରୀ, ସାଜସଜ୍ଜା, ଆସବାବ ପତ୍ର ଫିଲ୍ମରେ ଦେଖିଥିଲି। ଆଖି ପବିତ୍ର ହୋଇଗଲା। ସେଦିନ ସାରା ସେ ମୋ ସାଥିଲେ ରହିଲା। ପିଲା ଦୁହିଁଙ୍କୁ ସ୍କୁଲ ଆଉ କଲେଜରେ ଦୁହେଁ ମିଶି ଛାଡିଲୁ। ସେ ନିଜେ ଖାଇବାକୁ ବାଢିଲା। ମିଶିକି ସବୁ ଖାଇଲୁ। କଥାରେ କଥାରେ ପଚାରିଲି ତା' ଘରଣୀ କଥା ଯେ, କହିଲା... ସେ ବିଜିନେସ କାମରେ ମାଲେସିଆ ଯାଇଛି। ଖୁସି ହେଲି ଭାରି ପାରିବା ସ୍ତ୍ରୀଟିଏ ବୋଲି। ଦୁଇ ଦିନିଆ ସେମିନାର ସାରି ଫେରିଲି ପୁଣି ତା' ଘରକୁ। ସ୍ତ୍ରୀ ଫେରି ଆସିଥାନ୍ତି। ମୋତେ ଦେଖି ଭାରି ଖୁସି ହେଲେ। ଏଥର ମୋତେ ଟିକେ ଅଖାଅଡୁଆ ଲାଗିଲା। ଯେତେବେଳେ ଦେଖିଲି ଅନିମେଶ ସମସ୍ତଙ୍କୁ ଚାହା ଦେଇ ଡିନର ଅର୍ଡର ନେଲା। ପୁଅ ଓଟସ ଖାଇବ, ଝିଅ ମସରୁମ ଚିଲି ଆଉ ନାନ, ଆଉ ସ୍ତ୍ରୀ ଖାଇବେ ରୁଟି ଡାଲଫ୍ରାଇ, ସାଲାଡ଼। ସେ ତା'ପାଇଁ ଆଡ଼ କଲା ଫ୍ରାଇଡ ରାଇସ। ମୋତେ ଦେଖି ଇସାରା କଲା । ମୁଁ ହତବାକ ହୋଇ ରହିଗଲି। ସେ କହିଲା ଠିକ ଅଛି ତୁ ସବୁଥିରୁ ଟିକେ ଟିକେ ଖାଇଦେବୁ। ଏ କଥା ଶୁଣି ସମସ୍ତେ ହସିଉଠିଲେ। ରୋଷେଇ ଘରେ ମସରୁମ କାଟୁ କାଟୁ ସେ କହିଲା କ'ଣ ଭାବୁଛୁ ଦିନେଶ ? ଯେତିକି କାକୁତିରେ ମୁଁ ପଚାରି ପକାଇଲି, ଆରେ ତୁ କରୁଛୁ କଣ ? ସେ ସେତିକି ସହଜରେ କହି ଉଠିଲା, 'ହାଉସ ହଜବ୍ୟାଣ୍ଡ'। କଡେଇ ଫୁଟଣରୁ ଛିଟିକି ଆସୁଥିବା କଂଚାଲଙ୍କାର ଫୁଟା ମଞ୍ଜି ଚେଙ୍କ ପରି ଚାଇଁ କଲା ଉତ୍ତରଟି। ମୋ ଡହ ଡହ ନିଆଁଗିଲା ଆଖିକୁ ଦେଖି ସେ ମୋ ପିଠି ଥାପୁଡ଼େଇ କହିଲା, 'ଆମ ଦୁହିଁଙ୍କ ମଧ୍ୟରୁ ଜଣଙ୍କୁ ଘର ଆଉ ଜଣକୁ ବିଜନେସ ସମ୍ଭାଳିବାକୁ ପଡିଲା। ମୁଁ ଜାଣିଛି ଏଲିଠାରୁ ଘରକାମ ମୁଁ ଭଲ ଭାବେ ସମ୍ଭାଳି ପାରିବି। ତେଣୁ ମୁଁ ଏ କାମଟିକୁ ବାଛି ନେଲି। ପିଲାମାନେ ବି ସମୟ ପାଇଲେ। ଆବଶ୍ୟକ ହେଲେ ଘରକାମ ସହ ବିଜିନେସରେ ମଧ୍ୟ ଏଲିକୁ ସାହାଯ୍ୟ କରିନିଏ। 'ତା' କଥା ଶୁଣି କାନ ମୋର ଠିଆ ଠିଆ ହୋଇଗଲା। ସେତିକି ବେଳକୁ ପୁଅ ଓ ଝିଅ ଆସି କହିଲେ, ବାପା! ପ୍ରାର୍ଥନା ସମୟ ହେଲାଣି।

ହାତ ଗୋଡ଼ ଧୋଇ ସମସ୍ତେ ବସି ପ୍ରାର୍ଥନା କଲେ (କି ସୁନ୍ଦର ଆହା...)। ପ୍ରାର୍ଥନା ପରେ ଆଖି ବନ୍ଦ କଲେ ବି ମୋତେ ଦିଶୁଥିଲା ଅନିମେଶ ହାତର ନିଖୁଣ ଘରକରଣା...।


ଶିକ୍ଷୟିତ୍ରୀ
ଜୟପୁର, କୋରାପୁଟ
ମୋ - ୮୨୪୯୪୫୦୦୫୦


## ସମ୍ପର୍କ

### ସତ୍ୟନାରାୟଣ ପ୍ରଧାନ



ଧନୀ ଶିଳ୍ପପତିଙ୍କ ପୁଅ ବିଦେଶରେ ପାଠ ପଢା ସାରି ଘରକୁ ଫେରିଥିଲା। ସେ ପରିବେଶ ଆଉ ବର୍ତ୍ତମାନର ପରିସର ଭିତରେ ଆକାଶ ପାତାଳ ଫରକ ବୋଲି ମନରେ ଅନୁଭବ କରିଥିଲା। ବୟସ ହୋଇଯାଇ ଥିବାରୁ ବିବାହ କରିବା ପାଇଁ ବାପା ପ୍ରସ୍ତାବ ପରେ ପ୍ରସ୍ତାବ ପୁଅକୁ ଦେଖାଇବା ପରେ ସେ ମୋଟେ ବିବାହ କରିବାକୁ ରାଜି ହୋଇ ନ ଥିଲା । ଘରେ ଖିଆପିଆରେ ଅସୁବିଧା ହେବା ଯୋଗୁଁ ବାପାଙ୍କର ରାଣ ନିୟମ ପଡ଼ିବା ପରେ ପୁଅ ଯାଇ ବିବାହ କରିବାକୁ ରାଜି ହୋଇଥିଲା । ପୁଅ ବିବାହ କରିବା ପରେ ଗୋଟେ ସ୍ତ୍ରୀକୁ ଯେପରି ସମ୍ମାନ ସହିତ ଯତ୍ନ ନେବାର କଥା ତାହା କରିବା ବଦଳରେ ଏସବୁ ପ୍ରଚଳିତ ପୁରୁଣା ପ୍ରଥା ଓ ପରମ୍ପରା ଯାହା ମଣିଷକୁ ଜଣଙ୍କ ପାଖରେ ବାନ୍ଧି ରଖେ ବୋଲି ମନରେ ଭାବିଥିଲା । ସ୍ତ୍ରୀ ଯାହା ସୁବିଧା ଅସୁବିଧା ଦେହ ପା ଖରାପ ହେଲେ ସ୍ୱାମୀକୁ କହିବା କଥା ସେ ତାକୁ ଗୁରୁତ୍ୱ ନ ଦେଇ ଘରେ ଡ୍ରାଇଭରକୁ ସାଙ୍ଗରେ ନେଇ ଦେଖାଇବାରେ କିଛି କ୍ଷତି ଜଣାଇ ଦେଇଥିଲେ । ସ୍ୱାମୀ ତାର କମ୍ପାନୀ



କାମରେ ବାହାରକୁ ଗଲାବେଳେ ବାଟରେ ଟ୍ରାଫିକ ପଡ଼ିଲା । ରାସ୍ତାରେ ଲୋକଟିଏ ତା ପିଠି ଉପରେ ସ୍ତ୍ରୀକୁ ଉଠାଇ ସାହାଯ୍ୟ ସହଯୋଗ କରିବାକୁ ଲୋକମାନଙ୍କୁ ଟଙ୍କା ମାଗି ତା ପାଖରେ ପହଞ୍ଚି ଯାଇଥିଲା । ସେ ଲୋକଟିକୁ କାହିଁକି ତାକୁ ପିଠିରେ ଧରି ବାଟ ଚାଲୁଛ ନିଜେ ତ ଏକା ଚାଲି ପାରୁନ କହିଥିଲେ। ରାସ୍ତାରେ ଠିଆ ହୋଇଥିବା ଲୋକଟି ମୋ ସ୍ତ୍ରୀର ଗୋଟେ ଗୋଡ଼ ଭାଙ୍ଗି ଯାଇଛି ବୋଲି ତାକୁ ପର କରି ଏକା ଛାଡ଼ି ଚାଲି ଆସି ପାରିବି ? ମୁଁ ପରା ଅଗ୍ନିକୁ ସାକ୍ଷୀ ରଖି ଦଶଦିଗପାଳଙ୍କ ଆଗରେ ଗୋଟିଏ ଜନ୍ମ ନୁହେଁ ସାତ ଜନ୍ମକୁ ସାଥୀ ହୋଇ ବାଟ ଚାଲିବାକୁ କଥା ଦେଇଛି କହିଥିଲା। ସେ ଲୋକଟିର କଥାରେ ଯୁବକର ମନ ସଂପୂର୍ଣ୍ଣ ବଦଳି ଯାଇଥିଲା ତାକୁ ଯଥା ସମ୍ଭବ ଟଙ୍କା ପ୍ରଦାନ କରି ସେଠାରୁ ଆଗକୁ ପାଦ ନ ବଢାଇ ସିଧା ଘରକୁ ଆତ୍ମୀୟତାର ସହିତ ଧର୍ମପତ୍ନୀ ପାଖରେ ପହଞ୍ଚି ଯାଇଥିଲେ । ନିଜେ ତାଙ୍କ ପ୍ରତି କରିଥିବା ଅବହେଳା ଯୋଗୁଁ ଅନୁତାପରେ ମୁଣ୍ଡ ତାଙ୍କ ତଳକୁ ନଇଁ ପଡ଼ିଥିଲା । ସ୍ତ୍ରୀ ତାର ନିଜ ଧର୍ମ ପାଳନ କରି ତାଙ୍କ ମୁହଁକୁ ଲୁଗା କାନିରେ ପୋଛି ଛି ଏମିତି ମନଦୁଃଖ କରନ୍ତିନି କହୁଥିଲା। ସେ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ଥିବା ପବିତ୍ର ସମ୍ପର୍କକୁ ଅନୁଭବ କରି ପାରିଥିଲେ ।।


ଯାଜପୁର
ପିନ୍ - ୭୫୫୦୨୩
ମୋ ୯୧୭୮୩୧୩୬୪୪


## ଅଚଳ ଟଙ୍କା

### ପ୍ରଦ୍ୟୁମ୍ନ ପଟ୍ଟନାୟକ



ସୁରବାବୁ ନିଜ ମନିପର୍ସ ଖୋଲି ଯେବେ ଦେଖନ୍ତି, ଆଗ ନଜରରେ ପଡୁଥାଏ ସେ ଛିଡା ନୋଟଟି । ଦଶ ଟଙ୍କିଆ କି ପାଞ୍ଚ ଟଙ୍କିଆ ନୁହଁ ପୂରା ଦୁଇ ଶହ ଟଙ୍କିଆ ନାଲି ହଳଦୀ ମିଶା ନାରଙ୍ଗୀ ରଙ୍ଗର ନୋଟ । ଗୋଟିଏ ପଟେ ଅଠାରେ ଯୋଡା ଯାଇ ଜରି ତାଳି ପକା ଯାଇଥାଏ । ସୁରବାବୁଙ୍କର ସବୁଦିନ ସକାଳୁ ପ୍ରାତଃ ଭ୍ରମଣ ସହ ପନିପରିବା, ସଉଦା ପତ୍ର, ମାଛ ଅଣ୍ଡା, ଦୁଧ ଦହି ଆଦି କିଣାକିଣି କରିବା ଦୈନନ୍ଦିନର କାର୍ଯ୍ୟକ୍ରମ । ସେହି କିଣାକିଣି ବେଳେ ତାଙ୍କ ଅଲକ୍ଷ୍ୟରେ କେହି ଦେଇ ଦେଇ ଥାଆନ୍ତି ସେ ଛିଡ଼ା ନୋଟ ଟିକୁ । ସିଏ ସିନା ଅଜାଣତରେ କାହାଠାରୁ ନେଇ ଆସିଲେ ତାଙ୍କୁ ଜଣା ଆଉ କେହି ତାଙ୍କଠାରୁ ତାକୁ ନେବନାହିଁ। ତେଣୁ ଆଉ କାହାକୁ ଧୋକା ଦେଇ ସେ ନୋଟ ଟିକୁ ଚଳାଇ ଦେବାକୁ ଚାହୁଁ ନଥାନ୍ତି । ସେ ଠକିଲେ ବୋଲି ଆଉ କାହାକୁ ଠକି ଦେବାର ମନବୃତ୍ତି ରଖି ନଥାନ୍ତି । କିନ୍ତୁ ପକେଟରେ ରହି ସେ ଅଚଳ ଟଙ୍କାଟି ତାଙ୍କୁ ବିଦ୍ରୁପ କରୁଥାଏ। ତାଙ୍କ ଅସାବଧାନତାକୁ ମନେ ପକାଇ ଦେଉ ଥାଏ । ପୁଣି ଆଳସ୍ୟ ବଶତଃ ତାକୁ ନେଇ କେଉଁ ବ୍ୟାଙ୍କ କାଉଣ୍ଟର ସାମ୍ନାରେ ଠିଆ ହେବାକୁ ତାଙ୍କର ଇଛା ହେଉ ନଥାଏ। ହାଟରେ ପରିବା ବିକାଳିଙ୍କର ଭଲ ରୋଜଗାର । କେହି କେହି ବ୍ୟାଗରେ କିମ୍ବା ପକେଟରେ ବିଡ଼ା ବିଡ଼ା ଟଙ୍କା ରଖି କାରବାର କରନ୍ତି। ସୁରବାବୁଙ୍କର ମନେ ହେଲା ଏ ବେପାରୀ ମାନେ ତ ବ୍ୟାଙ୍କ ଯାଉଥିବେ ତାଙ୍କ ବ୍ୟବସାୟର ଲାଭାଂଶ ଜମା କରିବାକୁ। ସେମାନେ ଏଇ ଛିଡ଼ା ନୋଟ ଟିକୁ ଚଳାଇ ଦେଇ ପାରନ୍ତି। ତେଣୁ ଆଗ କିଛି ପରିବା କିଣାକିଣି କରି ଜଣେ ଦୁଇ ଜଣଙ୍କୁ ଯେବେ ସେ ନୋଟଟି ଦେଖାଇ ଚଳି ଯିବକି ପଚାରିଲେ ସେମାନେ ଅଗ୍ରାହ୍ୟ କରି ଦେଲେ। ତା' ପରେ ଚିହ୍ନା ଦୋକାନୀ ମଣ୍ଟୁକୁ ଦେଖାଇବାରୁ ସେ ସୁର ବାବୁଙ୍କ ପାଖରୁ ନୋଟଟି ରଖି କହିଲା, ଦିନେ ଦୁଇଦିନ ମଧ୍ୟରେ ବଦଳାଇ ଆଣିବ । ଦୁଇଦିନ ପରେ ତା' ଠାରୁ ପରିବା ନେବା ବେଳେ ମଣ୍ଟୁ ତା' ନିଜ ଆଡୁ କହିଲା, ସାର୍ ଜଣେ ରାଜି ହୋଇଛି । ନୋଟ ବଦଳାଇ ଦେବ, କିନ୍ତୁ ସେଥିରୁ ପଚାଶ ଟଙ୍କା କାଟି ଦେଢ଼ ଶହ ଟଙ୍କା ଦେବ । ସୁରବାବୁ ତ ଭାବୁ ଥିଲେ ବ୍ୟାଙ୍କରେ ବଦଳାଇ ପୂରା ମୂଲ୍ୟ ମିଳି ଯିବା କଥା, ହଉ, ନାହିଁ ମାମୁ ଠାରୁ କଣା ମାମୁ ଭଲ। ଦିନ ପରେ ଦିନ ବିତୁ ଥାଏ, ମଣ୍ଟୁ ଆଜି ଆଣିବି କାଲି ଆଣିବି କହୁଥାଏ କିନ୍ତୁ ସେ ଅଚଳ ଟଙ୍କା କି ତା' ବଦଳରେ ଫେରାଇବାକୁ ଥିବା ଦେଢ଼ ଶହ ଟଙ୍କା ଫେରାଉ ନଥାଏ। ଅତି କମ୍‌ରେ ଦଶ ପନ୍ଦର ଥର ପଚାରିବା ପରେ ବି ମଣ୍ଟୁର ସେହି ଜବାବ ଆଜ୍ଞା ମିଳିଯିବ । ଶେଷରେ ଦିନେ ସୁରବାବୁ ନିଷ୍ପତ୍ତି ନେଲେ ସେ ଆଉ ମଣ୍ଟୁକୁ ସେ ନୋଟ କଥା ପଚାରିବେ ନାହିଁ । ଧରି ନେବେ ସେ ଦୁଇ ଶହ ଟଙ୍କା ସେ ତାକୁ ଦାନ କରିଦେଲେ। ସବୁଦିନ ଦେଖା ହେଉଥିଲେ ବି ମଣ୍ଟୁ ଆଉ ସେ ନୋଟ କଥା କିଛି କହୁନଥାଏ। ତା' ପରଠୁ ଗାଆଁରୁ ପରିବା ଆଣି ହାଟରେ ବସି ବିକୁଥିବା ମଣ୍ଟୁ ପ୍ରତି ତାଙ୍କ ଧାରଣା ବଦଳିଗଲା। ସେ ଆଗରୁ ଭାବୁଥିଲେ ଗାଆଁର ସରଳ ମେହନତି ପିଲା ସଚ୍ଚୋଟ ହୋଇଥିବ। କିନ୍ତୁ ତାଙ୍କର ସେ ଧାରଣା ଏବଂ ବିଶ୍ୱାସକୁ ବଦଳାଇ ଦେଇଥିଲା ସେ ଅଚଳ ଟଙ୍କା । ସୁରବାବୁ ଭାବୁଥିଲେ ଦୁନିଆରୁ ଫେରିବା ସମୟ ନିକଟ ହେଲାଣି, ତଥାପି ଦୁନିଆର ଲୋକଙ୍କୁ ଚିହ୍ନିବା ଆହୁରି ବାକି ଅଛି। ଉପରକୁ ଦେଖା ଯାଉଥିବା ଚେହେରା ସବୁ ଭିତର କଥା ଦେଖାଇ ପାରେ ନାହିଁ।


ଫ୍ଲାଟ୍ ନମ୍ବର -୧୦୧,
ପ୍ରକାଶ ଦୀପ ଟାୱାର ଜୟ ଦୁର୍ଗା ନଗର,
ଭୁବନେଶ୍ୱର-୭୫୧୦୦୬
ମୋ:୯୯୬୮୨୮୦୮୯୬


## କୃତଜ୍ଞ

### ପ୍ରକାଶ ମହାପାତ୍ର



ସୁବାସ ବାବୁ ଗ୍ୟାରେଜରୁ ନିଜର କାର ବାହାର କରି ଫାଟକ ବନ୍ଦ କରିବାକୁ ଗଲେ। ଫେରି ଆସି ପୁଣି ଗାଡ଼ି ଷ୍ଟାର୍ଟ କରିବା ବେଳକୁ ଚାରିଟା କୁକୁର ଆସି ତାଙ୍କ ଗାଡ଼ିର ଡୋର ପାଖରେ ଲାଙ୍ଗୁଡ଼ ହଲାଇ କୃତଜ୍ଞତା ଜଣାଇବା ସହ କଣ ଯେମିତି ବିନତି କରିବା ପରି ଜଣାଗଲା। ଟିକେ କାଚ ଖସାଇ ସୁବାସ ବାବୁ ସେମାନଙ୍କୁ 'ଆସ ଆସ' ବୋଲି କହି ଧୀରେ ଧୀରେ ଗାଡ଼ି ଚଳାଇ ଛକ ନିକଟରେ ଥିବା ବିକଳ ସାହୁ ଦୋକାନ ଆଗରେ ଅଟକିଲେ। କୁକୁର ଚାରି ବି ହାଜର। ବିସ୍କୁଟ ପାକେଟ ଓ ଗୁଲୁଗୁଲା କେତୋଟି ଆଣି କୁକୁରଙ୍କୁ ଦେବା ପରେ ସେମାନେ ଆନନ୍ଦରେ ଖାଇ ଦେଇ ପୁଣି କୁଁ କୁଁ ହେଲେ। ସୁବାସ ବାବୁ ଏବେ ସେମାନଙ୍କୁ ଫେରିଯିବା ପାଇଁ ନିର୍ଦ୍ଦେଶ ଦେଇ ଗାଡ଼ିରେ ବସିଲେ। କୁକୁର ଚାରୋଟି ଆଜ୍ଞାବହ ଭଳି ଲାଙ୍ଗୁଡ଼ ହଲାଇ ଗାଡ଼ିର ପଛକୁ ଚାହିଁଲେ ଓ କିଛି ସମୟ ପରେ ଫେରିଗଲେ।

ହଠାତ ଦିନେ ରାତିରେ କୁକୁର ମାନେ ସୁବାସ ବାବୁଙ୍କ ଫାଟକ ନିକଟରେ ଜୋରରେ ଭୁକିଲେ ଓ ଦୁଇ ଜଣ ଲୋକଙ୍କୁ ଝୁଣି ପକାଇଲେ। ଘଟଣା ସମ୍ପର୍କରେ ଅନୁଧ୍ୟାନ କରି ଜଣାଗଲା ଯେ ସୁବାସ ବାବୁଙ୍କ ଘରକୁ ଚୋରି କରିବା ପାଇଁ ଦୁଇଜଣ ଯାକ ଆସିଥିଲେ। ଆଉ ସେହି ଦୁଇଜଣଙ୍କ ମଧ୍ୟରୁ ଜଣେ ଥିଲେ ତାଙ୍କ ସାହାଯ୍ୟରେ କ୍ୟାନ୍ସରରୁ ଆରୋଗ୍ୟ ଲାଭ କରିଥିବା ତାଙ୍କ ପଡ଼ୋଶୀ ଘରର ଯୁବକ ଓ ଅନ୍ୟ ଜଣେ ବିଭିନ୍ନ ଚୋରି ତସକରିରେ ସମ୍ପୃକ୍ତ ଥିବା ତାର ସାଙ୍ଗ।

ଦୀର୍ଘଶ୍ୱାସ ଛାଡ଼ି ସୁବାସ ବାବୁ ଭାବୁଥିଲେ ସାମାନ୍ୟ ଖାଦ୍ୟ ବିନିମୟରେ କୁକୁର କେତେ କୃତଜ୍ଞ ଆଉ ଜୀବନ ବଞ୍ଚାଇବା ପରେ ମଣିଷ କେତେ କୃତଘ୍ନ ?


ମଞ୍ଜୁରୀରୋଡ଼, ଭଦ୍ରକ
ପିନ--୭୫୬୧୨୧
ମୋ--୯୯୩୭୯୭୦୩୪୫


## ଆଶ୍ୱିନର ଆମ୍ବ

### ଡଃ ସନ୍ତୋଷ କୁମାର ପଣ୍ଡା

(୧)

ରୋହନ ଓ ରୋଜି- ସାର୍ ନମସ୍କାର।

ଜ୍ୟୋତିଷ- ଆୟୁଷ୍ମାନ ଭବ। ଯଶସ୍ୱୀ ଭବ। କୁହ ବାଳକେ, ତୁମ ନାମ କ'ଣ ଆଉ ମୋ ଠାରେ କି କାର୍ଯ୍ୟ ଅଛି ?

ରୋହନ- ମୋ ନାମ ରୋହନ ଓ ସେ ମୋ ସାଙ୍ଗ ରୋଜି। ଆମ୍ଭେ ଦୁଇଜଣ ପରସ୍ପରକୁ ବହୁତ ଭଲ ପାଉ। ଆଉ ବିବାହ କରିବାକୁ ଚାହୁଁ।


ଜ୍ୟୋତିଷ- ଶୁଭସ୍ୟ ଶୀଘ୍ରମ। ଦିଅ ଜାତକ ଦିଅ ଦୁଇଜଣଙ୍କର। ଆଗେ ମେଳକଟା କରିନିଏ।

ରୋଜି- ନାଇଁ ସାର, ଆମେ ମେଳକ ପାଇଁ ଆସିନାହୁଁ। କେବଳ ଦେଖନ୍ତୁ, ବାହାଘର ପାଇଁ ଶୁଭଦିନ କେଉଁଦିନ ଅଛି ।

ଜ୍ୟୋତିଷ - ସେମିତି ହୁଏନି ମାଆ। ଆଗ ମେଳକ କରିବାକୁ ହୁଏ ଓ ତା'ପରେ ଶୁଭ ତିଥି ନିର୍ଣ୍ଣୟ ହୁଏ।

ରୋହନ- ଦେଖନ୍ତୁ, ସାର। ଆପଣଙ୍କ ଫିସ୍‌ରେ ଊଣା ହେଲେ କହିବେ । ଆପଣ ଯଦି ଶୁଭ ଦିନ ବାହାର କରି ନ ପାରିବେ, ଆମେ ଅନ୍ୟତ୍ର ଯାଉଛୁ।

ଜ୍ୟୋତିଷ - ରାଗୁଛ କାହିଁକି ବାବା। ଆମେ ତ ଫିସ୍‌ରେ ଦାୟ। ଆମେ



କାହିଁକି ଏତେ କଥା ଚିନ୍ତା କରିବା। ହଉ ବସ। ମୁଁ ପାଞ୍ଜି ବାହାର କରେ।

(୨)

ମି. ରୋହନ ଓ ମିସେସ୍ ରୋଜି- ସାର, ନମସ୍କାର।

ଡାକ୍ତର- ନମସ୍କାର। ଆରେ ମି. ରୋହନ ଓ ମିସେସ୍ ରୋଜି ! ଆସନ୍ତୁ, ଆସନ୍ତୁ। ବସନ୍ତୁ। ଆଉ କହନ୍ତୁ ମାଡାମ, ଦେହ କେମିତି ଅଛି ? କିଛି ଅସୁବିଧା ନାହିଁ ତ !

ମିସେସ୍ ରୋଜି- ନାଇଁ, ସାର। ଆପଣଙ୍କ ଭଳି ଜଣେ ଅଭିଜ୍ଞ ଓ ନାମଜାଦା ଡାକ୍ତର ଯେତେବେଳେ କନସିଭ୍ ଆରମ୍ଭରୁ ଏବେଯାଏ ଯାହାର ଚିକିତ୍ସା ଦାୟିତ୍ୱ ନେଇଆସିଛନ୍ତି, ତା'ର ବା କି ଅସୁବିଧା ହେବ !

ଡାକ୍ତର - ସବୁ ଈଶ୍ୱରଙ୍କ ଇଚ୍ଛା। ହେଉ, କହନ୍ତୁ। ଚେକ୍ ଅପ୍ ସମୟ ତ ହୋଇନି। ଏବେ କେମିତି ଆମଆଡ଼େ ଚାଲିଆସିଲେ ?

ମି. ରୋହନ- ଏବେ ତ ସାର, ରୋଜି ସୁସ୍ଥ ଅଛନ୍ତି। ଆଉ ଶିଶୁର ପୋଜିସନ୍ ବି ଠିକ୍ ଅଛି।

ଡାକ୍ତର - ହଁ, ଠିକ୍ ତ। ତେବେ ସମସ୍ୟା କ'ଣ ?

ମିସେସ୍ ରୋଜି- ନାଇଁ ସାର। ସମସ୍ୟା କିଛି ନାହିଁ। ଦୁଇ ଦିନ ପରେ ଶ୍ରୀଗଣେଶ ପୂଜା ଆସୁଛି। ଆମେ ଚାହୁଁଛୁ କି.....

ମି.ରୋହନ- ସାର, ରୋଜିଙ୍କର ସମ୍ଭାବ୍ୟ ଇସୁ ତାରିଖ ପ୍ରାୟ ଆଉ ଏକ ମାସ ଅଛି। ଯଦି ଆମେ ଶ୍ରୀଗଣେଶ ପୂଜା ଦିନ ସିଜରିଙ୍ଗ କରି ଡେଲିଭରି କରିଦିଅନ୍ତେ, କେମିତି ହୁଅନ୍ତା।

ଡାକ୍ତର - ପ୍ରଥମତଃ ଜଣେ ଡାକ୍ତର ଭାବେ ପରାମର୍ଶ ଦେବି କି ଏପରି ନ କଲେ ଭଲ। ଉପଯୁକ୍ତ ସମୟ ପୂର୍ବରୁ ଏପରି କଲେ ତାହା ଉଭୟ ମାଆ ଓ ଶିଶୁଙ୍କ ପାଇଁ ଘାତକ ହୋଇପାରେ। ବାକି ଆପଣଙ୍କ ନିଷ୍ପତ୍ତି।

ମିସେସ୍ ରୋଜି- ହଁ, ସାର। ଆମ୍ଭେ ପରିବାରରେ ବସି ନିଷ୍ପତ୍ତି ନେଇସାରିଛୁ। ଖାଲି ଆପଣଙ୍କ ସହଯୋଗ ଚାହୁଁଛୁ। ଆପଣଙ୍କ ଉପରେ ଆମର ପୂର୍ଣ୍ଣ ବିଶ୍ୱାସ ଅଛି। ଯାହା ଫିସ୍ ହେବ ସବୁ ଦେବୁ ସାର। ସବୁ ରିସ୍କ ଆମର।

ରୋହନ- ହଁ, ସାର। ଏତିକି ସାହାଯ୍ୟ କରନ୍ତୁ।

ଡାକ୍ତର - ଆପଣମାନେ ଯେତେବେଳେ ନିଷ୍ପତ୍ତି ନେଇସାରିଛନ୍ତି ଓ ରିସ୍କ ନେବାକୁ ଚାହାନ୍ତି, ମୁଁ ବା କାହିଁକି ମନା କରିବି ? ଆମେ ତ ଫିସ୍‌ରେ ଦାୟ।

(୩)

ମି. ରୋହନ ଓ ମିସେସ୍ ରୋଜି- ସାର, ନମସ୍କାର।

ପ୍ରିନ୍ସିପାଲ- ହଁ, ନମସ୍କାର। ବସନ୍ତୁ। ଜାଣିପାରିଲିନି। ଟିକେ ପରିଚୟ ଦିଅନ୍ତୁ ଓ କହନ୍ତୁ, କ'ଣ ସେବା କରିପାରୁ ?

ମି. ରୋହନ- ନିଶ୍ଚିତ ସାର। ମୁଁ ମି. ରୋହନ ତ୍ରିପାଠୀ, ସେ ହେଉଛନ୍ତି ମୋ ୱାଇଫ୍ ମିସେସ୍ ରୋଜି ବେହେରା ଓ ମୋ ପାଖରେ ଅଛନ୍ତି ମାଷ୍ଟର ଲିବୁନ୍।

ପ୍ରିନ୍ସିପାଲ- ଗୁଡ୍ ମର୍ଣ୍ଣିଂ ବେଟା। ସୁଇଟ୍ ବୟ। ଏବେ କହନ୍ତୁ ଆପଣମାନଙ୍କର କ'ଣ ସେବା କରିପାରୁ।


ମିସେସ୍ ରୋଜି- ନାମଲେଖା ବିଜ୍ଞାପନ ଦେଖି ପୁଅର କେ.ଜି. ୱାନରେ ନାମଲେଖା ପାଇଁ ଆସିଥିଲୁ।

ପ୍ରିନ୍ସିପାଲ- ପୁଅର ବୟସ କେତେ ହେଲା ?

ମି. ରୋହନ- ଦୁଇ ବର୍ଷ।

ପ୍ରିନ୍ସିପାଲ- କେ.ଜି.ୱାନ ପାଇଁ ତ ପୁଅର ବୟସ ହେଉନି। ତାପରେ ବି ଏ ବୟସରୁ ତାକୁ ପାଠ ଧରିବାରେ ଅସୁବିଧା ହେବ। ଆରବର୍ଷକୁ ଅପେକ୍ଷା କରନ୍ତୁ।





ମିସେସ୍ ରୋଜି- ନାଇଁ, ସାର। ସେ ବହୁତ ପାଠ ଘରେ ଶିଖିଗଲାଣି। ତା ପାଇଁ ପାଠ ଧରିବାରେ କିଛି ଅସୁବିଧା ହେବନି। ବାକି ଆଉ କ'ଣ କରିବାକୁ ପଡ଼ିବ କହନ୍ତୁ। ତା'ର ସବୁ ସାଙ୍ଗ ସ୍କୁଲ ଗଲେଣି।

ପ୍ରିନ୍ସିପାଲ- ପ୍ରଥମେ ଜନ୍ମ ପ୍ରମାଣପତ୍ର ଦରକାର। ସେଥିରେ ଥିବା ତାରିଖ ଅନୁସାରେ ତ ବୟସ ହେବନି।

ମି. ରୋହନ- ସେଥିପାଇଁ ବ୍ୟସ୍ତ ହୁଅନ୍ତୁନି ସାର। ତାରିଖ ବଦଳାଇ ତା'ର ଆଉ ଗୋଟେ ପ୍ରମାଣପତ୍ର ତିଆରି କରିଦେବୁ। ଖାଲି ଆପଣଙ୍କ ଫିସ୍ ଓ ଅନ୍ୟାନ୍ୟ ବ୍ୟବସ୍ଥା କଥା କହନ୍ତୁ। ପ୍ରିନ୍ସିପାଲ- ଠିକ୍ ଅଛି । ଆପଣ ଯଦି ସବୁ ଡକ୍ୟୁମେଣ୍ଟ ଠିକ୍ କରିଦେବେ ଓ ସବୁ ଫିସ୍ ବି ଭରିଦେବେ, ତେବେ ନାମଲେଖାଇବାରେ ଆମର ବା ଅସୁବିଧା କ'ଣ; ଆମେ ତ ଫିସ୍‌ରେ ଦାୟ।


ଗତିରାଉତପାଟଣା,
କଟକ

30 YEARS
ସମ୍ବାଦ କଳିଙ୍ଗ
ଖେଳ
ଭୁବନେଶ୍ୱର, ୩୦ ଅଗଷ୍ଟ, ଶୁକ୍ରବାର, ୨୦୨୪



# ଅଲିମ୍ପିଆନ୍ କିଶୋରଙ୍କ ସମେତ ୯ ଜଣ ପାଇଲେ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର



**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟର ଷ୍ଟାର ଜାଭେଲିନ୍ ଥ୍ରୋୟର ତଥା ଅଲିମ୍ପିଆନ କିଶୋର କୁମାର ଜେନାଙ୍କୁ ମିଳିଛି ସମ୍ମାନଜନକ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର। ଏହା ସହିତ କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମଧ୍ୟ ଅନ୍ୟ ୮ ଜଣଙ୍କୁ ମିଳିଛି ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର। ଗୁରୁବାର ଜାତୀୟ କ୍ରୀଡ଼ା ଦିବସ ଅବସରରେ ବିଜୁ ପଟ୍ଟନାୟକ କ୍ରୀଡ଼ା ଓ ସାହସିକତା ପୁରସ୍କାର ଉତ୍ସବ ସମାରୋହ ଲୋକସେବା ଭବନ କନଭେନ୍‌ସନ୍ ସେଣ୍ଟର ଠାରେ ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ କ୍ରୀଡ଼ାବିତ୍, କୋଚ, କ୍ରୀଡ଼ା ସାମ୍ବାଦିକଙ୍କୁ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାରରେ ସମ୍ମାନିତ କରାଯାଇଛି । ବିଶେଷ କରି ଜାଭେଲିନ ଥ୍ରୋ ଖେଳାଳି କିଶୋର ଜେନାଙ୍କୁ ଚଳିତ ବର୍ଷର ଶ୍ରେଷ୍ଠ କ୍ରୀଡ଼ାବିତ୍, ପୂର୍ବତନ ଭାରତୀୟ ହକି ଖେଳାଳି ଲାଜରୁସ ବାର୍ଲାଙ୍କୁ ଜୀବନବ୍ୟାପୀ ସାଧନା, ହକି କୋଚ୍ ବିଜୟ ଲାକ୍ରାଙ୍କୁ ଶ୍ରେଷ୍ଠ କୋଚ, ଜାଫର ଇକବାଲ ଶ୍ରେଷ୍ଠ ପାରା କ୍ରୀଡ଼ାବିତ୍, କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ କ୍ରୀଡ଼ା ସାମ୍ବାଦିକ ସୁକେଶ ରଞ୍ଜନ ବେହେରା, ପ୍ରତିଶ୍ରୁତି ଭୋଇଙ୍କୁ ଶ୍ରେଷ୍ଠ ଯୁବ ଖେଳାଳି, ବେଷ୍ଟ ଟେକ୍ନିକାଲ କୋଚ୍ ଆୱାର୍ଡ ଭାବେ ରୂପନିତା ପଣ୍ଡା, କ୍ରୀଡ଼ା ପାଇଁ କ୍ରୀଡ଼ାବିତ୍ ଭାବେ ମହମ୍ମଦ ଜାଫର, ହକି କୋଚ୍ ବିଜୟ ଲାକ୍ରାଙ୍କୁ ସମ୍ମାନିତ କରାଯାଇଛି। ଏହି ଅବସରରେ ହକିର ଯାଦୁଗର ମେଜର ଧ୍ୟାନଚାନ୍ଦଙ୍କ ଫୋଟୋରେ ପୁଷ୍ପ ପ୍ରଦାନ କରିବା ସହ ଦେଶର ହକିର ବିକାଶ ଦିଗରେ ତାଙ୍କର କଣ ଭୂମିକା ରହିଛି ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ତେବେ ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର ସ୍ୱରୂପ ରୁଦ୍ର ପ୍ରସାଦ ମଲ୍ଲିକଙ୍କୁ ୨ ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଶ୍ରେଷ୍ଠ କ୍ରୀଡ଼ା ସାମ୍ବାଦିକ ସୁକେଶ ରଞ୍ଜନ ବେହେରାଙ୍କୁ ଦୁଇ ଲକ୍ଷ ଟଙ୍କା । ଶ୍ରେଷ୍ଠ ଉଦୀୟମାନ କ୍ରୀଡ଼ା ପୁରସ୍କାର ଭାରୋତ୍ତୋଳିକା ପ୍ରତିଶ୍ରୁତି ଭୋଇଙ୍କୁ ୨ ଲକ୍ଷ ଟଙ୍କା । ରୂପନିତା ପଣ୍ଡା, ଶ୍ରେଷ୍ଠ ଟେକ୍ନିକାଲ ଅଫିସର, ୨ଲକ୍ଷ ଟଙ୍କା। ଶ୍ରେଷ୍ଠ ଦିବ୍ୟାଙ୍ଗ କ୍ରୀଡ଼ାବିତ ମହମଦ ଜାଫର ଇକବାଲ, ୨ଲକ୍ଷ ଟଙ୍କା। ଶ୍ରେଷ୍ଠ କୋଚ ହକି କୋଚ ବିଜୟ କୁମାର ଲାକ୍ରା, ୨ଲକ୍ଷ ଟଙ୍କା। ଶ୍ରେଷ୍ଠ କ୍ରୀଡ଼ା ପ୍ରୋତ୍ସାହନ ସଂସ୍ଥା ନାଲକୋକୁ ଦିଆଯାଇଛି। ସେହିପରି କିଶୋର ଜେନାଙ୍କୁ ତିନି ଲକ୍ଷ ଏବଂ ଲାଜରୁସ ବାର୍ଲାଙ୍କୁ ଚାରି ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, କ୍ରୀଡ଼ା ସଚିବ ଭାସ୍କର ଜ୍ୟୋତି ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାଦେଶିକ ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ ହେଉଛି ବିଜୁ ପଟ୍ଟନାୟକ କ୍ରୀଡ଼ା ସମ୍ମାନ। ଏହା ବାର୍ଷିକ ୫ଟି ପ୍ରଦର୍ଶନ ଆଧାରରେ ପ୍ରଦାନ କରାଯାଇଛି। ଏହାକୁ ନବୀନ ପଟ୍ଟନାୟକ ସରକାର ବର୍ଷ ୨୦୦୧-୦୨ରେ ଶୁଭାରମ୍ଭ କରିଥିଲେ। କ୍ରୀଡ଼ା ଓ ଏହାର ସମ୍ପର୍କିତ ଏକାଧିକ କ୍ଷେତ୍ରରେ ଉତ୍କର୍ଷତା ପାଇଁ ଏହି ସମ୍ମାନ ପ୍ରଦାନ କରାଯାଇ ଆସୁଛି ।

# ବାଂଲାଦେଶ ବିପକ୍ଷ ଦ୍ୱିତୀୟ ଟେଷ୍ଟରୁ ଶାହିନ ଶାହ ଆଫ୍ରିଦି ଆଉଟ୍



**ଇସଲାମାବାଦ**

ବାଂଲାଦେଶ ଠାରୁ ପ୍ରଥମ ଟେଷ୍ଟ ହାରିଥିବା ଘରୋଇ ପାକିସ୍ତାନ ଦ୍ୱିତୀୟ ମ୍ୟାଚ୍‌ରୁ ଷ୍ଟାର ଦ୍ରୁତ ବୋଲର ଶାହୀନ ଶାହ ଆଫ୍ରିଦିଙ୍କୁ ବାଦ୍ ଦେଇଛନ୍ତି। ବାଂଲାଦେଶ ଠାରୁ ପାକିସ୍ତାନ ହାରିବା ପରେ ଦଳ ଓ ଏହାର ଖେଳାଳିମାନଙ୍କୁ ତୀବ୍ର ସମାଲୋଚନାର ହେବାକୁ ପଡ଼ିଥିଲା। ଦ୍ୱିତୀୟ ଟେଷ୍ଟ ଏହାପୂର୍ବରୁ ଶାହୀନ ଟିମ୍‌ରୁ ବାଦ୍ ପଡ଼ିଛନ୍ତି। ଦଳର ମୁଖ୍ୟ କୋଚ୍ ଜାସନ ଗିଲିସ୍ପି କହିଛନ୍ତି, ଶାହୀନ ସ୍ଥିତିକୁ ଭଲ ଭାବେ ବୁଝିଛନ୍ତି। ଏହି ବ୍ରେକ୍‌ରେ ସେ ନିଜ ପରିବାର ସହ କିଛି ସମୟ ବିତାଇବେ। ଆମେ ତାଙ୍କ ସହ ଭଲ ଭାବେ କଥା ହୋଇଛୁ। ଦ୍ୱିତୀୟ ଟେଷ୍ଟ ପାଇଁ ଆମକୁ ଉପଯୁକ୍ତ କମ୍ବିନେସନ କରିବାକୁ ପଡ଼ିବ। ଏକଥା ଶାହୀନ ବୁଝିଛନ୍ତି। ସେ ନିକଟରେ ବାପା ମଧ୍ୟ ହୋଇଛନ୍ତି। ତେଣୁ ଏହି ବ୍ରେକ୍ ତାଙ୍କୁ ନିଶ୍ଚିତ କମ୍‌ବ୍ୟାକ୍ କରିବାରେ ସହାୟକ ହେବ ବୋଲି ସେ କହିଛନ୍ତି। ୨୦୨୨ ଜୁଲାଇରୁ ଶାହୀନ କେବଳ ୬ଟି ଟେଷ୍ଟ ଖେଳିଛନ୍ତି। ଆଣ୍ଠୁ ଜନିତ ସମସ୍ୟା ଯୋଗୁ ଶାହୀନ ଅଧିକ ସମୟ ଟେଷ୍ଟ ମ୍ୟାଚ୍‌କୁ ଦେଉ ନାହାନ୍ତି। ତେଣୁ ତାଙ୍କୁ ଏବେ ବାଂଲାଦେଶ ବିପକ୍ଷ ଦ୍ୱିତୀୟ ଟେଷ୍ଟରୁ ମଧ୍ୟ ବାଦ୍ ଦିଆଯାଇଛି। ଏହାବାଦ୍ ଅଲାରାଉଣ୍ଡର ଆମୀର ଜମାଲ ଏଯାଏ ମ୍ୟାଚ୍ ଖେଳିବାକୁ ଫିଟ୍ ହୋଇ ନଥିବା ଗିଲିସ୍ପି କହିଛନ୍ତି। ସେ ମଧ ଦ୍ୱିତୀୟ ଟେଷ୍ଟ ଖେଳିବେ ନାହିଁ। ପାକିସ୍ତାନ ଦ୍ୱିତୀୟ ଟେଷ୍ଟ ପାଇଁ ୧୨ ଜଣିଆ ସ୍କ୍ୱାଡ୍ ରଖିଛି। ଏମାନଙ୍କ ମଧ୍ୟରୁ ୧୧ ଜଣ ମ୍ୟାଚ୍ ଖେଳିବେ।

ପାକିସ୍ତାନ ସ୍କ୍ୱାଡ୍ : ଶାନ ମାସୁଦ(ଅଧିନାୟକ), ସୌଦ ଶକୀଲ (ଉପ ଅଧିନାୟକ), ମହମ୍ମଦ ରିଜୱାନ (ୱିକେଟ କିପର), ଅବ୍ରାର ଅହମଦ, ମହମ୍ମଦ ଅଲୀ, ସଲମାନ ଅଲୀ ଅଘା, ସାମି ଆୟୁବ, ବାବର ଆଜମ, ମୀର ହାମଜା, ଅବଦୁଲ ଶାଫିକ୍ୟୁ, ନଶୀମ ଶାହ ଓ ଖୁରାମ ଶେହଜାଦ।

# ଜାତୀୟ କ୍ରୀଡ଼ା ଦିବସରେ ସୋଆ ପକ୍ଷରୁ ମିନି ମାରାଥନ




**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଶିକ୍ଷା ଓ ଅନୁସନ୍ଧାନ (ସୋଆ)ରେ ଗୁରୁବାର ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ହକିର କିମ୍ବଦନ୍ତୀ ପୁରୁଷ ଧ୍ୟାନଚାନ୍ଦଙ୍କ ଜନ୍ମ ଦିବସକୁ ସାରା ଦେଶରେ ଜାତୀୟ କ୍ରୀଡ଼ା ଦିବସ ରୂପେ ପାଳନ କରାଯାଉଥିବା ବେଳେ ଏହି ପରିପ୍ରେକ୍ଷୀରେ ସୋଆରେ ଏକ ମିନି ମାରାଥନ ଆୟୋଜିତ ହୋଇଯାଇଥିଲା।

ସୋଆ ଷ୍ଟାଡିୟମ୍‌ରୁ ଫ୍ଲାଗ୍‌ଅଫ୍ ହୋଇଥିବା ଏହି ମିନି ମାରାଥନ୍‌ରେ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଫ୍ୟାକଲ୍ଟି ଏବଂ କର୍ମଚାରୀମାନେ ସାମିଲ ହୋଇଥିଲେ। ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଫ୍ଲାଗ୍ ଅଫ କରି ମିନି ମାରାଥନର ଶୁଭାରମ୍ଭ କରିଥିଲେ। ମାରାଥନ ଶେଷ ହେବା ପରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କ୍ରୀଡ଼ାକୁ ମଣିଷ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ବୋଲି କହିଥିଲେ। ଜାତୀୟ ଶିକ୍ଷାନୀତିରେ କ୍ରୀଡ଼ାକୁ ଖୁବ୍ ଗୁରୁତ୍ୱ ଦିଆଯାଉଥିବା ପରିପ୍ରେକ୍ଷୀରେ ଆଗାମୀ ଦିନରେ ବିଶ୍ୱବିଦ୍ୟାଳୟରେ କ୍ରୀଡ଼ା ସମ୍ପର୍କିତ ପାଠ୍ୟକ୍ରମକୁ ସାମିଲ କରାଯିବ ବୋଲି ସେ କହିଥିଲେ।

ଏହି ଅବସରରେ ପ୍ରଫେସର ଦାସ ନିଜ ବକ୍ତବ୍ୟରେ ଭବିଷ୍ୟତରେ କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ ପାଇଁ କ୍ରୀଡ଼ା ପ୍ରତିଯୋଗିତାଗୁଡ଼ିକୁ ବ୍ୟାପକ କରାଯିବ ବୋଲି କହିଥିଲେ। ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ ମହିଳା ଟିଚିଂ ଷ୍ଟାଫଙ୍କ ପାଇଁ ଆୟୋଜିତ ମ୍ୟୁଜିକାଲ ଚେୟାର ପ୍ରତିଯୋଗିତାରେ ସମ୍ ନର୍ସିଂ କଲେଜର ଛାତ୍ରୀ ସୁମନ୍‌ପ୍ରଭା ସିଂଦେଓ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସୁଜ୍ୟୋତ୍ସ୍ନା ଦ୍ୱିତୀୟ ଏବଂ ରୁବି ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ମହିଳା ନନ୍-ଟିଚିଂ ଷ୍ଟାଫଙ୍କ ପାଇଁ ଆୟୋଜିତ ମ୍ୟୁଜିକାଲ ଚେୟାର ପ୍ରତିଯୋଗିତାରେ ପୂଜାରାଣୀ ଦାସ ପ୍ରଥମ, କୁନ୍ତଳା ଦାସ ଦ୍ୱିତୀୟ ଏବଂ ମୋନାଲିସା ସାମଲ ତୃତୀୟ ସ୍ଥାନ ଅଧିକାର କରିଥିଲେ।

ଏହି ଅବସରରେ ଆୟୋଜିତ ହୋଇଥିବା କ୍ରିକେଟ ମ୍ୟାଚ୍‌ରେ ଆଇଟିଇଆର୍-୧ ଚାମ୍ପିଅନ୍ ହୋଇଥିବା ବେଳେ ସ୍କୁଲ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନ୍‌ସେସ୍ ରନର୍ସଅପ୍ ହୋଇଛି। ଆଇଟିଇଆର୍-୧ ଟିମ୍‌ରେ ରାମ ଶଙ୍କର ତ୍ରିପାଠୀ, ଦିଲ୍ଲୀପ୍ ସିଂ, ବିଶ୍ୱାସ କୁମାର, ଅମରେନ୍ଦ୍ର ଦ୍ୱିବେଦୀ, ସୌଭାଗ୍ୟ ସାହୁ, ଅଭିନାଶ ବାରିକ, ଧବଳେଶ୍ୱର ମହାପାତ୍ର, ବିପିନ୍ କରଣ, ସୁମନ୍ତ ପରିଡା ଏବଂ ତନ୍ମୟ ପରିଡ଼ା ସାମିଲ ଥିବା ବେଳେ ଏସ୍‌ପିଏସ୍ ଟିମ୍‌ରେ ସ୍ମୃତିରନ ପାତ୍ର, ପ୍ରିତିରନ ସାହୁ, ଜ୍ୟୋତିରନ ବେହେରା, ତନ୍ମୟ ଜେନା, ସତ୍ୟଜିତ ମହାପାତ୍ର, ଗିରିଜା ଶଙ୍କର ପାତ୍ର, ସମ୍ବିତ ରାୟ, ତପନ ଶତପଥୀ, ଦୁଷ୍ମନ୍ତ ମହାପାତ୍ର ଏବଂ ସ୍ନେହାଂଶୁ ରନ ସାହୁ ସାମିଲ ଥିଲେ। ଫାଇନାଲ୍‌ରେ ପ୍ରଥମେ ଏସ୍‌ପିଏସ୍ ୬ ଓଭରରେ ସମସ୍ତ ୱିକେଟ୍ ହରାଇ ୬୦ ରନ୍ କରିଥିଲା। ଏହି ସ୍କୋରକୁ ଆଇଟିଇଆର୍ -୧, ୫.୫ ଓଭରରେ ୮ଟି ୱିକେଟ୍ ହରାଇ ଅତିକ୍ରମ କରିଥିଲା। ଏହି କ୍ରିକେଟ ମ୍ୟାଚ୍‌ରେ ଡକ୍ଟର ତନ୍ମୟ ପରିଡ଼ା ମ୍ୟାନ୍ ଅଫ୍ ଦି ସିରିଜ ହୋଇଥିବା ବେଳେ ଏସ୍‌ପିଏସ୍‌ର ସତ୍ୟଜିତ ମହାପାତ୍ର ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଭାବେ ପୁରସ୍କୃତ ହୋଇଥିଲେ।

ସେହିପରି ମିନି ମାରାଥନ୍‌ରେ ସୋଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭେଟେରିନାରୀ ସାଇନ୍‌ସେସ୍ ଆଣ୍ଡ ଆନିମଲ ହଜ୍‌ବ୍ୟାଣ୍ଡ୍ରିର ଛାତ୍ର ସତ୍ୟରଞ୍ଜନ ସାହୁ ପ୍ରଥମ, ସ୍କୁଲ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନ୍‌ସେସ୍‌ର ଜିବେଶ ମିଶ୍ର ଦ୍ୱିତୀୟ ଏବଂ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚର ସୁଜଳ ରାଉତ ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତି ପ୍ରତିଯୋଗୀମାନଙ୍କୁ ସୋଆ କୁଳପତି ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ସୋଆର ସ୍ପୋର୍ଟ୍ସ ଅଫିସର ସୁନୀତା ବର୍ମା ପରିଚାଳନା କରିଥିଲେ।

# ମୁଁ ବ୍ୟାଡ୍‌ମିଣ୍ଟନର ବିରାଟ କୋହଲି ହେବାକୁ ଚାହୁଁଛି : ଲକ୍ଷ୍ୟ ସେନ



**ନୂଆଦିଲ୍ଲୀ**

ନିକଟରେ ଶେଷ ହୋଇଥିବା ପ୍ୟାରିସ୍ ଅଲିମ୍ପିକ୍ସରେ ଭାରତୀୟ ବ୍ୟାଡ୍‌ମିଣ୍ଟନ ଷ୍ଟାର ଲକ୍ଷ୍ୟ ସେନ ହୁଏତ ପଦକ ଜିତି ନ ଥିଲେ, କିନ୍ତୁ ତାଙ୍କର ଦୃଢ ପ୍ରଦର୍ଶନ ସହିତ ସେ ନିଶ୍ଚିତ ଭାବରେ ସମସ୍ତଙ୍କ ହୃଦୟ ଜିତିଥିଲେ। ବର୍ତ୍ତମାନ ଭାରତୀୟ ବ୍ୟାଡ୍‌ମିଣ୍ଟନ ତାରକା ଏକ ସାକ୍ଷାତ୍‌କାରରେ କହିଛନ୍ତି, ସେ ବିରାଟ କୋହଲିଙ୍କ ପରି ହେବାକୁ ଚାହୁଁଛନ୍ତି। ପ୍ୟାରିସ୍ ଅଲିମ୍ପିକ୍ସରେ ଭାରତ ପାଇଁ ପଦକ ଆଣିବା ପାଇଁ ଲକ୍ଷ୍ୟ ଅନ୍ୟତମ ପ୍ରତିଦ୍ୱନ୍ଦ୍ୱୀ ଥିଲେ, କିନ୍ତୁ ପଦକରୁ ଅଳ୍ପକେ ବଞ୍ଚିତ ହୋଇଥିଲେ। ଲକ୍ଷ୍ୟ ବ୍ରୋଞ୍ଜ ପଦକ ମ୍ୟାଚ୍ ହାରିଥିଲେ। ତେବେ ଏହାପୂର୍ବରୁ ସେ ବହୁତ ଭଲ ଖେଳ ପ୍ରଦର୍ଶନ କରିଥିଲେ। ଏବେ ଲକ୍ଷ୍ୟ ବିରାଟ କୋହଲିଙ୍କ ବିଷୟରେ 'ଦ ରଣବୀର ଶୋ'ରେ କଥା ହୋଇଥିଲେ। ପୋଡ୍‌କାଷ୍ଟରେ ଲକ୍ଷ୍ୟଙ୍କୁ ପଚରାଯାଇଥିଲା କି ଆପଣ ମଧ୍ୟ କୋହଲିଙ୍କ ପ୍ରଶଂସକ କି ? ଏହାର ଜବାବରେ ସେ କହିଛନ୍ତି, ହଁ, ମୁଁ ତାଙ୍କର ପ୍ରଶଂସକ, ବିଶେଷ କରି ତାଙ୍କର ମାନସିକତା, ଆକ୍ରୋଶ ଏବଂ ଭାବନାକୁ ମୁଁ ପସନ୍ଦ କରେ। ଆଗାମୀ ବର୍ଷରେ ଭାରତୀୟ ବ୍ୟାଡ୍‌ମିଣ୍ଟନରେ ବିରାଟ କୋହଲିଙ୍କ ପରି ହେବାକୁ ଚାହୁଁଛି।

# ୨ ଦିନିଆ ପଞ୍ଚାୟତସ୍ତରୀୟ ଫୁଟବଲ ପ୍ରତିଯୋଗିତା : ପଥଖୋଲ ଚାମ୍ପିଅନ



**ଫୁଲବାଣୀ, ନ୍ୟୁଜ୍‌ବ୍ୟୁରୋ**

କନ୍ଧମାଳ ଜିଲ୍ଲା ପବିଙ୍ଗିଆ ପଞ୍ଚାୟତର ପଥଖୋଲଠାରେ ଚାଲିଥିବା ୨ ଦିନିଆ ପଞ୍ଚାୟତ ସ୍ତରୀୟ ଫୁଟବଲ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ପଥଖୋଲ କ୍ଲବ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ପବିଙ୍ଗିଆ ସରପଞ୍ଚ ଲାଲମୋହନ କହଁର ମୁଖ୍ୟଅତିଥି ଭାବରେ ଯୋଗଦେଇଥିବା ବେଳେ ୱାର୍ଡସଭ୍ୟ ବାସୁଦେବ ମଲ୍ଲିକ, ଗାଁସାଥୀ ପବିତ୍ର କହଁର, ଟୁଣୀଆ କହଁର, ଉମାଚାରଣ ଦିଗାଲ ଓ ଅଞ୍ଚଳର ବହୁ ଗଣ୍ୟମାନ୍ୟ ବ୍ୟକ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ୨ ଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାରେ ସମୁଦାୟ ୮ଟି ଆଞ୍ଚଳିକ ଫୁଟବଲ୍ ଟିମ୍ ଅଂଶଗ୍ରହଣ କରିଥିଲେ। ପଥଖୋଲ ଓ ତବିନିପଦର ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ୧-୦ ଗୋଲରେ ତବନିପଦରକୁ ହରାଇ ପଥଖୋଲ ଟିମ୍ ବିଜୟୀ ହୋଇଥିଲା। ଖେଳ ଶେଷରେ ଉଭୟ ବିଜେତା ଓ ଉପବିଜେତା ଦଳମାନଙ୍କୁ ଟ୍ରଫି ଓ ଆର୍ଥିକ ରାଶି ଦେଇ ଉପସ୍ଥିତ ଅତିଥିମାନେ ପୁରସ୍କୃତ କରିଥିଲେ।

# ପାଠ ସହ ଖେଳକୁଦରେ ଅଂଶଗ୍ରହଣ କରିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ




**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ପୂର୍ଣ୍ଣଚନ୍ଦ୍ର ପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡ଼େମୀ ଆନୁକୂଲ୍ୟରେ ଜାତୀୟ କ୍ରୀଡ଼ା ଦିବସ ପାଳନ ଅବସରରେ ରଗ୍‌ବୀ ଓ ତୀରନ୍ଦାଜ ପ୍ରତିଯୋଗିତା ପିଲାଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ୬୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀଙ୍କୁ ନେଇ ପାଞ୍ଚଟି ଦଳ ଗଠନ କରାଯାଇ ରଗ୍‌ବୀ ପ୍ରତିଯୋଗିତା ଓ ୧୫ ଜଣ ପ୍ରତିଯୋଗୀଙ୍କ ମଧ୍ୟରେ ତୀରନ୍ଦାଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲା କ୍ରୀଡ଼ା ଅଧିକାରୀ ଅବନୀ ମୋହନ ମହାନ୍ତି, ଜିଲ୍ଲା କ୍ରୀଡ଼ା ସାଂସଦର ସମ୍ପାଦକ ବିଜୟ କୁମାର ଦାସ, ଏବିଇଓ ତପସ୍ୱିନୀ ଦାଶ, ପ୍ରଧାନ ଶିକ୍ଷକ ତଥା ଏକାଡେମୀର ଉପଦେଷ୍ଟା ସୋମନାଥ ସିଂହ ପ୍ରମୁଖ ଉପସ୍ଥିତ ରହି ହକିର ଯାଦୁଗର ମେଜର ଧ୍ୟାନଚାନ୍ଦଙ୍କ ସ୍ମୃତିଚାରଣ କରିବା ସହ ପାଠ ସହ ଖେଳକୁଦରେ ଅଂଶ ଗ୍ରହଣ କରିବାକୁ ଉପଦେଶ ଦେଇଥିଲେ। ଏହି ପ୍ରତିଯୋଗିତାକୁ ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀର ପ୍ରତିଷ୍ଠାତା ଦିବ୍ୟ ରଞ୍ଜନ ଦାସଙ୍କ ନେତୃତ୍ୱରେ ସମସ୍ତ ବରିଷ୍ଠ ଖେଳାଳୀ ଏବଂ କୋଚମାନେ ପରିଚାଳନା କରିଥିଲେ। ତୀରନ୍ଦାଜରେ ଜୁନିୟର ବିଭାଗରେ ରୋହିତ କୁମାର ମାରାଣ୍ଡି ପ୍ରଥମ, ଜନାଥନ ସୋରେନ ଦ୍ୱିତୀୟ, ଆଦିତ୍ୟ କିସ୍କୁ ତୃତୀୟ ଏବଂ ଜୟଦେବ ମହାନ୍ତ ଚତୁର୍ଥ ସ୍ଥାନ ଅଧିକାର କରିଥିବା ବେଳେ ସିନିୟର ବିଭାଗରେ ଗୋବିନ୍ଦ ମାଝୀ ପ୍ରଥମ, କାର୍ତ୍ତିକ ସୋରେନ ଦ୍ୱିତୀୟ ଓ ସିଦ୍ଧିଲାଲ ମୁର୍ମୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ରଗ୍‌ବୀ ପ୍ରତିଯୋଗିତାରେ ପି.ସି. ପୁରର କିଙ୍ଗସ ଟିମ୍ ପ୍ରଥମ, ଟାଇଗର ଟିମ୍ ଦ୍ୱିତୀୟ ଓ ଲାୟନ ଟିମ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସମସ୍ତ କୃତୀ ଖେଳାଳି ଓ ଦଳକୁ ଟ୍ରଫି ପ୍ରଦାନ କରି ପୁରସ୍କୃତ କରାଯାଇଥିଲା।

# ପିପିଲିରେ ଜାତୀୟ କ୍ରୀଡ଼ା ଦିବସ ପାଳିତ



**ପିପିଲି**

ହକିର ଯାଦୁଗର ମେଜର ଧ୍ୟାନଚାନ୍ଦଙ୍କ ଜୟନ୍ତୀ ଅବସରରେ ପିପିଲି ସାଂସ୍କୃତିକ ପରିଷଦ ପକ୍ଷରୁ ଗୁରୁବାର ପିପିଲିରେ ଜାତୀୟ କ୍ରୀଡ଼ା ଦିବସ ସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ସକାଳ ସାଢ଼େ ୭ଟାରେ ପିପିଲି ନୋଡାଲ ହାଇସ୍କୁଲ ଖେଳପଡ଼ିଆରୁ ଏକ ବିଶାଳ କ୍ରୀଡ଼ା ଶୋଭାଯାତ୍ରା ବାହାରି ପିପିଲି ବଜାର ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରାକୁ ଅବସରପ୍ରାପ୍ତ ଲେଫ୍‌ନାଣ୍ଟ ଜେନେରାଲ ନାରାୟଣ ମହାନ୍ତି ଓ ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

ପିପିଲିର ବିଭିନ୍ନ ବିଦ୍ୟାଳୟର ୫ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ସମେତ ୮ଟି କ୍ରୀଡ଼ା ସଂଗଠନର କର୍ମକର୍ତ୍ତାମାନେ ଏଥିରେ ଯୋଗ ଦେଇଥିଲେ। ଜବାହର ବିଦ୍ୟାପୀଠ ଠାରେ ଶୋଭାଯାତ୍ରା ପହଞ୍ଚିବା ପରେ ସେଠାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଲେଫ୍‌ନାଣ୍ଟ ଜେନେରାଲ ନାରାୟଣ ମହାନ୍ତି, ବିଧାୟକ ଶ୍ରୀ ପଟ୍ଟନାୟକ, ଆନ୍ତର୍ଜାତିକ କ୍ରୀଡାବିତ୍ ଦୁତି ଚାନ୍ଦ, ପୂର୍ଣ୍ଣିମା ହେମ୍ବ୍ରମ, ଅଂଶିକା ମହାପାତ୍ର, ଚଳଚ୍ଚିତ୍ର ଅଭିନେତା ବବି ମିଶ୍ର, ପିପିଲି ସାଂସ୍କୃତିକ ପରିଷଦର ମୁଖ୍ୟ ସଂପାଦକ ରମେଶ ଚନ୍ଦ୍ର ମହାପାତ୍ର, ମୁଖ୍ୟ ସଂଯୋଜକ ଦୀନବନ୍ଧୁ ବେହୁରା, ଶିକ୍ଷାବିତ୍ ହେମନ୍ତ କୁମାର ପ୍ରଧାନ, ସମାଜସେବୀ ପ୍ରକାଶ ଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇ ଧ୍ୟାନଚାନ୍ଦଙ୍କ ସଂପର୍କରେ ଆଲୋକପାତ କରିବା ସହ ଜାତୀୟ କ୍ରୀଡ଼ା ଦିବସ ପାଳନର ଆଭିମୁଖ୍ୟ ସଂପର୍କରେ ପ୍ରକାଶ କରିଥିଲେ।

ରାଜ୍ୟରେ କ୍ରୀଡ଼ାର ମାନବୃଦ୍ଧି ପାଇଁ ପରିଷଦ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସଂପର୍କରେ ପରିଷଦର ମୁଖ୍ୟ ସଂପାଦକ ଶ୍ରୀ ମହାପାତ୍ର ସୂଚନା ଦେଇଥିଲେ। ଏହି ଅବସରରେ ୫ଜଣ କ୍ରୀଡ଼ାଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକଙ୍କ ସମେତ ଅଞ୍ଚଳର ବହୁ କ୍ରୀଡାବିତ୍ ଯୋଗଦେଇଥିଲେ। ଅପରାହ୍ଣରେ ଜଇସପାଟଣା ଠାରେ ପରିଷଦ ପକ୍ଷରୁ ରାଜ୍ୟର କେତେକ କ୍ରୀଡ଼ା ଶିକ୍ଷକ ଓ କ୍ରୀଡ଼ାବିତ୍‌ଙ୍କୁ ନେଇ କ୍ରୀଡ଼ାର ବିକାଶ ସଂପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

# ପି.ସି. ବେହେରା ଟ୍ରଫି ଅନ୍ତଃଜିଲ୍ଲା ମହିଳା ଫୁଟବଲ୍

# ଭୁବନେଶ୍ୱରକୁ ୧୪-୦ ଗୋଲରେ ହରାଇଲା କେନ୍ଦୁଝର

**କେନ୍ଦୁଝର, ନ୍ୟୁଜ୍**

ଫୁଟବଲ୍ ଆସୋସିଏସନ ଅଫ ଓଡ଼ିଶା, ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ବରଗଡ଼ ଜିଲ୍ଲା କ୍ରୀଡ଼ା ସଂସ୍ଥା ଆନୁକୂଲ୍ୟରେ ବରଗଡ଼ ଜିଲ୍ଲା ଆନନ୍ଦ ଖେଳ ପଡ଼ିଆ ଠାରେ ଅନୁଷ୍ଠିତ ପିସି ବେହେରା ସିନିଅର ଅନ୍ତଃଜିଲ୍ଲା ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲ ରାଉଣ୍ଡରେ ଗତବର୍ଷର ଚାମ୍ପିଅନ ଭୁବନେଶ୍ୱର ବିପକ୍ଷରେ ୧୪-୦ରେ ଏକ ତରଫା ବିପୁଳ ବିଜୟ ହାସଲ କରି ଟୁର୍ଣ୍ଣାମେଣ୍ଟର ଏକ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିବା ସହ କେନ୍ଦୁଝର ଦଳ ସେମିଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର କେନ୍ଦୁଝର ବରଗଡ଼ ସ୍ଥିତ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିଅମରେ ସୁନ୍ଦରଗଡ଼-ବି'କୁ ସେମିଫାଇନାଲ ରାଉଣ୍ଡରେ ଭେଟିବ। ଏହି ମ୍ୟାଚ୍‌ରେ ଭୁବନେଶ୍ୱର ଦଳ ପଡ଼ିଆ ସହ ଅଭ୍ୟସ୍ତ ହେବା ପୂର୍ବରୁ ପ୍ରଥମାର୍ଦ୍ଧର ଦ୍ୱିତୀୟ ମିନିଟ୍‌ରେ ମିଡ୍ ଫିଲଡର ସବିତା ମହାନ୍ତ ଦଳ ପକ୍ଷରୁ ପ୍ରଥମ ଗୋଲ ଏବଂ ଚତୁର୍ଥ ମିନିଟରେ ଦ୍ୱିତୀୟ ଗୋଲ ସ୍କୋର କରିଥିବା ବେଳେ ପଞ୍ଚମ ମିନିଟରେ ପିଙ୍କି ପୂର୍ତ୍ତି ତୃତୀୟ ଗୋଲ ଏବଂ ପୁନଶ୍ଚ ସବିତା ମହାନ୍ତ ୨୦ ମିନିଟରେ ଚତୁର୍ଥ ଗୋଲ ଓ ୨୨ ମିନିଟରେ ପଞ୍ଚମ ଗୋଲ ସ୍କୋର କରିଥିବା ବେଳେ ଗତ ଦୁଇଟି ମ୍ୟାଚ୍‌ର ତାରକା ଖେଳାଳି କୁନି ମୁଣ୍ଡା ଷଷ୍ଠ ଗୋଲ ଦେଇ ଅସୁସ୍ଥ ହୋଇ ପଡ଼ିବାରୁ ବିଶ୍ରାମ ନେଇଥିଲେ। ଏହା ପରେ ପିଙ୍କି ପୂର୍ତ୍ତି ୩୦ ମିନିଟରେ ସପ୍ତମ ଗୋଲ ଏବଂ ମଧ୍ୟାନ୍ତର ହେବାର ଏକ ମିନିଟ ପୂର୍ବରୁ କୁସୁମ ମୁଣ୍ଡା ଅଷ୍ଟମ ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧରେ କେନ୍ଦୁଝର ୮-୦ ଗୋଲରେ ଅଗ୍ରଣୀ ଲାଭ କରିଥିଲା। ଦ୍ୱିତୀୟାର୍ଦ୍ଧ ଖେଳର ୫୫ ମିନିଟରେ ଅନିଶା କୁମ୍ଭାର ନବମ ଗୋଲ, ଅମୃତା ନାଏକ ୫୮ ମିନିଟରେ ଦଶମ ଗୋଲ, ସବିତା ମହାନ୍ତ ୭୦ ମିନିଟରେ ୧୧ତମ ଗୋଲ, ଅନିଶା କୁମ୍ଭାର ୮୩ ମିନିଟରେ ଦ୍ୱାଦଶ ଗୋଲ, ଅଞ୍ଜଳି ଭୂୟାଁ ୮୫ ମିନିଟରେ ତ୍ରୟୋଦଶ ଗୋଲ ଓ ଖେଳ ସରିବାର ୨ ମିନିଟ ପୂର୍ବରୁ ବଦଳ ଖେଳାଳି ମୁସକାନ ଠାକୁର ଅନ୍ତିମ ଗୋଲଟି ସ୍କୋର କରିଥିଲେ। ଏହି ଖେଳରେ କେନ୍ଦୁଝରର ୭ ନମ୍ବର ଖେଳାଳି ସବିତା ମହାନ୍ତ ଅତି ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରି ଏକାକୀ ୫ଟି ଗୋଲ ସ୍କୋର କରି ଦର୍ଶକମାନଙ୍କୁ ବିମୋହିତ କରିବା ସହ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲେ।

# ଆଇସିସିର ଚେୟାରମ୍ୟାନ ଭାବେ କୋଟି କୋଟି ଟଙ୍କା ଦରମା ପାଇବେ ଜୟ ଶାହା

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ ବୋର୍ଡର ସଚିବ ଜୟ ଶାହାଙ୍କ ଆନ୍ତର୍ଜାତୀୟ କ୍ରିକେଟ ଜଗତରେ ଦବ୍‌ଦବା ବୃଦ୍ଧି ପାଇଛି। ଦେଶର ଗୃହମନ୍ତ୍ରୀ ଅମିତ ଶାହାଙ୍କ ପୁଅ ଜୟ ଶାହା ଆଇସିସିରେ ତାଙ୍କୁ ବଡ଼ ଦାୟିତ୍ୱ ମିଳିଛି। ଜୟ ଶାହା ବର୍ତ୍ତମାନ ଆଇସିସିର ନୂଆ ଚେୟାରମ୍ୟାନ ଭାବରେ ନିର୍ବାଚିତ ହୋଇଛନ୍ତି। ତାଙ୍କୁ ଏବେ ୩୫ ବର୍ଷ ହୋଇଛି। ଜୟ ଶାହା ଦୁଇ ବର୍ଷ ପାଇଁ ଆଇସିସି ଚେୟାରମ୍ୟାନ ଭାବରେ କାର୍ଯ୍ୟ କରିବେ, ଯାହା ଆଗକୁ ମଧ୍ୟ ବଢ଼ିପାରେ। ଆଇସିସି ଚେୟାରମ୍ୟାନ ଭାବରେ ଜୟ ଶାହା ବାର୍ଷିକ ୨ କୋଟି ୪୬ ଲକ୍ଷରୁ ଅଧିକ ବେତନ ପାଇପାରିବେ।

GOVERNMENT OE ODISHA
OFFICE OF THF EXECUTIVE ENGINEER
RURAL WORKS ELECTRICAL DIVISION
BHUBANESWAR e-Procurement Notice NO -EERWELBBSR- 03/2024-25
E-Mail- eerwel_bbsr@yahoo.co.in
O-229

| | | |
|---|---|---|
| 1 | Name of the work | 3 Nos of shifting work of 11 Kv line LT i line, Sub-Station due to road widening work and bridge work under RW Division Bhubaneswar |
| 2 | Estimated Cost | From **8.08 lakhs to 13.02 lakhs** (Excluding GST) |
| 3 | Period of completion | 90 days |
| 4 | Bid Identification No | **EERWELBBSR - 06/ 2024-25** |
| 5 | Date and time of availability of Bid documents in the portal | From Dt **02.09.2024** at 12.00 A M to Dt 09.09.2024 up to 5.00 P M |
| 6 | Date 4 Time of opening of tender | Dt **10.09.2024** at 01:00 PM |
| 7 | Procurement officer/ Name and address of the officer inviting Bids | Executive Engineer, R.W EL.DIVN.BBSR At- 1st floor of Divn. Complex, Rasulgarh Behind Exptanade Mail. Dist- Khurda, Odisha. Pincode-751010 |

Further detail can he seen from the Govt. Web site **www.tenderorissa.gov.in**
Sd/- Executive Engineer
Rural work Electrical Division, Bhubaneswar
OIPR-25168/11/0003/2425

OFFICE OF THE MUNICIPAL COUNCIL, CHOUDWAR
CUTTACK, ODISHA, PIN- 754071
Pone No- 0671-2394272(O) E-mail: choudwarmunicipality@gmail.com
"e" Procurement Notice
Bid Reference No.-Chm-15/2024-25
C-504

Letter No. Dev / 226 Date. 28.08.2024

1. Name of the Work : CIVIL WORKS
2. No. of Work : 05 Nos.
3. Bid Value : Up to Rs.20.00Lakh
4. Period of Completion : Three Calendar Months
5. Date and Time of availability of the bid documents in the Portal : From 30.08.2024, 11AM TO 12.09.2024 ,5.30PM
6. Last Date / Time for receipt of bid in the portal : 12.09.2024
7. Bids received online shall be opened on dt.13.09.2024 at 11.30 A.M.
8. Name and address of the officer inviting Bid : Executive Officer, Choudwar Municipality, Choudwar.

Further details can be seen from the procurement Portal.
Also, any Corrigendum/Cancellation /Addendum can be seen from www.tendersorissa.gov.in
Sd/- Executive Officer
Choudwar Municipality
OIPR-13138/11/0004/2425

GOVERNMENT OF ODISHA
OFFICE OF THE SUPERINTENDING ENGINEER,
PARALAKHEMUNDI(R&B) DIVISION, PARALAKHEMUNDI.
Tel.Ph.No: 06815-222542
E-mail I.D: eerbparala@yahoo.com
e-Procurement Notice
B-201
Bid Identification No. S.E., PKD. R&B DIVN.-04/2024-25
No.2689 Date. 28.08.2024
INVITATION FOR BIDS

1. The Superintending Engineer, Paralakhemundi (R&B) Division on behalf of Governor of Odisha Invites Percentage rate bid in Single cover system to be received in on ONLINE MODE only for the construction of works as detailed in the table below:

| | | |
|---|---|---|
| 2. | Nature of works | Civil & Electrical works |
| 3. | No. of works | 03 [Three] no. of works |
| 4. | Estimated cost (Approximately) | Sl No. 01) Rs.24.39 Lakhs to 33.43 Lakhs |
| 5. | Bid cost | Sl No. 01) Rs.6,000/- |
| 6. | Class of contractor | Sl No. 01) "C" & "B" Class & "HT" class |
| 7. | Availability of Bid Documents in the website | 10.00 Hrs of Dt. 06.09.2024 To 17.00 Hrs. of Dt. 17.09.2024 |
| 8. | Date of opening of the Bid | 12.00 Hrs. of Dt.**18.09.2024** |

9. The Bidders have to participate in **ONLINE** bidding only. Further details can be seen from the website **http://tendersorissa.gov.in** Any Addendum /Coirrigendum/Cancellation of tender can also be seen in the said website. The authority reserves the right to reject any or all bids without assigning any reason thereof.

Sd/- Superintending Engineer
Paralakhemundi(R&B) Division
OIPR-34065/11/0004/2425

C-497
ଝାରସୁଗୁଡ଼ା ପୌରପରିଷଦ, ଝାରସୁଗୁଡ଼ା
ନିଖିଳ ଓଡ଼ିଶା ସ୍ୱାୟତ୍ତ ଶାସନ ଦିବସ-୨୦୨୪ ଉପଲକ୍ଷେ ଝାରସୁଗୁଡ଼ା ପୌରପରିଷଦ ଆପଣଙ୍କ ସ୍ୱାଗତ ଜଣାଉଛି
ପୌରବାସୀଙ୍କୁ ନିବେଦନ

- ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ମାନଙ୍କରେ ନାମଫଳକଗୁଡ଼ିକୁ ଓଡ଼ିଆ ଭାଷାରେ ଲେଖନ୍ତୁ।
- ପୌରପରିଷଦର ଦେୟ ଯଥା ସମୟରେ ପୈଠ କରନ୍ତୁ।
- ସର୍ବସାଧାରଣଙ୍କ ରାସ୍ତା ଓ ନାଳ ଉପରେ ନିର୍ମାଣ ସାମଗ୍ରୀ ଯଥା : ଇଟା, ବାଲି ଗୋଡ଼ି ରଖି ରାସ୍ତା ଓ ନାଳ ଅବରୋଧ କରନ୍ତୁ ନାହିଁ।
- ଗୃହପାଳିତ ପଶୁମାନଙ୍କୁ ରାସ୍ତା ଉପରେ ଏଣେତେଣେ ବୁଲିବାକୁ ଛାଡ଼ନ୍ତୁ ନାହିଁ।
- ବର୍ଜ୍ୟବସ୍ତୁର ସୁପରିଚାଳନା ନିମନ୍ତେ ପୌରପରିଷଦକୁ ସହଯୋଗ କରନ୍ତୁ।
- ଏକକାଳୀନ ବ୍ୟବହାର ହେଉଥିବା ପଲିଥିନ୍‌ର ବ୍ୟବହାର ବର୍ଜନ କରନ୍ତୁ।
- ପୌରପରିଷଦର ସମ୍ପତ୍ତି ଆପଣଙ୍କ ସମ୍ପତ୍ତି, ଏଣୁ ଏହାର ସୁରକ୍ଷା କରନ୍ତୁ।

ଶ୍ରୀମତୀ ରାନୀ ହାତୀ
ଅଧ୍ୟକ୍ଷା
ଝାରସୁଗୁଡ଼ା ପୌରପରିଷଦ

କାର୍ଯ୍ୟନିର୍ବାହୀ ଅଧିକାରୀ
ଝାରସୁଗୁଡ଼ା ପୌରପରିଷଦ

ଶ୍ରୀ ବେଣୁ ଗୋପାଳ ପାଣିଗ୍ରାହୀ
ଉପାଧ୍ୟକ୍ଷ
ଏବଂ କାଉନସିଲର ବୃନ୍ଦ
ଝାରସୁଗୁଡ଼ା ପୌରପରିଷଦ
OIPR-13165/11/0016/2425

ଓଡ଼ିଶା ସରକାର
ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ,
ଯାଜପୁର ଜଳସେଚନ ବିଭାଜନ
A-252
ଫୋନ ନଂ. 06728-222022, ଇମେଲ- jpt.irrigation@gmail.com
'e'-Procurement Notice No. 08/2024-25

| | | |
|---|---|---|
| 1 | କାର୍ଯ୍ୟର ନାମ | Procurement of DG Set. ର |
| 2 | ମୋଟ କାର୍ଯ୍ୟ ସଂଖ୍ୟା | ୦୨ (ଦୁଇ ଗୋଟି କାର୍ଯ୍ୟ) |
| 3 | ଅଟକଳ ମୂଲ୍ୟ | ପ୍ରତ୍ୟେକ ୮.୨୧ ଲକ୍ଷ |
| 4 | ଇ.ଏମ୍‌ଡି (Bid Security) ଓ ବିଡ୍ ମୂଲ୍ୟର ଦେୟ ପ୍ରଣାଳୀ | The bidder shall tranfer the required amount of EMD (Bid Security) and cost of Bid by Online through electronic payment as per Govt. of Odisha WDOM No.17254/WE Dated 05.12.2017 as Mentioned in DTCN. |
| 5 | କାର୍ଯ୍ୟ ସମାପ୍ତି ସମୟ | ୬ ମାସ। |
| 6 | ନିମ୍ନଲିଖିତ ଭାବରେ ଅନ୍ୟାନ୍ୟ ବିବରଣୀ : | |
| | I. Procurement Officer | ଅଧୀକ୍ଷଣ ଯନ୍ତ୍ରୀ, ଯାଜପୁର ଜଳସେଚନ ବିଭାଜନ, ଯାଜପୁର |
| | II. ଅନଲାଇନ Bidding ର ସମୟସୀମା | ତା ୨୯.୦୮.୨୦୨୪ ଦିବା ୧୦ ଘଟିକାରୁ ତା ୦୬.୦୯.୨୦୨୪ ସନ୍ଧ୍ୟା ୫ ଘଟିକା ପର୍ଯ୍ୟନ୍ତ। |
| | III. Technical ଏବଂ Financil bid ଖୋଲାଯିବାର ତାରିଖ ଓ ସମୟ | ଅଧୀକ୍ଷଣ ଯନ୍ତ୍ରୀ, ଯାଜପୁର ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟରେ ତା୦୯.୦୯.୨୦୨୪ ଦିବା ୧୧.୩୦ |
| | IV. Tranparent Lottery ର ତାରିଖ ଓ ସମୟ | ଅଧୀକ୍ଷଣ ଯନ୍ତ୍ରୀ, ଯାଜପୁର ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟରେ ତା୧୯.୦୯.୨୦୨୪ ଦିବା ୧୧.୦୦ ଘଟିକା ସମୟରେ। |

Further details can be seen from the Govt. web site www.tendersorissa.gov.in
ସ୍ୱା/- ଅଧୀକ୍ଷଣ ଯନ୍ତ୍ରୀ
ଯାଜପୁର ଜଳସେଚନ ବିଭାଜନ, ଯାଜପୁର
OIPR-32130/11/0011/2425



# ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ନିଯୁକ୍ତି ଅଭିଯାନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**





ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଗୁରୁବାର ଏକ ନିଯୁକ୍ତି ଅଭିଯାନ (କ୍ୟାମ୍ପସ ପ୍ଲେସ୍‌ମେଣ୍ଟ ଡ୍ରାଇଭ୍) ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସ୍ୱତନ୍ତ୍ର ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ (ଏସ୍‌ଆଇଏସ୍‌ଇଆର) ଓ କିଟ୍ ଅନ୍ତର୍ଜାତୀୟ ବିଦ୍ୟାଳୟର ମିଳିତ ସହଯୋଗରେ ରାଜ୍ୟରେ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ନିମନ୍ତେ ପ୍ରଥମ ଥର ପାଇଁ ଏପରି ଆୟୋଜନ କରାଯାଇଛି । ରାଜ୍ୟ ସ୍ୱତନ୍ତ୍ର ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନର ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭାଗୀୟ ନିର୍ଦ୍ଦେଶିକା ନିୟତି ପଟ୍ଟନାୟକ ନିଯୁକ୍ତି ଅଭିଯାନରେ ସାମିଲ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କର ସଫଳତା କାମନା କରିଥିଲେ । ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ରାଜ୍ୟର ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ଉନ୍ନତି ନିମନ୍ତେ ସବୁବେଳେ ତତ୍ପର ରହିଛି ବୋଲି ସେ କହିଥିଲେ । ବହୁସଂଖ୍ୟାରେ ଛାତ୍ରଛାତ୍ରୀ ଏହି ଅଭିଯାନରେ ଯୋଗଦେଇ ଥିବାରୁ ଖୁସି ବ୍ୟକ୍ତ କରିବା ସହ ଏପରି ଅଭିଯାନ ଆଗାମୀ ବର୍ଷମାନଙ୍କରେ ମଧ୍ୟ ଜାରି ରହିବ ବୋଲି ଶ୍ରୀମତୀ ପଟ୍ଟନାୟକ ପ୍ରକାଶ କରିଥିଲେ । ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଅତିରିକ୍ତ ଶାସନ ସଚିବ ସନ୍ତୋଷ କୁମାର ପ୍ରଧାନ କିଟ୍‌ର ଅଧିକାରୀମାନଙ୍କୁ ଧନ୍ୟବାଦ ଦେବା ସହ ଏପରି କାର୍ଯ୍ୟକ୍ରମ ପ୍ରତିବର୍ଷ ଆୟୋଜନ କରିବାକୁ ଅନୁରୋଧ କରିଥିଲେ । କିଟ୍ ଅନ୍ତର୍ଜାତୀୟ ବିଦ୍ୟାଳୟର ନିର୍ଦ୍ଦେଶକ ଡ. ସଂଜୟ ସୁଆର କାର୍ଯ୍ୟକ୍ରମ ବାବଦରେ ବିସ୍ତୃତ ସୂଚନା ଦେଇଥିଲେ । ରାଜ୍ୟ ସ୍ୱତନ୍ତ୍ର ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନର ଆସିଷ୍ଟାଣ୍ଟ ପ୍ରଫେସର ପ୍ରେମାନନ୍ଦ ମିଶ୍ର କାର୍ଯ୍ୟକ୍ରମ ସଂଚାଳନ କରିଥିଲେ । ଏହି କାର୍ଯ୍ୟକ୍ରମରେ କିଟ୍ ଅନ୍ତର୍ଜାତୀୟ ବିଦ୍ୟାଳୟର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିଜେତା ପଟ୍ଟନାୟକ, ସୁଜନ୍ୟା ମହାକୁଡ଼, ରାଜ୍ୟ ସ୍ୱତନ୍ତ୍ର ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନର ଆକାଂକ୍ଷା ପ୍ରହରାଜ, ଶିବ ପ୍ରସାଦ ସାହୁ ପ୍ରମୁଖ ଯୋଗଦାନ କରିଥିଲେ ।

# ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି (ବ୍ୟାଙ୍କ) ଭୁବନେଶ୍ୱରର ୫୬ତମ ଅର୍ଦ୍ଧବାର୍ଷିକ ବୈଠକ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**





ଗୁରୁବାର ଦିନେଶ ପରୁଥୀ, ଅଧ୍ୟକ୍ଷ, ନରାକାସ (ବ୍ୟାଙ୍କ) ଏବଂ ମୁଖ୍ୟ ମହାପ୍ରବନ୍ଧକ, ଭାରତୀୟ ଷ୍ଟେଟ ବ୍ୟାଙ୍କ, ଭୁବନେଶ୍ୱରଙ୍କ ଅଧ୍ୟକ୍ଷତାରେ, ଭାରତ ସରକାର, ଗୃହ ମନ୍ତ୍ରାଳୟ, ରାଜଭାଷା ବିଭାଗର ପ୍ରତିନିଧି ନିର୍ମଲ କୁମାର ଦୁବେ, ସହକାରୀ ନିର୍ଦ୍ଦେଶକ (କାର୍ଯ୍ୟାନ୍ୱୟନ)ଙ୍କ ଉପସ୍ଥିତିରେ ଭାରତୀୟ ଷ୍ଟେଟ ବ୍ୟାଙ୍କ, ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟରେ ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି (ବ୍ୟାଙ୍କ), ଭୁବନେଶ୍ୱରର ୫୬ତମ ଅର୍ଦ୍ଧବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଡାଃ ସାରଦା ପ୍ରସନ୍ନ ମହାନ୍ତି, କ୍ଷେତ୍ରୀୟ ନିର୍ଦ୍ଦେଶକ, ଭାରତୀୟ ରିଜର୍ଭ ବ୍ୟାଙ୍କ, ଡାଃ ସୁଧାଂଶୁ କେ କେ ମିଶ୍ରା, ମୁଖ୍ୟ ମହାପ୍ରବନ୍ଧକ, ନାବାର୍ଡ, ମନୋଜ କୁମାର ସିଂହ, ଉପାଧ୍ୟକ୍ଷ ଏବଂ ମଣ୍ଡଳ ବିକାଶ ଅଧିକାରୀ, ଭାରତୀୟ ଷ୍ଟେଟ ବ୍ୟାଙ୍କ ତଥା ଭୁବନେଶ୍ୱର ସ୍ଥିତ ସମସ୍ତ ସରକାରୀ ବ୍ୟାଙ୍କ ଏବଂ ବୀମା କମ୍ପାନୀମାନଙ୍କର ଉପ ମହାପ୍ରବନ୍ଧକ, ବରିଷ୍ଠ କାର୍ଯ୍ୟପାଳକ ଏବଂ ରାଜଭାଷା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ବୈଠକ ପ୍ରାରମ୍ଭରେ ନରାକାସ (ବ୍ୟାଙ୍କ), ଭୁବନେଶ୍ୱରର ଉପସଭାପତି ମନୋଜ କୁମାର ସିଂହ ସ୍ୱାଗତ ଭାଷଣରେ ସମସ୍ତ ସଦସ୍ୟଙ୍କ ସକ୍ରିୟ ସହଯୋଗ ପାଇଁ ପ୍ରଶଂସା କରିଥିଲେ । ବୈଠକରେ ସଦସ୍ୟ ବ୍ୟାଙ୍କ ଏବଂ ବୀମା କମ୍ପାନୀଗୁଡ଼ିକ ଦ୍ୱାରା ରାଜଭାଷାର ପ୍ରଚାର ପ୍ରସାର ପାଇଁ ଗତ ୬ ମାସ ମଧ୍ୟରେ ଆୟୋଜନ କରାଯାଇଥିବା ବିଭିନ୍ନ ହିନ୍ଦୀ କାର୍ଯ୍ୟକ୍ରମ ସମ୍ପର୍କିତ ରିପୋର୍ଟ ଉପସ୍ଥାପନ କରାଯାଇଥିଲା । ଗୃହ ମନ୍ତ୍ରଣାଳୟର ସହକାରୀ ନିର୍ଦ୍ଦେଶକ ନିର୍ମଳ କୁମାର ଦୁବେ ତାଙ୍କ ସମୀକ୍ଷାରେ ନରାକାସ (ବ୍ୟାଙ୍କ), ଭୁବନେଶ୍ୱରର ପ୍ରଦର୍ଶନକୁ ପ୍ରଶଂସା କରିବା ସହ ଏହି କମିଟି ଦେଶର ଶ୍ରେଷ୍ଠ କମିଟି ମଧ୍ୟରୁ ଅନ୍ୟତମ ବୋଲି କହିଥିଲେ । କ୍ରମାଗତ ଭାବେ ଜାତୀୟ ସ୍ତରରେ 'ରାଜଭାଷା କୀର୍ତ୍ତି ପୁରସ୍କାର' ପାଇବା ଗର୍ବ ଓ ଗୌରବର ବିଷୟ । ଏହି ଉତ୍ସାହକୁ ବଜାୟ ରଖି ସମସ୍ତ ସଦସ୍ୟମାନଙ୍କୁ ଆଗକୁ ମଧ୍ୟ ସକ୍ରିୟ ଭାବେ କାର୍ଯ୍ୟ ଜାରି ରଖିବା ଉଚିତ ବୋଲି କହିଥିଲେ । ନରାକାସ (ବ୍ୟାଙ୍କ), ଭୁବନେଶ୍ୱରର ଅଧ୍ୟକ୍ଷ ଦିନେଶ ପରୁଥୀ ତାଙ୍କ ଅଭିଭାଷଣରେ କହିଥିଲେ ଯେ ଆମେ ସମସ୍ତେ ସେବା କ୍ଷେତ୍ର ସହିତ ଜଡ଼ିତ, ଉନ୍ନତ ଏବଂ ସୁରକ୍ଷିତ ଗ୍ରାହକ ସେବା ପ୍ରଦାନ କରିବାରେ ହିନ୍ଦୀ ଏବଂ ଆଞ୍ଚଳିକ ଭାଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ତେଣୁ ଆମେ ସମସ୍ତେ ହିନ୍ଦୀରେ ଅଧିକରୁ ଅଧିକ କାମ କରିବାକୁ ଚେଷ୍ଟା କରିବା ଉଚିତ୍ । ଡିଜିଟାଲ ପ୍ଲାଟଫର୍ମରେ ହିନ୍ଦୀର ବ୍ୟବହାର ବଢାଇବାର ଉପାୟ ଖୋଜିବା ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ । ଭାରତୀୟ ରିଜର୍ଭ ବ୍ୟାଙ୍କର ଆଞ୍ଚଳିକ ନିର୍ଦ୍ଦେଶକ କହିଥିଲେ ଯେ ରାଜଭାଷାର ପ୍ରଚାର ପ୍ରସାର କ୍ଷେତ୍ରରେ ଏହି କମିଟି ପ୍ରଶଂସନୀୟ କାର୍ଯ୍ୟ କରୁଛି । ହିନ୍ଦୀରେ କାମ କରିବା କେବଳ ରାଜଭାଷା ବିଭାଗ କିମ୍ବା ରାଜଭାଷା ଅଧିକାରୀଙ୍କ କାମ ନୁହେଁ ବରଂ ଏହା ଆମ ସମସ୍ତଙ୍କ ଦାୟିତ୍ୱ । ନାବାର୍ଡର ମୁଖ୍ୟ ମହାପ୍ରବନ୍ଧକ କହିଥିଲେ ଯେ ଗ୍ରାହକଙ୍କ ମଧ୍ୟରେ ଆର୍ଥିକ ସାକ୍ଷରତା ଏବଂ ସଚେତନତା ବୃଦ୍ଧି ପାଇଁ ନାବାର୍ଡ ହିନ୍ଦୀ ଏବଂ ଆଞ୍ଚଳିକ ଭାଷାବ୍ୟବହାର କରୁଛି । ଏହି ଅବସରରେ ସଦସ୍ୟ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ହିନ୍ଦୀ ପ୍ରତିଯୋଗିତାର ବିଜେତାମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା । ସଦସ୍ୟ ସଚିବ ତଥା ଭାରତୀୟ ଷ୍ଟେଟ ବ୍ୟାଙ୍କର ସହାୟକ ମହାପ୍ରବନ୍ଧକ (ରାଜଭାଷା) ବିବି ଗୋପାଳ ରେଡ୍ଡୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ ଭାରତୀୟ ରିଜର୍ଭ ବ୍ୟାଙ୍କର ସହାୟକ ମହାପ୍ରବନ୍ଧକ (ରାଜଭାଷା) ବିବେକ ଯାଦବଙ୍କ ଧନ୍ୟବାଦ ଅର୍ପଣ ସହିତ ବୈଠକ ଶେଷ ହୋଇଥିଲା ।

# ସରକାର ରାଜ୍ୟବାସୀଙ୍କୁ ଭୁଆଁ ବୁଲାଇବାରୁ କ୍ଷାନ୍ତ ରୁହନ୍ତୁ: ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ବିଧାନସଭାରେ ଏକ ଲିଖିତ ପ୍ରଶ୍ନର ଉତ୍ତରକୁ ନେଇ କିଛି ଗଣମାଧ୍ୟମ ବିଭ୍ରାନ୍ତିକର ଖବର ପରିବେଷଣ କରୁଛନ୍ତି ବୋଲି ଗୁରୁବାର ବିଜୁ ଜନତା ଦଳ ମୁଖ୍ୟାଳୟ ଶଙ୍ଖ ଭବନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡଃ ଲେନିନ୍ ମହାନ୍ତି, ସାଂସଦ ସୁଲତା ଦେଓ ଓ ମୁଖପାତ୍ର ତୁମ୍ବନାଥ ପଣ୍ଡା । ୨୦୨୩-୨୪ ଆର୍ଥିକ ବର୍ଷରେ ରାଜ୍ୟ ସରକାର କେତେ ଟଙ୍କା ବିଜ୍ଞାପନ ଏବଂ ଆଡ୍‌ଭୋଟରିଆଲରେ ଖର୍ଚ୍ଚ କରିଛନ୍ତି ପ୍ରଶ୍ନର ଉତରରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଏବଂ ଫାଇଭ୍ ଟି ଅଧ୍ୟକ୍ଷଙ୍କ ଫଟୋ ସହିତ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଓ କେତେକ ବିଶେଷ କାର୍ଯ୍ୟକ୍ରମ ଯଥା- ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ, ମା' ସମଲେଇ ପ୍ରକଳ୍ପ, ନୂଆ-ଓ ସ୍ମାର୍ଟ କାର୍ଡ଼ ସ୍କିମ୍ ଇତ୍ୟାଦି ପ୍ରକଳ୍ପ ପାଇଁ ୨ ଥର ବିଶେଷ ଆଲେଖ୍ୟ ପ୍ରକାଶ ପାଇଥିଲା । କିନ୍ତୁ ଏହି ଉତରକୁ ଭିତି କରି କିଛି ନିର୍ଦ୍ଦିଷ୍ଟ ଗଣମାଧ୍ୟମ ଭି.କେ ପାଣ୍ଡିଆନଙ୍କ ଫଟୋ ଛାପିବା ପାଇଁ ୧୫ କୋଟି ଖର୍ଚ୍ଚ ବୋଲି ଖବର ପରିବେଷଣ କରୁଛନ୍ତି । ଏପରିକି ମୁଖ୍ୟମନ୍ତ୍ରୀଙ୍କ ବ୍ୟତୀତ କୌଣସି ଆଡଭୋଟୋରିଆଲରେ ଭି.କେ ପାଣ୍ଡିଆନଙ୍କ ଫଟୋ ପ୍ରକାଶ ପାଇନାହିଁ । ଏହି ଧାରାରେ ଏକ ନ୍ୟୁଜ୍ ଚ୍ୟାନେଲର ଡିଜିଟାଲ ପ୍ଲାଟଫର୍ମରେ ପାଣ୍ଡିଆନଙ୍କ ହେଲିକପ୍ଟର ଖର୍ଚ୍ଚ ୧୫ କୋଟି ଖର୍ଚ୍ଚ ହୋଇଛି ବୋଲି ଲେଖି ଲୋକଙ୍କ ଠାରୁ ମତାମତ ଆହ୍ୱାନ କରାଯାଇଛି । ଏହା ଅତ୍ୟନ୍ତ ନିମ୍ନମାନର ଓ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ଦଳ ତରଫରୁ କୁହାଯାଇଛି । ରାଜ୍ୟ ସରକାର ଦାୟିତ୍ୱ ଗ୍ରହଣ କରିବା ପରଠାରୁ ଲୋକଙ୍କୁ ଦେଇଥିବା କୌଣସି ପ୍ରତିଶ୍ରୁତି ପୂରଣ କରିପାରୁ ନାହାନ୍ତି । ଗତକାଲି କେନ୍ଦ୍ରୀୟ କ୍ୟାବିନେଟରେ ୧୨ଟି ସ୍ମାର୍ଟ ଶିଳ୍ପ ସହର ପ୍ରତିଷ୍ଠା ପାଇଁ ନିଷ୍ପତି ହୋଇଥିବା ବେଳେ ଓଡ଼ିଶା ଏଥିରେ ସ୍ଥାନ ପାଇନାହିଁ । ନିର୍ବାଚନ ସମୟରେ ପ୍ରତ୍ୟେକ ମହିଳାଙ୍କୁ ସୁଭଦ୍ରା ଯୋଜନା ସହାୟତାର ପ୍ରତିଶ୍ରୁତି ଦେଇଥିବା ବିଜେପି ଦଳ ବର୍ତ୍ତମାନ ଅଧିକରୁ ଅଧିକ ମହିଳାଙ୍କୁ ଏହି ଯୋଜନାରୁ ବାଦ୍ ଦେବା ପାଇଁ ନିୟମାବଳୀ କରିଛନ୍ତି । ଓଡ଼ିଆ ଯୁବକଙ୍କୁ ଅଣଓଡ଼ିଆ ଯୁବକ ମାଡ଼ ମାରିବା ଘଟଣାରେ ରାଜ୍ୟ ବିଜେପି ସରକାରର ନିରବତା, କ'ଣ ଓଡ଼ିଆ ଅସ୍ମିତାର ପରିଚୟ କି ବୋଲି ବିଜୁ ଜନତା ଦଳ ପ୍ରଶ୍ନ କରିଛି । କେନ୍ଦ୍ର ସରକାର ଗଲା ୭ ବର୍ଷରେ ବିଜ୍ଞାପନ ବାବଦରେ ୬୪୦୦ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି ତଥା ମଧ୍ୟପ୍ରଦେଶରେ ଥିବା ବିଜେପି ସରକାର ଗତ ୧ ବର୍ଷ ମଧ୍ୟରେ ୭୫୩ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି । ଭତ୍ତା ପ୍ରଦାନରେ ବରିଷ୍ଠ ନାଗରିକଙ୍କୁ ପ୍ରତାରଣା ଭଳି ଅନେକ ପ୍ରଶ୍ନକୁ ସାମ୍ନା କରିନପାରି ଆଜି ରାଜ୍ୟ ବିଜେପି ସରକାର ବିଧାନସଭାରେ ଦେଇଥିବା ତଥ୍ୟକୁ ଭିନ୍ନ ଢଙ୍ଗରେ ଉପସ୍ଥାପନା କରି ଜନସାଧାରଣଙ୍କୁ ଭୁଆଁ ବୁଲାଇବା ପାଇଁ ଚେଷ୍ଟା କରୁଛନ୍ତି ବୋଲି ସେମାନେ କହିଛନ୍ତି ।

# ଶିକ୍ଷା ମାଧ୍ୟମରେ ସଶକ୍ତୀକରଣ: ବେଦାନ୍ତ ଆଲୁମିନିୟମ ପକ୍ଷରୁ ସ୍କୁଲ ରୂପାନ୍ତରୀକରଣରେ ସହାୟତା



**ଝାରସୁଗୁଡା, ନ୍ୟୁଜ ବ୍ୟୁରୋ**

ଗୁଣାତ୍ମକ ଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ବେଦାନ୍ତ ଆଲୁମିନିୟମର ପ୍ରୟାସ ଓଡ଼ିଶାର ଝାରସୁଗୁଡ଼ା ଜିଲ୍ଲାରେ ମାଧ୍ୟମିକ ଶିକ୍ଷା ଏବଂ ଡିଜିଟାଲ ସାକ୍ଷରତା ସ୍ତର ଉପରେ ଗଭୀର ପ୍ରଭାବ ପକାଇଛି । ପ୍ରକଳ୍ପ ବିଦ୍ୟାଗ୍ରହ ଓ ବେଦାନ୍ତ ମିନି ସାଇନ୍ସ ସେଣ୍ଟର ଭଳି ପଦକ୍ଷେପ ତଥା ଓଡ଼ିଶା ସରକାରଙ୍କ ମୋ' ସ୍କୁଲ ଅଭିଯାନ କାର୍ଯ୍ୟକ୍ରମର ସହଯୋଗ ମାଧ୍ୟମରେ କମ୍ପାନି ସରକାରୀ ସ୍କୁଲ ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ଉନ୍ନତିରେ ନୂଆ ମାନଦଣ୍ଡ ସ୍ଥାପନ କରୁଛି । ଝାରସୁଗୁଡ଼ାର ୧୦୬ଟି ହାଇସ୍କୁଲରେ ଆରମ୍ଭ ହୋଇଥିବା ପ୍ରକଳ୍ପ ବିଦ୍ୟାଗ୍ରହ ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ପ୍ରଦର୍ଶନରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ଗଣିତ, ଇଂରାଜୀ ଏବଂ ବିଜ୍ଞାନ ବିଷୟ ପାଇଁ ଏକ ୱେବ-ଆଧାରିତ ପ୍ଲାଟଫର୍ମ ମାଧ୍ୟମରେ ଡିଜିଟାଲ ଶିକ୍ଷଣୀୟ ସମ୍ବଳ ପ୍ରଦାନ ଉପରେ ଏହି ଇ-ଲର୍ଣ୍ଣିଂ ପଦକ୍ଷେପ ଗୁରୁତ୍ୱାରୋପ କରୁଛି ଏବଂ ବର୍ତ୍ତମାନ ସୁଦ୍ଧା ଏହା ବେଶ୍ ପ୍ରଭାବଶାଳୀ ଫଳାଫଳ ହାସଲ କରିଛି । ଚଳିତ ବର୍ଷ ରାଜ୍ୟ ବୋର୍ଡ ପରୀକ୍ଷାରେ ବିଦ୍ୟାଗ୍ରହ କାର୍ଯ୍ୟକ୍ରମରେ ଭାଗ ନେଇଥିବା ୭ଟି ବିଦ୍ୟାଳୟ ମଧ୍ୟରୁ ୬ଟି ଶତ ପ୍ରତିଶତ ପାସ୍ ହାର ହାସଲ କରିଥିବା ବେଳେ ଗୋଟିଏ ସ୍କୁଲ ୯୭.୭୦ ପ୍ରତିଶତ ପାସ୍ ହାର ହାସଲ କରିଛି । ଏହାବ୍ୟତୀତ ୫୧ ଜଣ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଡିଷ୍ଟିଙ୍କସନ ହାସଲ କରିଥିବା ବେଳେ ଜଣେ ବିଦ୍ୟାର୍ଥୀ ୯୨% ନମ୍ବର ରଖି ଜିଲ୍ଲାରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି ।

# ଆଦିତ୍ୟ ଆଲୁମିନିୟମ ଦ୍ୱାରା ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ





**ରେଙ୍ଗାଲି, ନ୍ୟୁଜ ବ୍ୟୁରୋ**

ଆଦିତ୍ୟ ସିଏସ୍‌ଆର୍ ଟିମ୍ ରେଙ୍ଗାଲି ବ୍ଲକ ସ୍ଥିତ ଲପଙ୍ଗା ପଞ୍ଚାୟତର ଅଙ୍ଗନବାଡି କେନ୍ଦ୍ରର ସହଯୋଗରେ ଗର୍ଭବତୀ ଓ ସ୍ତନ୍ୟପାନ କରାଉଥିବା ମା', ସେମାନଙ୍କ ପିତାମାତା, କିଶୋରୀ ବାଳିକା ଓ ମହିଳାମାନଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ମୁଖ୍ୟ ଶ୍ୱେତା ଉପାଧ୍ୟାୟ ଏବଂ ଆଦିତ୍ୟ ଆଲୁମିନିୟମର ଆସିଷ୍ଟାଣ୍ଟ ମ୍ୟାନେଜର ମନୋରଞ୍ଜନ ବେହେରା ଉଭୟ ମା' ଓ ଶିଶୁଙ୍କ ପାଇଁ ସ୍ତନ୍ୟପାନର ଗୁରୁତ୍ୱ ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ବିଷୟ ଉପରେ ବର୍ଣ୍ଣନା କରିଥିଲେ । ପୁଷ୍ଟିକର ଖାଦ୍ୟର ମହତ୍ତ୍ୱ, ଗର୍ଭାବସ୍ଥା ଓ ପ୍ରସବ ସମୟରେ ମା'ର ଯତ୍ନ ନେବା, ଶିଶୁ ଏବଂ ମା'ର ଓଜନ ଏବଂ ମା'ର ହିମୋଗ୍ଲୋବିନ୍ ଯାଞ୍ଚ ଇତ୍ୟାଦି ବିଷୟରେ ସଂକ୍ଷିପ୍ତ ଆଲୋଚନା କରିଥିଲେ । ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସରସ୍ୱତୀ ରାଉତ ଗର୍ଭବତୀ ମହିଳା ଏବଂ ସ୍ତନ୍ୟପାନ କରାଉଥିବା ମହିଳାମାନଙ୍କୁ କଙ୍ଗାରୁ ପ୍ରକ୍ରିୟାରେ ସ୍ତନ୍ୟପାନର ଉପକାରିତା ବିଷୟରେ ଆଲୋକପାତ କରିଥିଲେ । ଏକ ନୂତନ ସଂଗଠିତ ସଂସ୍ଥା 'ହେଲ୍ପ' ଆଦିତ୍ୟ ଆଲୁମିନିୟମ ସହଯୋଗରେ ପାରିପାର୍ଶ୍ୱ ଅଞ୍ଚଳରେ ପ୍ରକଳ୍ପ 'ସୁପୋଷଣ' ଅନ୍ତର୍ଭୁକ୍ତ କାର୍ଯ୍ୟ କରିବା ନେଇ ଧାର୍ଯ୍ୟ କରାଯାଇଅଛି । ଏହି ପ୍ରକଳ୍ପର ମୁଖ୍ୟ ଲକ୍ଷ୍ୟ ଅଞ୍ଚଳରୁ ମାତୃ, ଶିଶୁ ଓ ଜନ୍ମଜାତ ମୃତ୍ୟୁହାରକୁ କମ କରିବା ଓ ସମସ୍ତଙ୍କୁ ପୋଷଣ ଦିଗକୁ ଆଲୋକ ଦେଖାଇବା ।

# ପୁଣି ଖଟିଆରେ ବୁହା ହେଲେ ରୋଗୀ

**କେନ୍ଦୁଝର, ନ୍ୟୁଜ ବ୍ୟୁରୋ**

କାଦୁଅ ରାସ୍ତା ଦେଲା ଯନ୍ତ୍ରଣା । ରାସ୍ତା ନଥିବାରୁ ଗାଁକୁ ଆମ୍ବୁଲାନ୍ସ ଆସିବନି କହି ମନା କରି ଦେଇଥିଲା । ପୁଣି ଖଟିଆରେ ବୁହା ହେଲେ ରୋଗୀ । କେନ୍ଦୁଝର ଝୁମ୍ପୁରା ବ୍ଲକ ମହ୍ଲାରପଦା ବଡେଇପହଁରା ଉପରସାହି ଅଞ୍ଚଳରେ ଦେଖିବାକୁ ମିଳିଛି ଏଭଳି ଅଭାବନୀୟ ଘଟଣା । ଉପରସାହିର ଯୋଗେନ୍ଦ୍ର ସିଂଙ୍କୁ ଜ୍ୱର ଏବଂ ବାନ୍ତି ଲାଗି ରହିଲା । ଅବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ତାଙ୍କୁ ଡାକ୍ତରଖାନା ନେବା ପାଇଁ ୧୦୮ ଆମ୍ବୁଲାନ୍ସକୁ ଫୋନ କରିଥିଲେ । ହେଲେ ଗାଁକୁ ରାସ୍ତା ନଥିବାରୁ ଆମ୍ବୁଲାନ୍ସ ଆସି ପାରି ନଥିଲା । ଶେଷରେ ପରିବାରଲୋକ ଏକ ଖଟିଆରେ ଗୁରୁତର ଯୋଗେନ୍ଦ୍ରଙ୍କୁ କାଦୁଅ ଭର୍ତ୍ତି ରାସ୍ତାରେ ଏକ କିଲୋମିଟର ବୋହି ଆମ୍ବୁଲାନ୍ସ ନିକଟରେ ପହଞ୍ଚାଇଥିଲେ ।

# ପାରା ଅଲିମ୍ପିକ୍ସ ପାଇଁ ଭାରତୀୟ କ୍ରୀଡାବିତ୍‌ଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପ୍ୟାରିସ ପାରା ଅଲିମ୍ପିକ୍ସ କ୍ରୀଡ଼ା ପ୍ରତିଯୋଗତାରେ ଭାଗନେଇଥିବା ଭାରତର ୮୪ଜଣ କ୍ରୀଡାବିତଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇଛନ୍ତି । ସୋସିଆଲ ସାଇଟ୍ ଏକ୍ସରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ପ୍ୟାରିସ ପାରା ଅଲିମ୍ପିକ୍ସ କ୍ରୀଡ଼ା ପ୍ରତିଯୋଗତାରେ ଭାଗନେଇଥିବା ଭାରତର ୮୪ଜଣ କ୍ରୀଡାବିତଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା ।

# ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

## ୨୪ ବର୍ଷର...

ଉପାନ୍ତ ଜିଲ୍ଲାର ୧୮ଟି ବ୍ଲକରେ ନୂଆ ସରକାରୀ ମହାବିଦ୍ୟାଳୟ ଖୋଲାଯାଇଛି । ସରକାରୀ ମହାବିଦ୍ୟାଳୟ ଗୁଡିକର ଭିତ୍ତିଭୂମି ନିର୍ମାଣ ପାଇଁ ୧୮୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିବା ବେଳେ ବେସରକାରୀ ମହାବିଦ୍ୟାଳୟ ପାଇଁ ୧୦୦ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି । ଆଇଏଏସ୍, ଆଇପିଏସ୍ ଭଳି ସର୍ବଭାରତୀୟ ପ୍ରତିଯୋଗିତା ମୂଳକ ପରୀକ୍ଷା ପାଇଁ ଉଚ୍ଚମାନର ପ୍ରଶିକ୍ଷଣ ଦେବାର ବ୍ୟବସ୍ଥା କରାଯାଇଛି । ଓଡ଼ିଶାରୁ ବଛା ବଛା ଶ୍ରେଷ୍ଠ ୨୦୦ ଶିକ୍ଷାର୍ଥୀଙ୍କୁ ମାଗଣାରେ ଏହି ପ୍ରଶିକ୍ଷଣ ବା କୋଚିଂ ଦେବା ପାଇଁ ପଦକ୍ଷେପ ନିଆଯାଇଛି । ଏଥିପାଇଁ ୭.୫ କୋଟି ଟଙ୍କା ବ୍ୟୟବରାଦ ହୋଇଛି । ବିଗତ ୧୦ବର୍ଷରେ କେନ୍ଦ୍ର ସରକାର ବିଶେଷ କରି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶାରେ ଶିକ୍ଷାର ବିକାଶ ପାଇଁ ବିଭିନ୍ନ ଜାତୀୟ ଶିକ୍ଷା ପ୍ରତିଷ୍ଠାନ ନିମନ୍ତେ ବ୍ୟାପକ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି ବୋଲି ଉଚ୍ଚଶିକ୍ଷାମନ୍ତ୍ରୀ କହିଥିଲେ । ୨୪ବର୍ଷର ଶାସନ ବନାମ ୭୯ ଦିନର ଶାସନ କାଳର ହିସାବ ଦେଇ ଉଚ୍ଚଶିକ୍ଷାମନ୍ତ୍ରୀ କହିଥିଲେ ଜାତୀୟ ଶିକ୍ଷାନୀତି ଅନୁସାରେ ଉଚ୍ଚଶିକ୍ଷା ଉପରେ ପ୍ରାଥମିକତା ଦିଆଯାଉଛି । ଗ୍ରାମାଞ୍ଚଳରୁ ବିଶ୍ୱସ୍ତର ପର୍ଯ୍ୟନ୍ତ ଉଚ୍ଚଶିକ୍ଷାରେ ସଂଯୋଗୀକରଣକୁ କେନ୍ଦ୍ର ସରକାର ଗୁରୁତ୍ୱ ଦେଇଛନ୍ତି । ବିଶ୍ୱବିଦ୍ୟାଳୟର ଅଟୋନୋମି ଫେରାଇ ଆଣିବାର ବ୍ୟବସ୍ଥା କରାଯାଉଛି । ବିଶ୍ୱବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ବିକାଶ ପାଇଁ ୧୫ ଶହରୁ ଅଧିକ ଅଧ୍ୟାପକ ନିଯୁକ୍ତି ଦେବାର ବ୍ୟବସ୍ଥା କରାଯାଇଛି । ଓଡ଼ିଆ ଭାଷାରେ ଆଇନ୍‌ର ପାଠପଢା ବ୍ୟବସ୍ଥା ପ୍ରଚଳନ କରିବା ଦିଗରେ ପଦକ୍ଷେପ ନିଆଯାଇଛି । ଉଚ୍ଚଶିକ୍ଷାକ୍ଷେତ୍ରରେ ସଫଳତା ଲାଭ କରୁଥିବା ଏସ୍‌ସି ଏସ୍‌ଟି ବର୍ଗର ଶିକ୍ଷାର୍ଥୀଙ୍କୁ ସଂପୂର୍ଣ୍ଣ ମାଗଣାରେ ବିଦେଶରେ ପାଠପଢିବାର ସୁଯୋଗ ଦେବା ପାଇଁ ବ୍ୟବସ୍ଥା କରାଯାଉଛି । ସେହିପରି କ୍ୟାରିୟର କାଉନ୍‌ସେଲିଂ ସେଣ୍ଟର ପ୍ରତିଷ୍ଠା ଜନଜାତି ଭାଷାର ସୁରକ୍ଷା ପାଇଁ ଭାଷା ଗବେଷଣା ପ୍ରତିଷ୍ଠାନ ଖୋଲିବା ଏବଂ ମହାବିଦ୍ୟାଳୟ ଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଶୈକ୍ଷିକ ବାତାବରଣ ବଜାୟ ରଖିବା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ଉଚ୍ଚଶିକ୍ଷାମନ୍ତ୍ରୀ କହିଥିଲେ । ଅନ୍ୟପକ୍ଷରେ ବିଦ୍ୟାଳୟ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ ଶିକ୍ଷାର ବିକାଶ ପାଇଁ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି । ପ୍ରାଥମିକ, ଉଚ୍ଚପ୍ରାଥମିକ, ମାଧ୍ୟମିକ ଓ ଉଚ୍ଚମାଧ୍ୟମିକ ଶିକ୍ଷା କ୍ଷେତ୍ରରେ ବିକାଶ ଉପରେ ଗୁରୁତ୍ୱ ଦିଆଯାଉଛି । ରାଜ୍ୟରେ ସ୍କୁଲ ମାନଙ୍କରେ ଶିକ୍ଷକ ଅଭାବ ରହିଥିବା ସ୍ୱୀକାର କରି ମନ୍ତ୍ରୀ କହିଥିଲେ ଯେ, ଖାଲିପଡିଥିବା ଶିକ୍ଷକ ପଦବୀ ଗୁଡିକୁ ପୂରଣ କରିବା ପାଇଁ ପଦକ୍ଷେପ ନିଆଯାଉଛି । ଉଚ୍ଚମାଧ୍ୟମିକ ଶିକ୍ଷାରେ ୧୩୭୫ ଟିଜିଟି ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ । ସେହିପରି ୨୭୦ ଜଣ ଅଣଶିକ୍ଷକ କର୍ମଚାରୀଙ୍କୁ ନିଯୁକ୍ତି ପାଇଁ ମଧ୍ୟ ପଦକ୍ଷେପ ନିଆଯାଉଛି । ତେବେ ଆସନ୍ତା ସେପ୍ଟେମ୍ବର ମାସ ସୁଦ୍ଧା ୧୬୫୧୯ ଜଣ କନିଷ୍ଠ ଶିକ୍ଷକଙ୍କୁ ନିଯୁକ୍ତି ଦେବା ପାଇଁ ପଦକ୍ଷେପ ନିଆଯାଉଛି । ଅନ୍ୟପକ୍ଷରେ ଖୁବ୍‌ଶୀଘ୍ର ରାଜ୍ୟରେ ୨୮ ହଜାର ୪୩୯ ନିଯୁକ୍ତି ପାଇବେ ଏଥିପାଇଁ ପ୍ରକ୍ରିୟା ଆରମ୍ଭ କରାଯାଇଛି ବୋଲି ମନ୍ତ୍ରୀ କହିଥିଲେ । ସେ କହିଥିଲେ ଗୋଦାବରୀଶ ପ୍ରାଥମିକ ବିଦ୍ୟାଳୟ ବିକାଶ ଯୋଜନା ଆରମ୍ଭ କରାଯାଇଛି । ସେହିପରି ପିଏମ୍‌ଶ୍ରୀ ଯୋଜନାରେ ରାଜ୍ୟର ବିଦ୍ୟାଳୟ ଗୁଡିକର ଉନ୍ନତିକରଣ ପାଇଁ ଏବଂ ଏହାକୁ ଉତ୍କର୍ଷ କେନ୍ଦ୍ରରେ ପରିଣତ କରିବା ପାଇଁ ପଦକ୍ଷେପ ନିଆଯାଇଛି । ବିଗତ ସରକାରଙ୍କ ସମୟରେ ବନ୍ଦ ହୋଇଯାଇଥିବା ୫୬୩୩ ସ୍କୁଲ ଗୁଡିକ ପାଇଁ ମାମଲା କୋର୍ଟରେ ବିଚାରଧୀନ ରହିଛି । କୋର୍ଟଙ୍କ ରାୟ ଆସିବା ପରେ ସରକାର ଏହା ଉପରେ ପଦକ୍ଷେପ ନେବେ । ନୂଆ ସରକାର ରାଜ୍ୟରେ ୯୧ ସ୍କୁଲର ଉନ୍ନତିକରଣ କରିଛନ୍ତି । ଆଗାମୀ ଦିନରେ ଆଉ କିଛି ସ୍କୁଲର ଉନ୍ନତିକରଣ କାର୍ଯ୍ୟକ୍ରମ ହାତକୁ ନିଆଯିବ । ଡ୍ରପ୍‌ଆଉଟ୍ ରୋକିବା ଲାଗି ପଦକ୍ଷେପ ନିଆଯାଉଛି । ମଧ୍ୟାହ୍ନ ଭୋଜନରେ ଦିଆଯାଉଥିବା ଖାଦ୍ୟ ପାଇଁ ଆଉ ଏକ ଟଙ୍କା ବୃଦ୍ଧି କରାଯାଇଛି ବୋଲି ମନ୍ତ୍ରୀ କହିଥିଲେ ।

## ମୁଲତବୀ ଆଲୋଚନା...

ଅନୁରୋଧ କରିଥିଲେ । ଅନ୍ୟ ପକ୍ଷରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ ବିଧାନସଭା ନିୟମାବଳୀ ଏବଂ ଧାରା ଉଲ୍ଲେଖ କରି ବିରୋଧୀ ଦଳ ଯେଉଁ ପ୍ରସଙ୍ଗ ଉଠାଇ ବିରୋଧୀ ଦଳ ଗୃହରେ ଆଲୋଚନା ପାଇଁ ଦାବି କରୁଛି, ତାହାର କୌଣସି ଯଥାର୍ଥତା ନାହିଁ ଏବଂ ଏହା ନିର୍ଦ୍ଦିଷ୍ଟ ଭାବେ ପବ୍ଲିକ ଇଣ୍ଟରେଷ୍ଟ ସମ୍ବଳିତ ଜରୁରୀ ପ୍ରସଙ୍ଗ ନୁହେଁ ବୋଲି ଦର୍ଶାଇଥିଲେ । ବାଚସ୍ପତି ଶ୍ରୀମତୀ ପାଢୀ ମଧ୍ୟ ଉଭୟ ବିଧାୟକ ଓ ମନ୍ତ୍ରୀଙ୍କ ବକ୍ତବ୍ୟ ଶୁଣିବା ପରେ ନିୟମାବଳୀ ଅନୁସାରେ ମୁଲତବୀ ପ୍ରସ୍ତାବ ଆଲୋଚନା ପାଇଁ ଗ୍ରହଣ କରିନଥିବା ବିଷୟ ଜଣାଇଥିଲେ । ମାତ୍ର ବିରୋଧୀ ବିଜେଡ଼ି ବିଧାୟକମାନେ ଏଥିରେ ସନ୍ତୁଷ୍ଟ ନହୋଇ ହଟ୍ଟଗୋଳ, ନାରାବାଜି ଜୋରଦାର କରିଥିଲେ । ଯେଉଁଥି ପାଇଁ ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ରଖିଥିଲେ ।

## ଲଘୁଚାପ କ୍ଷେତ୍ର ...

୧ ତାରିଖ ସକାଳ ସାଢ଼େ ୮ଟାରୁ ୨ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ ଓ ନବରଙ୍ଗପୁରର କିଛି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

## ସେପ୍ଟେମ୍ବର ୯...

ଅଞ୍ଚଳରେ ଲୋକେ ନିଜ ନିଜର ଇଷ୍ଟ ଦେବାଦେବୀଙ୍କ ପାଖରେ ନବାନ୍ନ ସମର୍ପଣ କରି ସାରିଲା ପରେ ନବାନ୍ନ ଭକ୍ଷଣ କରିବେ । ବରଗଡ଼ରେ ନିଶାର୍ଦ୍ଧ ପରେ ଓ ପାହାନ୍ତିଆ ପୂର୍ବରୁ ମା' ସମଲେଶ୍ୱରୀଙ୍କ ପାଖରେ ପ୍ରଥମେ ନବାନ୍ନ ଲାଗି କରାଯିବ । ସକାଳ ୯ଟା ୩୫ମିନିଟରୁ ୧୦ଟା ୪ ମଧ୍ୟରେ ନବାନ୍ନ ଖାଇବେ ବରଗଡ଼ବାସୀ । ବଲାଙ୍ଗୀର ଜିଲ୍ଲାରେ ଲୋକେ ୮ ତାରିଖ ସକାଳ ୯ଟା ୩୫ରୁ ୧୦ଟା ୭ ମଧ୍ୟରେ ନିଜ ଇଷ୍ଟଦେବୀଙ୍କ ନିକଟରେ ନବାନ୍ନ ଲଗାଇ ନୂଆ ଖାଇବେ ।

## ଜନସଂଖ୍ୟା ବୃଦ୍ଧି ...

ଜାତୀୟସ୍ତରରେ ଏକ ତୃତୀୟାଂଶ । ସେହିପରି ଦକ୍ଷିଣ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳଗୁଡିକରେ ଏହି ହାର ୨୯% ରହିଛି । କୋଚିଂ ଶିକ୍ଷା ଓ ଆତ୍ମହତ୍ୟା ମାମଲା ପାଇଁ ଜଣାଶୁଣା ରାଜସ୍ଥାନର କୋଟା ଏହି ତାଲିକାର ୧୦ମ ସ୍ଥାନରେ ରହିଛି । ତେବେ ଦେଶରେ କାହିଁକି ଲଗାତର ଛାତ୍ରଛାତ୍ରୀମାନେ ଆତ୍ମହତ୍ୟା କରୁଛନ୍ତି ? ଏହା ଏବେ ଶିକ୍ଷାବିତ ଓ ଅଭିଭାବକଙ୍କ ଚିନ୍ତା ବଢାଇ ଦେଇଛି । ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ନକରିବା ପାଇଁ ଏବଂ ପରୀକ୍ଷା ପ୍ରତି ସେମାନଙ୍କ ଥିବା ଭୟ ଦୂର କରିବା ଜରୁରୀ ବୋଲି ମତପ୍ରକାଶ ପାଇଛି ।

## ଭାରତକୁ ମିଳିଲା ...

ହାସଲ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାରଙ୍କ ଅତୁଟ ସଂକଳ୍ପର ପ୍ରମାଣ ବୋଲି କହିଛନ୍ତି । ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ଯେ ଆଇଏନଏସ ଅରିଘାତ ନିର୍ମାଣରେ ଉନ୍ନତ ଡିଜାଇନ ଏବଂ ଉତ୍ପାଦନ ପ୍ରଯୁକ୍ତି, ବିସ୍ତୃତ ଗବେଷଣା ଏବଂ ବିକାଶ, ସ୍ୱତନ୍ତ୍ର ସାମଗ୍ରୀର ବ୍ୟବହାର, ଜଟିଳ ଇଞ୍ଜିନିୟରିଂ ଏବଂ ଉଚ୍ଚ କୁଶଳୀ କାରିଗରୀ ବ୍ୟବହାର ହୋଇଛି । ଦେଶର ଆଣବିକ ବୁଡ଼ାଜାହାଜରେ ସ୍ୱଦେଶୀ ପ୍ରଣାଳୀ ଏବଂ ଉପକରଣ ରହିଛି ଯାହାକୁ ଭାରତୀୟ ବୈଜ୍ଞାନିକ, ଶିଳ୍ପ ଏବଂ ନୌସେନା କର୍ମଚାରୀମାନେ ପରିକଳ୍ପନା, ଡିଜାଇନ ଏବଂ ଉତ୍ପାଦନ କରିଛନ୍ତି ।

## ପିପିଲି ପରେ...

କୁକୁଡ଼ା ସଂକ୍ରମିତ ଅଞ୍ଚଳରୁ ଆରଆରଟି ମାରିଲେଣି । ପିପିଲିରେ ବାର୍ଡ ଫ୍ଲୁ ଅଣାୟତ୍ତ ହୋଇଛି । ଫାର୍ମ ନିକଟକୁ ରାପିଡ଼ ରେସପନ୍ସ ଟିମ ଯାଉନାହାନ୍ତି । ଚାଷୀ ନିଜେ ମଲା କୁକୁଡ଼ାଙ୍କୁ ପୋତୁଛନ୍ତି । ଇତିମଧ୍ୟରେ ପିପିଲି ଡେଲାଙ୍ଗରେ ହଜାର ହଜାର କୁକୁଡ଼ା ମଲେଣି । ନାଳ ନର୍ଦ୍ଦମା ଏବଂ କେନାଲରେ ଚାଷୀ ମଲା କୁକୁଡ଼ାଙ୍କୁ ଫୋପାଡ଼ିଦେଉଥିବା ଅଭିଯୋଗ ହେଉଛି । ପ୍ରଶାସନ ପକ୍ଷରୁ ଚିଆଁ ମାରିବା ଅଭିଯାନ ଆରମ୍ଭ ହୋଇଛି ।

## ରାଜଧାନୀରେ ଚାଞ୍ଚଲ୍ୟ ...

ଜଣକ ପ୍ରତି ସନ୍ଧ୍ୟାରେ ନୂଆ ନୂଆ ଝିଅ ଧରି ଆସୁଥିବା ଦେଖିବାକୁ ପାଇଥିଲେ । ହେଲେ ଯୁବତୀଙ୍କ ଫେରିବା ଦେଖିନାହାନ୍ତି ବୋଲି ଘର ମାଲିକ କହିଛନ୍ତି । ତେଣୁ ସେଠାରେ ଯୁବତୀଙ୍କୁ ବଳି ଦିଆଯାଇଥାଇପାରେ ବୋଲି ସନ୍ଦେହ ହେଉଛି । ତାନ୍ତ୍ରିକ ଜଣକ ପ୍ରତିଦିନ ଘରେ ପୂଜାପାଠ ଓ ହୋମ ଯଜ୍ଞ କରୁଥିଲେ । ଘର ଭିତରେ ତ୍ରିଶୁଳ, ସିନ୍ଦୂର, ଘିଅ, ଶାବଳ, କୋଦାଳ, ନାଲି ରଙ୍ଗର କପଡ଼ା ବିଭିନ୍ନ ଦେବାଦେବୀଙ୍କ ଫଟୋ ଓ ଅନ୍ୟାନ୍ୟ ସାମଗ୍ରୀ ରଖିଥିବା ଦେଖିବାକୁ ମିଳିଥିଲା । ପ୍ରତିଦିନ ହୋମ ଯଜ୍ଞ ହେଉଥିବାରୁ ଘରର ଛାତ ଓ କାନ୍ଥ କଳା ପଡ଼ି ଯାଇଛି । ଅଭିଯୋଗ ଅନୁସାରେ ତାନ୍ତ୍ରିକ ରହୁଥିବା ଘରୁ ମଣିଷ ପୋଡ଼ିଲା ଭଳି ଦୁର୍ଗନ୍ଧ ବାହାରୁଥିଲା । ତେଣୁ ଘର ମାଲିକଙ୍କ ମନରେ ସନ୍ଦେହ ବଢିଥିଲା । ଘର ଛାଡ଼ିବା ପାଇଁ ଘର ମାଲିକ କହିଥିଲେ । ହେଲେ ତାନ୍ତ୍ରିକ ଜଣକ ଘର ଛାଡ଼ିବା ବଦଳରେ ଧମକ ଦେଇଥିଲେ । ତନ୍ତ୍ର ବଳରେ ଦୁର୍ଘଟଣା ଘଟାଇ ମାରି ଦେବାର ଧମକ ଦେଇଥିଲେ । ସତକୁ ସତ ଯେଉଁଦିନ ଧମକ ଦିଆଯାଇଥିଲା, ସେହି ଦିନ ଘର ମାଲିକ ସ୍ୱାମୀ ଓ ସ୍ତ୍ରୀଙ୍କ ଗାଡ଼ି ଦୁର୍ଘଟଣା ହୋଇଥିଲା । ଆଉ ଉଭୟ ଆହତ ହୋଇଥିଲେ । ଏହାପରେ ସେମାନେ ଥାନାରେ ଲିଖିତ ଅଭିଯୋଗ କରିଥିଲେ । କମିଶନରେଟ ପୁଲିସ ଘଟଣାର ତଦନ୍ତ ଚଳାଇଛି । ହେଲେ ତାନ୍ତ୍ରିକ ଜଣକ ଫେରାର ହୋଇଯାଇଥିବାରୁ ତାଙ୍କ ପରିଚୟ ଜଣାପଡ଼ି ନାହିଁ ।

## ଓଡ଼ିଆରେ ଅନୁବାଦ...

ଅପଲୋଡ କରାଯାଇଛି । ବର୍ତ୍ତମାନ ସୁଦ୍ଧା ପ୍ରଥମ ବର୍ଷର ୨୦ଟି ବିଟେକ ଓ ଡିପ୍ଲୋମା ପାଠ୍ୟପୁସ୍ତକକୁ ଅପଲୋଡ କରାଯାଇଛି ।


**OFFICE OF THE NIMAPARA NOTIFIED AREA COUNCIL**

At/Po/Ps:-Nimapara, Dist.-Puri, Odisha, Pin-752106 e-Mail:-nimapadanac@gmail.com, Web: www.nimaparanac.in, Phone No :-( 06758) 454167

C-493

No. 1995 — Date. 27.08.2024

**e-Procurement Notice**

Bid Documents consisting of Work Estimated Cost, Cost of Tender Paper, EMD, time of completion, class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersodisha.gov.in .

1. Tender Reference No : NP-NAC-01/2024-25
2. Tender I.D No. : 2024_ORULB_104458
3. Name of the work : Civil Construction works as mentioned in website
4. No. of work : 01 No.
5. Estimated Cost : Rs. 74,89,474.00
6. Period of Completion : 180 days
7. Date & time of Bidding : 29.08.2024 to 17.09.2024 up to 5.00 P.M.
8. Last date & time for receipt Of bids in the portal : 17.09.2024 up to 5.00 P.M.
9. Bids received online shall be opened on dt. : 21.09.2024 at 11.00 A.M.
10. Name and address of the Officer inviting Bid : Executive Officer Nimapara N.A.C.

Further details can be seen from the procurement portal i.e www.tendersodisha.gov.in.

Executive Officer
Nimapara N.A.C.

OIPR-13112/11/0003/2425



ସାମ୍ବାଦିକ ଶାସନ ଦିବସ-୨୦୨୪ (C-501)

ପାଳନ ଅବସରରେ

କଟକ ମହାନଗର ନିଗମ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ

**କାର୍ଯ୍ୟସୂଚୀ**

**ତା. ୩୦.୦୮.୨୦୨୪ ରିଖ**

ପ୍ରାତଃ ୮.୦୦ଘଟିକା : ଗାନ୍ଧୀପାର୍କ, ବେଲଭ୍ୟୁ ଛକରେ ବୃକ୍ଷରୋପଣ
ପ୍ରାତଃ ୯.୦୦ଘଟିକା : ରକ୍ତଦାନ ଶିବିର, ଟାଉନହଲ, କଟକ

**ତା. ୩୧.୦୮.୨୦୨୪ ରିଖ ପୂର୍ବାହ୍ନ ଘ. ୮.୦୦ମି ଠାରୁ...**

ପ୍ରାତଃ ୯.୦୦ଘଟିକା : ସ୍ୱଚ୍ଛତା ସଚେତନତା ପଦଯାତ୍ରା
ପୂର୍ବାହ୍ନ ୧୦.୩୦ଘଟିକା : ନିଗମ ଅଂଚଳରେ ସମ୍ପୂର୍ଣ୍ଣ ହୋଇଥିବା ପ୍ରକଳ୍ପ ଗୁଡ଼ିକର ଶୁଭ ଉଦ୍‌ଘାଟନ ମାନ୍ୟବର କେନ୍ଦ୍ର ଶିକ୍ଷା ମନ୍ତ୍ରୀ, ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ସମାହିତ ଏବଂ ମାନ୍ୟବର ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ତଥା ସିଡ଼ିଏ ଅଧ୍ୟକ୍ଷ ଡା କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଭବ୍ୟ ଉପସ୍ଥିତିରେ ।

**ସନ୍ଧ୍ୟା ଘ. ୬.୦୦ମି ରେ ଓ୍ୱିଣ୍ଡସର ପ୍ୟାଲେସ, ସିଡ଼ିଏ ଠାରେ ସାଧାରଣ ସଭା**

ମୁଖ୍ୟ ଅତିଥି :
ଶ୍ରୀଯୁକ୍ତ ବିମଳ ପ୍ରସାଦ ଦାସ, ଅବସରପ୍ରାପ୍ତ ନ୍ୟାୟମୂର୍ତ୍ତି, ଓଡ଼ିଶା ଉଚ୍ଚ ନ୍ୟାୟାଳୟ
ମୁଖ୍ୟ ବକ୍ତା : ଶ୍ରୀଯୁକ୍ତ ଭର୍ତ୍ତୃହରି ମହତାବ, ମାନ୍ୟବର ସାଂସଦ (ଲୋକସଭା) କଟକ
ସତନ୍ତ୍ର ଅତିଥି : ଶ୍ରୀଯୁକ୍ତ ଦେବାଶିଷ ସାମନ୍ତରାୟ, ମାନ୍ୟବର ସାଂସଦ (ରାଜ୍ୟସଭା)

ସମ୍ମାନୀୟ ଅତିଥି ବୃନ୍ଦ :
ଶ୍ରୀଯୁକ୍ତ ପିତାମ୍ବର ଆଚାର୍ଯ୍ୟ, ଆଡ଼ଭୋକେଟ ଜେନେରାଲ, ଓଡ଼ିଶା
ଶ୍ରୀଯୁକ୍ତ ସୌଭିକ ବିଶ୍ୱାଳ, ମାନ୍ୟବର ବିଧାୟକ, ଚୌଦ୍ୱାର କଟକ
ଙ୍କ ସୋଫିଆ ଫିରଦୋସ, ମାନ୍ୟବର ବିଧାୟିକା, ବାରବାଟୀ କଟକ
ଶ୍ରୀଯୁକ୍ତ ପ୍ରକାଶ ଚନ୍ଦ୍ର ସେଠୀ ମାନ୍ୟବର ବିଧାୟକ, କଟକ ସଦର
ଶ୍ରୀଯୁକ୍ତ ପ୍ରଭାତ ତ୍ରିପାଠୀ, ପୂର୍ବତନ ବିଧାୟକ ତଥା ସଭାପତି, କଟକ ମହାନଗର ନିଗମ ମେହେନ୍ତର ସଂଘ
ଶ୍ରୀଯୁକ୍ତ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ, ଜିଲ୍ଲାପାଳ, କଟକ
ଶ୍ରୀଯୁକ୍ତ ପ୍ରକାଶ ଆର୍ ଡିସିପି, କମିଶନରେଟ ପୋଲିସ, କଟକ

୧. ନିଗମ ଅଂଚଳରେ କୃତିତ୍ୱ ଅର୍ଜନ କରିଥିବା ବିଶିଷ୍ଟ ବ୍ୟକ୍ତି ବିଶେଷ ମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ ।
୨. ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ ।
୩. ନିଗମର କର୍ତ୍ତବ୍ୟନିଷ୍ଠ କର୍ମଚାରୀଙ୍କୁ ତାଙ୍କର ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ପୁରସ୍କାର ବିତରଣ ।

ଶ୍ରୀଯୁକ୍ତ ଅନାମ ଚରଣ ପାତ୍ର, ଆୟୁକ୍ତ — ସୁଶ୍ରୀ ଦମୟନ୍ତୀ ମାଝୀ, ଡେପୁଟି ମେୟର — ଶ୍ରୀଯୁକ୍ତ ସୁବାସ ଚନ୍ଦ୍ର ସିଂହ, ମେୟର

ନିଗମର ସମସ୍ତ କର୍ପୋରେଟର, ସମସ୍ତ ଅଧିକାରୀ ଏବଂ କର୍ମଚାରୀ ବୃନ୍ଦ

OIPR-13031/11/0039/2425



By E_Mail/e-Despatch
E_Mail ID : serw_balasore@yahoo.in
Ph-No-06782/260318
Balia, Balasore

**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BALASORE**

O-231

***"e" Procurement Notice for Road Work***

Identification No.- Online Tender- Bridge N.C.B. No.09 for 2024-25.

Letter No 2910 — Date. 27/08/24

1. Name of the work :- Balance road Works under PMGSY-III (2022-23)
2. Total No. of work :- 02 No.
3. Estimated Cost :- Rs. 298.42 to 593.48 lakhs (Approximately)
4. Eligible Class of Contractor :- 'B' & 'A' Class (of Odisha P.W.D.) or relevant Class of other licensing authorities (as per annexure).
5. Period of Completion :- As per Annexure.
6. Other details :-

| Procurement Officer | Bid Identification No. | Availability of tender On-line for bidding: From | Availability of tender On-line for bidding: To | Last Date & Time of seeking Tender Clarification. | Date & Time of Opening of Tender in O/O C.C.E.R.W. Circle, Balasore: Technical Bid | Date & Time of Opening of Tender in O/O C.C.E.R.W. Circle, Balasore: Financial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | N.C.B. No. 09 of 2024-25 | Dt. 04.09.2024 at 11.00 A.M. | Dt. 18.09.2024 up to 5.00 P.M. | Dt. 17.09.2024 up to 5.00 P.M. | Dt. 19.09.2024 at 11.00 A.M. | Will be intimated later. |

- Further details can be seen from the website: www.pmgsytenders.gov.in

Chief Engineer,
R.W. Circle, Balasore.

OIPR-25105/11/0012/2425

ଭୁବନେଶ୍ୱର
୩୦ ଅଗଷ୍ଟ
ଶୁକ୍ରବାର, ୨୦୨୪

RNI Regd. No. : 52640/94
Postal Regd. No. : BN/60/22-24

# ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ କାଳୀୟଦଳନ ବେଶ ସମ୍ପନ୍ନ



**ପୁରୀ, ୨୯/୮ ନ୍ୟୁଜ ବ୍ୟୁରୋ**

ଗୁରୁବାର ଭାଦ୍ରବ କୃଷ୍ଣ ଏକାଦଶୀ ବା କାଳୀୟ ଦଳନ ଏକାଦଶୀ। ଏ ଅବସରରେ ପୁରୀ ଶ୍ରୀମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି ସ୍ୱତନ୍ତ୍ର ନୀତିକାନ୍ତି। ଗୁରୁବାର ଭାଦ୍ରବ କୃଷ୍ଣ ପକ୍ଷ ଏକାଦଶୀ ଥିବାରୁ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ କାଳୀୟଦଳନ ବେଶ ଓ ଧେନୁକାସୁର ବଧ ଅନୁଷ୍ଠିତ ହୋଇଯାଇଛି। ବୁଧବାର ଠାକୁରଙ୍କ ବଣଭୋଜି ବେଶ, କୋଳିବିକା, ବକାସୁର ଓ ଅର୍ଘ୍ୟାସୁର ବଧ ନୀତି ଅନୁଷ୍ଠିତ ହୋଇଯାଇଥିବା ବେଳେ ମହାପ୍ରଭୁ ବାଳଗୋପାଳ ଓ ବଡ଼ଠାକୁର ବଳରାମ ବେଶ ହୋଇଥିଲେ। କିନ୍ତୁ ଗୁରୁବାର ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ବଢ଼ିବା ପରେ ମଦନମୋହନ ଓ ରାମକୃଷ୍ଣଙ୍କୁ ପୂଜାପଣ୍ଡା ସାମନ୍ତ ଆଜ୍ଞାମାଳ ବିଜେ କରାଇଥିଲେ । ପରେ ପୁଷ୍ପାଳକ ସେବକମାନେ ମହାପ୍ରଭୁଙ୍କୁ ଝୁଲଣ ମଣ୍ଡପ ନିକଟରେ ଥିବା ପାଲିଙ୍କିରେ ବିଜେ କରାଇଥିଲେ। ଠାକୁରମାନେ ଶ୍ରୀମନ୍ଦିର ବେଢ଼ା ପରିକ୍ରମା କରି ଲୋକନାଥ ରୋଡ୍ ସ୍ଥିତ ଲବଣୀଖିଆ ମଣ୍ଡପକୁ ବିଜେ କରିଥିଲେ । ସେଠାରେ ବନ୍ଦାପନା, ଶୀତଳ ଭୋଗ ଇତ୍ୟାଦି ନୀତି ସମାପନ ପରେ ମାର୍କଣ୍ଡ ପୁଷ୍କରିଣୀଠାରେ ମହାପ୍ରଭୁଙ୍କ କାଳୀୟଦଳନ ଲୀଳା ସମାପନ ହୋଇଥିଲା । ପରେ ଶୀତଳ ଭୋଗ ଓ ବନ୍ଦାପନା ହୋଇ ମହାପ୍ରଭୁ ବାହୁଡ଼ା ବିଜେ କରାଯାଇଥିଲା। ଶେଷରେ ଜୟବିଜୟ ଦ୍ୱାର ଠାରେ ଏକାଦଶୀ ଭୋଗ ଓ ବନ୍ଦାପନା ନୀତି ବଢ଼ିବା ପରେ ଠାକୁର ଦକ୍ଷିଣୀ ଘରକୁ ବିଜେ କରିଥିଲେ। ଏହାପରେ ଅନ୍ୟାନ୍ୟ ନୀତି ବଢ଼ିବା ପରେ ରତ୍ନ ସିଂହାସନ ଉପରେ ବିରାଜିତ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ କାଳୀୟଦଳନ ବେଶରେ ସଜ୍ଜିତ କରାଯାଇଥିଲା।

# ଭୂମିହୀନ ପରିବାରଙ୍କୁ ଦିଆଯିବ ୪ଡିସିମିଲ୍ ଜମି : ରାଜସ୍ୱ ମନ୍ତ୍ରୀ

**ଭୁବନେଶ୍ୱର, ୨୯/୮ ନ୍ୟୁଜ ବ୍ୟୁରୋ**

ଗୁରୁବାର ବିଧାନସଭାର ପ୍ରଶ୍ନୋତ୍ତର କାଳରେ ଆରଆଇ, ଏଆରଆଇ ଏବଂ ଅମିନ ପଦ ଖାଲି ସମ୍ପର୍କରେ ଏକ ପ୍ରଶ୍ନ ଉପରେ ଦୀର୍ଘ ସମୟ ଧରି ଗୃହରେ ଆଲୋଚନା ହୋଇଥିଲା। ବିଧାୟକ ଅମରେନ୍ଦ୍ର ଦାସଙ୍କ ଏ ସମ୍ପର୍କିତ ମୂଳ ପ୍ରଶ୍ନ ଏବଂ ବିଧାୟକ ସର୍ବଶ୍ରୀ ଡଃ ଅରୁଣ ସାହୁ, ଲକ୍ଷ୍ମଣ ମୁଣ୍ଡା, ଦିବ୍ୟଶଙ୍କର ମିଶ୍ର, ତାରାପ୍ରସାଦ ବାହିନୀପତି ଓ ଟଙ୍କଧର ତ୍ରିପାଠୀ ପ୍ରମୁଖଙ୍କ ଅନ୍ୟ କେତେକ ଅତିରିକ୍ତ ପ୍ରଶ୍ନର ଉତ୍ତର ଦେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଥିଲେ ଯେ, ରାଜ୍ୟରେ ଖାଲି ପଡ଼ିଥିବା ରାଜସ୍ୱ ନିରୀକ୍ଷକ, ସହକାରୀ ରାଜସ୍ୱ ନିରୀକ୍ଷକ ଓ ଅମିନ ପଦବୀ ଗୁଡ଼ିକୁ ପୂରଣ କରିବା ଦିଗରେ ରାଜ୍ୟ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଖାଲି ପଡ଼ିଥିବା ଏହି ପଦବୀ ଗୁଡ଼ିକୁ ଉଭୟ ଚୟନ ପ୍ରକ୍ରିୟା ଓ ପଦୋନ୍ନତି ଭିତ୍ତିରେ ପୂରଣ କରିବା ନିମନ୍ତେ ସରକାର ବିହିତ ପଦକ୍ଷେପ ଗ୍ରହଣ କରୁଛନ୍ତି। ଅଧୁନା ଏମ୍ପାୱାରଡ୍ କମିଟିର ଅନୁମୋଦନ କ୍ରମେ ଖାଲି ପଡ଼ିଥିବା ୭୮୯ ସଂଖ୍ୟକ ରାଜସ୍ୱ ନିରୀକ୍ଷକ, ୧୩୮୫ ସଂଖ୍ୟକ ସହକାରୀ ରାଜସ୍ୱ ନିରୀକ୍ଷକ ଓ ୧୧୬୯ ସଂଖ୍ୟକ ଅମିନ ପଦବୀଗୁଡ଼ିକୁ ପ୍ରତ୍ୟକ୍ଷ ଚୟନ ପ୍ରକ୍ରିୟା ଭିତ୍ତିରେ ପୂରଣ କରିବା ନିମନ୍ତେ ଓଡ଼ିଶା ସବ୍ ଅର୍ଡ଼ିନେଟ ଷ୍ଟାଫ ସିଲେକ୍ସନ କମିଶନଙ୍କ ନିକଟରେ ଅଧିଯାଚନ କରାଯାଇଛି। ରାଜସ୍ୱ ମନ୍ତ୍ରୀ ଆହୁରି କହିଥିଲେ ଯେ, ରାଜ୍ୟର ଗରିବ ଲୋକଙ୍କ ପାଖରେ ରାଜସ୍ୱ ସେବା ପହଞ୍ଚାଇବା, ପ୍ରତ୍ୟେକ ଭୂମିହୀନ ପରିବାରକୁ ୪ ଡିସିମିଲ୍ ଜମି ପଟ୍ଟା ପ୍ରଦାନ କରିବା ଏବଂ ପ୍ରଭାବଶାଳୀଙ୍କ ଦ୍ୱାରା ଜବର ଦଖଲ ହୋଇଥିବା ସରକାରୀ ଜମିକୁ ଜବରଦଖଲ ମୁକ୍ତ କରିବା ପାଇଁ ରାଜ୍ୟ ସରକାର ନିଷ୍ଠା ଓ ପ୍ରତିବଦ୍ଧତାର ସହ କାମ କରୁଛନ୍ତି। ସେ କହିଥିଲେ ଯେ, ଅମିନ, ଆରଆଇ ଓ ଏଆରଆଇମାନଙ୍କ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ବୈଷୟିକ ବିଷୟଯୁକ୍ତ ହୋଇଥିବାରୁ ଏହିସବୁ ପଦ ପାଇଁ ଚୟନ ଓ ନିଯୁକ୍ତି କ୍ଷେତ୍ରରେ ଯଥାର୍ଥ ପଦକ୍ଷେପ ଗ୍ରହଣ କରାଯିବା ଏବଂ ସେମାନଙ୍କ ପାଇଁ ଉପଯୁକ୍ତ ପ୍ରଶିକ୍ଷଣ ବ୍ୟବସ୍ଥା କରାଯିବାର ଆବଶ୍ୟକତା ରହିଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ରାଜସ୍ୱ ଅଧିକାରୀମାନଙ୍କ ପ୍ରଶିକ୍ଷଣ ପାଇଁ ଚାରୋଟି ପ୍ରଶିକ୍ଷଣ ଅନୁଷ୍ଠାନ ଗୋଠପାଟଣା, ଖଲ୍ଲିକୋଟ, ସମ୍ବଲପୁରର ଲପଙ୍ଗ ଏବଂ କେନ୍ଦୁଝରର ଗଡ଼କଳସଠାରେ ରହିଛି। ଖୁବ୍‌ଶୀଘ୍ର କୋରାପୁଟ ଜିଲ୍ଲା ଜୟପୁରଠାରେ ଆଉ ଏକ ପ୍ରଶିକ୍ଷଣ ଅନୁଷ୍ଠାନ ଖୋଲିବାକୁ ଯାଉଛି। ଦକ୍ଷ ତାଲିମପ୍ରାପ୍ତ ତଥା ଅବସରପ୍ରାପ୍ତ ଆରଆଇ, ଅମିନ, ତହସିଲଦାରଙ୍କୁ ରାଜସ୍ୱ ସେବାରେ ପୁନଃନିଯୁକ୍ତି ଦେବା ବିଷୟରେ ବିଚାର କରାଯାଉଛି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଥିଲେ।

# କଳା ଟଙ୍କାର ଚେର ଖୋଜିବାକୁ ଗୁରୁମନ୍ତ୍ର ଦେଲେ ଇଡି ନିର୍ଦ୍ଦେଶକ

**ଭୁବନେଶ୍ୱର, ୨୯/୮ ନ୍ୟୁଜ ବ୍ୟୁରୋ**

ଇଡି କାର୍ଯ୍ୟାଳୟରେ ମାରାଥନ ମିଟିଂ। ରାଜ୍ୟରେ ଇଡି ନେଇଥିବା ମାମଲା ଗୁଡ଼ିକର ତଦନ୍ତ ବିଷୟରେ ଇଡି ଅଧିକାରୀଙ୍କ ସହ ସମୀକ୍ଷା କରିଛନ୍ତି ଓଡ଼ିଶା ଗସ୍ତରେ ଥିବା ଇଡି ନିର୍ଦ୍ଦେଶକ ରାହୁଲ ନବୀନ। ବୈଠକରେ ବିଭାଗୀୟ ଅଧିକାରୀଙ୍କ ସହ ଯୋଗ ଦେଇଥିଲେ ଇଡି ପକ୍ଷରୁ ତଳକୋର୍ଟ, ହାଇକୋର୍ଟ ଓ ସୁପ୍ରିମ କୋର୍ଟରେ ମାମଲା ପରିଚାଳନା କରୁଥିବା ଆଡ଼ଭୋକେଟ। କୋର୍ଟରେ ଥିବା ମାମଲା ସବୁର କେତେ ଅଗ୍ରଗତି ହୋଇଛି, ତା'ର ସମୀକ୍ଷା କରାଯାଇଛି। ଶୀଘ୍ର ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଇଡି ଡାଇରେକ୍ଟର। ଇଡି ଫୋକସରେ ଡ୍ରଗ୍ସ ଓ ଦୁର୍ନୀତିର କଳା ଟଙ୍କା। ସୂଚନା ମିଳିଛି, ଇଡି ନିର୍ଦ୍ଦେଶକଙ୍କ ବୈଠକ ପରେ କିଛି ପୁରୁଣା ମାମଲା ଖୋଲିବା ସହ ନୂଆ ମାମଲା ଇଡି ହାତକୁ ନେବ। ବିଶେଷକରି ଏଟି ଚିଟ ଫଣ୍ଡ ସହ ସିସୋର ମାମଲାର ବି ତନାଘନା ହେବ। ଏହାସହ ଖଣି ଦୁର୍ନୀତି ଓ ଭିଜିଲାନ୍ସ ଜାଲରେ ପଡ଼ିଥିବା କୋଟିପତି ବାବୁଙ୍କ କଳା ଟଙ୍କାର ଉତ୍ସ ଖୋଜିବ ଇଡି।



# ନାଲ୍‌କୋକୁ ସମ୍ମାନଜନକ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର

**ଭୁବନେଶ୍ୱର, ୨୯/୮ ନ୍ୟୁଜ ବ୍ୟୁରୋ**

ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଉଦ୍ୟୋଗ, ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ (ନାଲ୍‌କୋ)କୁ କ୍ରୀଡ଼ା ଏବଂ କ୍ରୀଡ଼ା ପ୍ରୋତ୍ସାହନ କ୍ଷେତ୍ରରେ ସର୍ବଶ୍ରେଷ୍ଠ ଯୋଗଦାନ ପାଇଁ ବର୍ଷ ୨୦୨୩ ନିମନ୍ତେ ଓଡ଼ିଶା ସରକାରଙ୍କ ତରଫରୁ ସମ୍ମାନଜନକ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପ୍ରଦାନ କରାଯାଇଛି । ଜାତୀୟ କ୍ରୀଡ଼ା ଦିବସ ଅବସରରେ ଲୋକସେବା ଭବନ ଠାରେ ଗୁରୁବାର ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନାଲ୍‌କୋ ତରଫରୁ ସି.ଏମ୍.ଡି. ଶ୍ରୀଧର ପାତ୍ର ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଠାରୁ ଏହି ସମ୍ମାନଜନକ ପୁରସ୍କାର ଗ୍ରହଣ କରିଛନ୍ତି । ନାଲ୍‌କୋ ସର୍ବଦା କ୍ରୀଡ଼ା, କ୍ରୀଡ଼ାବିତ୍, କ୍ରୀଡ଼ା ସମ୍ବନ୍ଧୀୟ କାର୍ଯ୍ୟକ୍ରମ ଏବଂ କ୍ରୀଡ଼ା ଭିତ୍ତିଭୂମି ବିକାଶ ନିମନ୍ତେ ସହଯୋଗ ପ୍ରଦାନ କରିଆସିଛି । ପୁରସ୍କାର ଗ୍ରହଣ କରିବା ପରେ, ନାଲ୍‌କୋ ସିଏମଡି ଶ୍ରୀଧର ପାତ୍ର ନିଜର କୃତଜ୍ଞତା ବ୍ୟକ୍ତ କରିବା ସହ କହିଛନ୍ତି ଯେ, "ରାଜ୍ୟରେ ତଥା ଜାତୀୟ ସ୍ତରରେ କ୍ରୀଡ଼ା ଏବଂ ଆନୁସଙ୍ଗିକ କାର୍ଯ୍ୟକଳାପକୁ ସମର୍ଥନ ଏବଂ ପ୍ରୋତ୍ସାହନ ଜାରି ରଖିବା ପାଇଁ ଆମେ ସର୍ବଦା ଚେଷ୍ଟିତ ଏବଂ ଗର୍ବିତ। ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର କ୍ରୀଡ଼ା ସମୁଦାୟକୁ ସମର୍ଥନ କରିବା ନିମନ୍ତେ ନାଲ୍‌କୋକୁ ଅଧିକରୁ ଅଧିକ ପ୍ରେରଣା ଯୋଗାଇବ" ।







ଭୁବନେଶ୍ୱର : ଲୋକସେବା ଭବନଠାରେ ବରଗଡ ରୋଡ୍-ନୂଆପଡା ନୂତନ ରେଳପ୍ରକଳ୍ପ ମଞ୍ଜୁରୀ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଉଛନ୍ତି ବରଗଡରୁ ଆସିଥିବା ପ୍ରତିନିଧି ମାନେ। (ଫଟୋ : ସମ୍ବାଦ କଳିକା)

## ଜାତୀୟ ଶିକ୍ଷକ ସମ୍ମାନ ପାଇଁ ମନୋନୀତ

# ଓଡ଼ିଶାର ଦୁଇ କୃତୀ ଶିକ୍ଷକଙ୍କ ସହ କଥା ହେଲେ ନବୀନ



**ଭୁବନେଶ୍ୱର୨୯/୮ ନ୍ୟୁଜ ବ୍ୟୁରୋ**

ଜାତୀୟ ଶିକ୍ଷକ ସମ୍ମାନ ପାଇଁ ମନୋନୀତ ଓଡ଼ିଶାର ଦୁଇ କୃତବିଦ୍ୟ ଶିକ୍ଷକ ଡ଼କ୍ଟର ଦ୍ୱିତୀଚନ୍ଦ୍ର ସାହୁ ଓ ସନ୍ତୋଷ କୁମାର କରଙ୍କୁ ନବୀନ ପଟ୍ଟନାୟକ ଗୁରୁବାର ବ୍ୟକ୍ତିଗତ ଭାବେ ଫୋନ କରି କଥା ହୋଇଛନ୍ତି। ଏଥିସହ କୃତୀ ଶିକ୍ଷକଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେମାନଙ୍କ ନିଷ୍ଠା ଓ ସାଧନାର ଉଚ୍ଚ ପ୍ରଶଂସା କରିଛନ୍ତି ନବୀନ। ଶିକ୍ଷା ଜରିଆରେ ହିଁ ଏକ ସଚେତନ ଓ ସଶକ୍ତ ସମାଜ ଗଠନ ହୋଇ ପାରିବ ବୋଲି ମତ ଦେଇଥିଲେ ନବୀନ ପଟ୍ଟନାୟକ। ଶିକ୍ଷାଦାନ କ୍ଷେତ୍ରରେ ସେମାନଙ୍କ ଅବଦାନ ପାଇଁ ସେ ଗର୍ବିତ ବୋଲି କହି ଉଭୟଙ୍କୁ ଅଭିନନ୍ଦନ ଜଣାଇଥିଲେ। ଜାତୀୟ ଶିକ୍ଷକ ସମ୍ମାନ ପାଇଁ ମନୋନୀତ ଡ଼କ୍ଟର ଦ୍ୱିତୀଚନ୍ଦ୍ର ସାହୁ ରାୟଗଡା ଜିଲ୍ଲା ବିଲେଶୁ ଆଦିବାସୀ ମଙ୍ଗଳ ବିଭାଗର ସହକାରୀ ଶିକ୍ଷକ ଭାବରେ କାର୍ଯ୍ୟ କରୁଥିବା ବେଳେ ସନ୍ତୋଷ କୁମାର କର କଳାହାଣ୍ଡି ଜିଲ୍ଲା ଜୟଦୁର୍ଗା ହାଇସ୍କୁଲରେ ଶିକ୍ଷକ ଭାବରେ ଅବସ୍ଥାପିତ। ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇବା ସହ ତାଙ୍କ ଆଶୀର୍ବାଦ ଆହୁରି ଭଲ କାମ କରିବା ପାଇଁ ପ୍ରେରଣା ବୋଲି ଉଭୟେ କହିଥିଲେ।

# ସାଲିଆ ସାହିରେ ବୁଲିଲା ବୁଲ୍‌ଡୋଜର : ଭଙ୍ଗା ଗଲା ଦେଶୀ ମଦ ଆଡ୍ଡାସ୍ଥଳୀ

**ଭୁବନେଶ୍ୱର/ଗଞ୍ଜାମ, ୨୮/୯ ନ୍ୟୁଜ ବ୍ୟୁରୋ**

ଗଞ୍ଜାମରେ ମଦ ମୃତ୍ୟୁ ପରେ ଆକ୍ସନ ମୋଡ୍‌ରେ ମୋହନ ସରକାର । ପୁଣି ରାଜଧାନୀ ସାଲିଆ ସାହିରେ ବୁଲିଲା ବୁଲ୍‌ଡୋଜର । ଭଙ୍ଗା ଗଲା ଦେଶୀ ମଦ ଆଡ୍ଡାସ୍ଥଳୀ । ନୀଳଚକ୍ର ନଗର ମୁଣ୍ଡା ସାହି ହାଟରେ ଭୁବନେଶ୍ୱର ଅବକାରୀ ଟିମ୍‌ର ଚଢ଼ଉ ହୋଇଛି । ଜେସିବିରେ ଭଙ୍ଗାଯାଇଛି ଦେଶୀ ମଦର ଆଡ୍ଡାସ୍ଥଳୀ । ବିପୁଳ ପରିମାଣର ଦେଶୀ ଚାଉଳି ମଦ ଜବତ ହୋଇଛି। ଏ ପର୍ଯ୍ୟନ୍ତ ୮ ଜଣ ଗିରଫ ହୋଇଛନ୍ତି । ଜାରି ରହିଛି ଅବକାରୀ ଚଢ଼ଉ । ସେହିପରି ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହ ପୋଲିସ ଜାରି ରଖିଛି ଦେଶୀ ମଦ ଧରପଗଡ ଅଭିଯାନ । ରାଜ୍ୟ ପୋଲିସ ବିଭାଗର ନିର୍ଦ୍ଦେଶ ଅନୁଯାୟୀ ସାରା ରାଜ୍ୟରେ ଚାଲିଛି ଦେଶୀ ମଦ ଧରପଗଡ ଅଭିଯାନ। ବ୍ରହ୍ମପୁର ପୋଲିସ ଜିଲ୍ଲାର ଚିକିଟି, ଦିଗପହଣ୍ଡି ଏବଂ ଜରଡା ଆଦି ଅଞ୍ଚଳରେ ମଦ ପ୍ରସ୍ତୁତ ପାଇଁ ଗଚ୍ଛିତ ରହିଥିବା ପୋଚକୁ ନଷ୍ଟ କରିବା ସହିତ ମଦ ଧରପଗଡ ଅଭିଯାନ ଜାରି ରଖିଛି । ବ୍ରହ୍ମପୁରର ପୋଲିସ ଆରକ୍ଷୀ ଅଧିକ୍ଷକଙ୍କ ଦାୟିତ୍ୱରେ ରହିଥିବା ଡକ୍ଟର ସାର୍ଥକ ଷଡଙ୍ଗୀ ଏନେଇ ସୂଚନା ଦେଇଛନ୍ତି । ସେ କହିଛନ୍ତି, 'ଯେଉଁ ୯ ଜଣ ଗିରଫ ହୋଇଛନ୍ତି ସେମାନେ ମଦ ଯୋଗାଇଥିଲେ ଏବଂ ମଦ ବିକ୍ରି କରିଥିଲେ । ଏହି ଘଟଣାରେ ସମସ୍ତଙ୍କୁ ନଜରରେ ରଖାଯାଇଛି । ଚିକିଟି ମଦମୃତ୍ୟୁ ଘଟଣାରେ ବ୍ରହ୍ମପୁର ଏମକେସିଜି ମେଡିକାଲରେ ଚିକିତ୍ସିତ ହେଉଥିବା ବ୍ୟକ୍ତିବିଶେଷଙ୍କ ମଧ୍ୟରୁ ୩ ଜଣ ସୁସ୍ଥ ହୋଇ ଘରକୁ ଫେରିଥିବାବେଳେ ଏବେବି ଦୁଇ ଜଣ ଆଇସିୟୁରେ ଚିକିତ୍ସିତ ହେଉଛନ୍ତି ।' ସେପଟେ ମଦ ପ୍ରସ୍ତୁତ ହେବା ପରେ ସେଥିରେ ବିଷାକ୍ତ ଦ୍ରବ୍ୟ ପକାଯିବା ଘଟଣାକୁ ଗିରଫ ଅଭିଯୁକ୍ତମାନେ ସ୍ୱୀକାର କରିଥିବା ଚର୍ଚ୍ଚା ହେଉଛି । ହେଲେ ସେଭଳି କୌଣସି ବିଷାକ୍ତ ଦ୍ରବ୍ୟ ହସ୍ତଗତ ହୋଇନାହିଁ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି । ହେଲେ ଦେଶୀ ମଦ ପ୍ରସ୍ତୁତ କରାଯିବା ପରେ କେତେ ପରିମାଣରେ ସେହି ଦ୍ରବ୍ୟ ପକାଯାଉଥିଲା ତାହାକୁ ଖୋଜା ଚାଲିଥିବାବେଳେ ଜବତ ହୋଇଥିବା ନମୁନା ଏବଂ ମୃତକଙ୍କର ଭିସାରା ରିପୋର୍ଟରୁ ଏହା ସ୍ପଷ୍ଟ ହେବ ବୋଲି କୁହାଯାଇଛି। ଏହି ଘଟଣା ପରେ ଉଭୟ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଉଥିବାବେଳେ ୧୫ ରୁ ୧୭ଟି ଅବକାରୀ ମାମଲା ରୁଜୁ ହୋଇଛି । ସେହିପରି ନିୟମିତ ଭାବରେ ୧ ହଜାରରୁ ୨ ହଜାର ଲିଟର ମଦ ପୋଚ ନଷ୍ଟ କରାଯାଇଛି । ସେପଟେ ଅନ୍ୟ ଅସୁସ୍ଥଙ୍କ ସ୍ୱାସ୍ଥ୍ୟବସ୍ଥା ଧୀରେ ଧୀରେ ସୁଧୁରିବାରେ ଲାଗିଛି । ମଦମୃତ୍ୟୁ ଘଟଣାରେ ଗିରଫ ସଂଖ୍ୟା ଗଞ୍ଜାମ ଜିଲ୍ଲାରେ ୧୧ ହୋଇଥିବାବେଳେ ଏହି ଘଟଣାରେ ଅନ୍ୟ କାହାର ସମ୍ପୃକ୍ତି ରହିଛି ସେନେଇ ଖୋଳତାଡ଼ କରୁଛି ପୋଲିସ । ଗ୍ରାମାଞ୍ଚଳ, ଅପହଞ୍ଚ ଇଲାକା ଏବଂ ଦୁର୍ଗମ ଅଞ୍ଚଳରେ ଦେଶୀ ମଦ ପ୍ରସ୍ତୁତ ହେଉଥିବା ସ୍ଥାନରେ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ ଜାରି ରହିଛି।






# ନନ୍ଦନକାନନରେ ସିଂହ ସଂଖ୍ୟା ୨୫କୁ ବୃଦ୍ଧି

## ଖୁସି ଖବର ଦେଲା ସିଂହୀ ବିଜିଳି

**ଭୁବନେଶ୍ୱର, ୨୯/୮ ନ୍ୟୁଜ ବ୍ୟୁରୋ**

ନନ୍ଦନକାନନରୁ ଆସିଲା ଖୁସି ଖବର । ଚତୁର୍ଥ ଥର ପାଇଁ ମାଆ ହେଲା ସିଂହୀ ବିଜିଳି । ଜନ୍ମ ଦେଲା ୫ ସିଂହ ଶାବକ । ସିଂହୀ ବିଜିଳି ଏବଂ ସିଂହ ସମ୍ରାଟ ଔରସରୁ ୫ ଶାବକ ଜନ୍ମ ହୋଇଛନ୍ତି । ଫଳରେ ଏସୀୟ ସିଂହଙ୍କ ସଂଖ୍ୟା ଏବେ ୧୮କୁ ବୃଦ୍ଧି ପାଇଛି । ଏହା ସହିତ ନନ୍ଦନକାନନର ମୋଟ ସିଂହ ସଂଖ୍ୟା ୨୫କୁ ବୃଦ୍ଧି ପାଇଛି । ନନ୍ଦନକାନନ ପ୍ରାଣୀ ଉଦ୍ୟାନର ଉପ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି, ସିଂହୀ ବିଜିଳି ଏବଂ ସିଂହ ସମ୍ରାଟ ମିଳନରୁ ବିଜିଳି ୫ ଶାବକ ଜନ୍ମ ଦେଇଛି। ଯାହା ଫଳରେ ଏସୀୟ ସିଂହଙ୍କ ସଂଖ୍ୟା ମଧ୍ୟ ୧୮କୁ ବୃଦ୍ଧି ପାଇଛି । ଏହା ସହିତ ନନ୍ଦନକାନନର ମୋଟ ସିଂହ ସଂଖ୍ୟା ୨୫କୁ ବୃଦ୍ଧି ହୋଇଛି ।

# ରାଜଧାନୀରେ ଯୁବକଙ୍କୁ ଗୋଡେଇ ଗୋଡେଇ ବିଭତ୍ସ ହତ୍ୟା

**ଭୁବନେଶ୍ୱର, ୨୯/୮ ନ୍ୟୁଜ ବ୍ୟୁରୋ**

ରାଜଧାନୀରେ ବିଭତ୍ସ ହତ୍ୟାକାଣ୍ଡ। ଯୁବକଙ୍କୁ ଗୋଡେଇ ଗୋଡେଇ ହତ୍ୟା। ଖଣ୍ଡଗିରି ଥାନା ଅନ୍ତର୍ଗତ ଡୁମୁଡୁମା ରଘୁନାଥ ନଗର ୩ ନମ୍ବର୍ ଗଳିରେ ଘଟିଛି ଏହି ହତ୍ୟାକାଣ୍ଡ। ବୁଧବାର ମଧ୍ୟ ରାତିରେ ଘଟିଛି ଏହି ହତ୍ୟାକାଣ୍ଡ। ମୃତକ ରଘୁନାଥ ନଗରର ଜଗତ ମଲିକ । ଜଗତ ଘରକୁ ଫେରୁଥିବା ସମୟରେ ପୂର୍ବରୁ ଲୁଚି ରହିଥିବା ଦୁର୍ବୃତ୍ତମାନେ ଜଗତଙ୍କୁ ପଛପଟୁ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଏକ ତରଫା ପ୍ରେମକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ଜଣାପଡିଛି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସପିଟାଲକୁ ପଠାଇ ଯାଇଛି। ହତ୍ୟାକାଣ୍ଡ ପରେ ଜଣେ ଅଭିଯୁକ୍ତ ନାବାଳକ ଖଣ୍ଡଗିରି ଥାନାରେ ଆତ୍ମ ସମର୍ପଣ କରିଛି। ତେବେ ଘଟଣାସ୍ଥଳରେ ଉତ୍ତେଜନାକୁ ଆଖି ଆଗରେ ରଖି ଖଣ୍ଡଗିରି ପୋଲିସ ଜଗି ରହିଛି ।



## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସୂତ୍ର : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

